

ଫ୍ରେଞ୍ଚ୍ ଓପନ୍: ଫାଇନାଲ୍‌ରେ ଆଲ୍‌କାରାଜ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-339 ◆BHUBANESWAR ◆SATURDAY ◆7 JUNE 2025 ◆PAGE-12 ◆₹ 6.00

SAMBALPUR

◆ବର୍ଷ-୪୨ ◆ସଂଖ୍ୟା-୩୩୯ ◆ଭୁବନେଶ୍ୱର ◆ଶନିବାର ◆୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଲଜ୍ଜା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଘଟଣା ଚପାଇଦେଲେ

■ ବ୍ରହ୍ମପୁର/କନିଷି, ୬।୬ (ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ତଥା ଗୋଳନ୍ଥରା ଥାନା ଅଞ୍ଚଳର ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକାଙ୍କୁ ଅପହରଣ ଓ ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଳନ୍ଥରା ଥାନାରେ ଉଭୟ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।

ଗତ ୩ ତାରିଖ ମଧ୍ୟାହ୍ନ ୨ଟାରେ ଦୁଇଜଣ ନାବାଳିକା (୧୪ ଓ ୧୫ବର୍ଷ)ଙ୍କୁ ୪ଜଣ ଯୁବକ ତାଙ୍କ ଗ୍ରାମରୁ ଅପହରଣ କରି ନିକଟସ୍ଥ ଓଡିଆରପି କଲୋନୀକୁ ନେଇ ଯାଇଥିଲେ। ସେଠାରେ ପ୍ରଥମେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଦୁଷ୍କର୍ମ କରିଥିଲେ। ପରେ ୨ଜଣ ଯୁବକ ଉଭୟ ନାବାଳିକାଙ୍କୁ ବଳପୂର୍ବକ ବାଇକ୍ ଯୋଗେ ଆର୍ଯ୍ୟପଲ୍ଲୀ ଓ ପରେ ନୋଳିଆ ନୂଆଗାଁକୁ ନେଇଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ଖୋଦ୍ ପୀଡ଼ିତା ଓ ସେମାନଙ୍କ ପରିବାର ପକ୍ଷରୁ କୁହାଯାଇଛି। ୩ ତାରିଖ ବିଳମ୍ବିତ ରାତିରେ ଉଭୟ ନାବାଳିକାଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ନାବାଳିକା ଦ୍ୱୟ ନିଖୋଜ ହେବା ପରେ ସେମାନଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବାବେଳେ ୪ତାରିଖ ସକାଳେ ନୋଳିଆ ନୂଆଗାଁରୁ ଉଭୟ ନାବାଳିକାଙ୍କ ସନ୍ଧାନ ମିଳିଥିଲା। ଉଭୟଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମର ଭଦ୍ରଲୋକଙ୍କୁ ଜଣାଇଥିଲେ। ତେବେ ଘଟଣାର ସମାଧାନ କରିବା ପରିବର୍ତ୍ତେ ଚପାଇ ଦେବାକୁ ବିଭିନ୍ନ ଆଡୁ ଚାପ ପଡିବା ସହ ଧମକଚମକ ମିଳିଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ନିରୁପାୟ ହୋଇ ନ୍ୟାୟ ଆଶାରେ ଉଭୟ ପୀଡ଼ିତା ନାବାଳିକାଙ୍କ ପରିବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ।

ସୂଚନା ଅନୁସାରେ ଉଭୟ ନାବାଳିକା ସମ୍ପର୍କୀୟା ଭଉଣୀ। ଜଣେ ମାମୁଁ ଘରକୁ ଆସିଥିବାବେଳେ ଅନ୍ୟଜଣଙ୍କ ଘର ଉକ୍ତ ଗ୍ରାମରେ। ଏକ ବିବାହ ଭୋଜିବେଳେ ଗହଳିର ସୁଯୋଗ ନେଇ ସମ୍ପୃକ୍ତ ଅଞ୍ଚଳର ଯୁବକମାନେ ସେମାନଙ୍କୁ ଅପହରଣ କରି ପରେ ▶ପୃଷ୍ଠା-୭

# ୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

**'ମୁଖ୍ୟମନ୍ତ୍ରୀ ସହରୀ ବିକାଶ'ରେ ଖର୍ଚ୍ଚହେବ ୬୦୦୦ କୋଟି**

**ଚଳିତ ଆର୍ଥିକ ବର୍ଷ ପାଇଁ ୧୧୦୦ କୋଟି ବ୍ୟୟ ଅଟକଳ**

**ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ ମଞ୍ଜୁରୀ; ୪ ବର୍ଷରେ ୧୧୧୩ କୋଟି ବ୍ୟୟ ଅଟକଳ**

**ଛେଲିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ, ସ୍ପିଲ୍ ୱେକୁ ମଞ୍ଜୁରୀ**

**ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନାମରେ ଆବଣ୍ଟିତ ଜମି ପାଇଁ ୨.୬୦ କୋଟି ଟଙ୍କା ଛାଡ଼**

■ ଭୁବନେଶ୍ୱର, ୬।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରମୁଖ ପ୍ରସ୍ତାବ ମଧ୍ୟରେ ସହରାଞ୍ଚଳ ଗୁଡ଼ିକର ସମନ୍ୱିତ ବିକାଶ ପାଇଁ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'କୁ ଅନୁମୋଦନ ମିଳିଛି। ରାଜ୍ୟର ସହର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ରାଜସ୍ୱ ବୃଦ୍ଧି କରିବା ଯୋଜନାର ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ ୨୦୨୫ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ଏଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା'କୁ ବୈଠକରେ ଅନୁମୋଦନ ମିଳିଥିବା ବେଳେ ଏହାଦ୍ୱାରା ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରି ସମାଜକୁ ଲାଭ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ଶିଳ୍ପ, କୃଷି, ଚିକିତ୍ସା ଓ ପରିବେଶ ସହ ଜୈବପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ପାଇଁ ଏହି ଯୋଜନା ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରଖାଯାଇଛି। ସେହିପରି ଅନ୍ୟ ପ୍ରସ୍ତାବ ଦ୍ୱୟ ମଧ୍ୟରେ ଛେଲିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ▶ପୃଷ୍ଠା-୭


DADLS-25

ସତ୍ୟମେବ ଜୟତେ



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0671/2526


# ଅଶୁଭ ଶୁକ୍ରବାର ଦୁର୍ଘଟଣାରେ ଗଡ଼ିଲା ୭ ମୁଣ୍ଡ

**ଟ୍ୟାଙ୍କର୍ ଧକ୍କାରେ ଗଲା ମାମୁ ଓ ଦୁଇ ଭାଣିଜୀଙ୍କ ଜୀବନ**

**ଗଛରେ ପିଟିହେଲା ଟାଟା ମ୍ୟାଜିକ୍; ଦମ୍ପତି ମୃତ**

**ବସ୍ ଧକ୍କାରେ ଗଲା ୨ ବାଇକ୍ ଆରୋହୀଙ୍କ ଜୀବନ**



■ ଦିଗପହଣ୍ଡି/କୋଲାବିରା/ଦେବଗଡ଼, ୬।୬ (ସମିସ): ଦୁର୍ଘଟଣାରେ ଆଜି ରାଜ୍ୟରେ ୭ଜଣଙ୍କ ମୁଣ୍ଡ ଗଡ଼ିଛି। ଗଂଜାମ ଜିଲ୍ଲା ଦେଇ ଯାଇଥିବା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଟ୍ୟାଙ୍କର୍ ଧକ୍କାରେ ମାମୁଁ ସମେତ ୨ ଭାଣିଜୀଙ୍କ ମୃତ୍ୟୁ ଘଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଧକ୍କାରେ ୨ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି। ସେହିପରି, ଦେବଗଡ଼ ଜିଲ୍ଲା ଅସନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥରେ ଏକ ଟାଟା ମ୍ୟାଜିକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ସେଥିରେ ଥିବା ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସୂଚନାନୁସାରେ, ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ବଜାଜ୍ ସୋ' ରୁମ୍ ସାମ୍ନାରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ, ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି. ତ୍ରିନାଥ ରେଡ୍ଡୀ(୩୯) ଏବଂ ତାଙ୍କ ଦୁଇଭାଣିଜୀ ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ (୧୮) ଓ ▶ପୃଷ୍ଠା-୭








ସକାଳ THE SAKALA
www.sakalaepaper.com

# ଗାଜାରେ ୨୪୦୦ ଟଙ୍କାରେ ବିକ୍ରି ହେଉଛି ଭାରତର ବିସ୍କୁଟ୍

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ଭାରତରେ ୫ ଟଙ୍କା ମୂଲ୍ୟର ବିସ୍କୁଟ୍ ଯୁଦ୍ଧବିଧ୍ୱସ୍ତ ଗାଜରେ ୨, ୪୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବିସ୍କୁଟ୍ ଭାରତର ଘରେ ଘରେ ବେଶ୍ ଆଦୃତ। କମ୍ ଦାମ୍‌ରେ ମିଳୁଥିବା ଏହି ବିସ୍କୁଟ୍‌କୁ ପିଲାମାନେ ଖାଇବାକୁ ଭଲ ପାଆନ୍ତି ଓ ଖାସ୍ କରି ଚା ପାନ ବେଳେ ଏହାର ଗୁରୁତ୍ୱ ବଢ଼ିଯାଇଥାଏ। ଭାରତରେ ନିହାତି ଶସ୍ତାରେ ମିଳୁଥିବା ଏହି ବିସ୍କୁଟ୍ ଗାଜାରେ କିନ୍ତୁ ୫୦୦ ଗୁଣା ଅଧିକ ମୂଲ୍ୟରେ ମିଳୁଛି। ଗାଜାରୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ପୋଷ୍ଟରୁ ଏହା ଜଣାପଡ଼ିଛି। ମହମ୍ମଦ ଜବାଦ ନାମକ ଜଣେ ବ୍ୟକ୍ତି ଏକ୍ସରେ ପୋଷ୍ଟ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ୨୪ ୟୁରୋରେ ଗୋଟିଏ ବିସ୍କୁଟ ପ୍ୟାକେଟ ମିଳୁଛି ବୋଲି ସେ ଭିଡିଓରେ କହିଥିବାର ଲକ୍ଷ୍ୟ କରାଯାଇଛି

ଉଲ୍ଲେଖଥାଉ କି, ୨୦୨୩ରେ ହମାସର ଆକ୍ରମଣ ପରେ ଇସ୍ରାଏଲ୍ ପାଲେଷ୍ଟାଇନ୍ ଓ ଗାଜାରେ ଆକ୍ରମଣ କରିଥିଲା ଓ ଏହା ଏପର୍ଯ୍ୟନ୍ତ ଜାରି ରହିଛି। ଫଳରେ ଗାଜାରେ ଅହେତୁକ ଭାବେ ଖାଦ୍ୟ ପଦାର୍ଥର ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ପାର୍ଲେ-ଜି ଭଳି ଗାଜାରେ ଏକ କେଜି ଚିନିର ଦାମ୍ ୪, ୯୧୪ ଟଙ୍କା ରହିଛି। ସେହିପରି ଏକ ଲିଟର ଖାଇବା ତେଲରୁ ମୂଲ୍ୟ ୪, ୧୭୭ ଟଙ୍କା, ଏକ କେଜି ଆଳୁର ଦାମ୍ ୧, ୯୫୬ ଟଙ୍କା, ଏକ କେଜି ପିଆଜର ଦାମ୍ ୪, ୪୭୩ ଟଙ୍କା, ଗୋଟିଏ କଫ୍ କପ୍‌ର ଦାମ ୧, ୮୦୦ ଟଙ୍କାରେ ପହଞ୍ଚିଛି।



# ଚୀନ୍‌ର ସାହାଯ୍ୟ ମାଗିଲା ଇରାନ



ତେହେରାନ୍, ୬।୬(ଏଜେନ୍ସି): ବାଲାଷ୍ଟିକ୍ ମିସାଇଲ ନିର୍ମାଣ ପାଇଁ ଇରାନ୍ ଚୀନ୍‌ର ସହାୟତା ମାଗିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହିକ୍ରମରେ ଚୀନ୍‌ଠାରୁ ଇରାନ ହଜାର ହଜାର ଟନ୍‌ର ସଲିଡ ଫୁଏଲ ବା ଇନ୍ଧନ ଏବଂ ରକେଟ ଅକ୍ସିଡାଇଜର ଆମୋନିୟମ ପେରକ୍ଲୋରେଟ୍ ମଗାଇଛି। ଏଥିରୁ ୮୦୦ରୁ ଊର୍ଦ୍ଧ୍ୱ ବାଲାଷ୍ଟିକ ମିସାଇଲ ନିର୍ମାଣ କରିହେବ। ଏ ନେଇ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲ ତା'ର ରିପୋର୍ଟ ପ୍ରକାଶ କରିଛି। ଖୁବ୍‌ଶୀଘ୍ର ଏହି ଜିନିଷ ଇରାନରେ ପହଞ୍ଚିବ। ଇରାନର ସାମରିକ ଦକ୍ଷତାରେ ବୃଦ୍ଧି କରିବାକୁ ଏପରି କରାଯିବ ବୋଲି କୁହାଯାଇଛି। ଇସ୍ରାଏଲର ଆକ୍ରମଣ ପରେ ଇରାନ ପୁଣିଥରେ ନିଜର ମିସାଇଲ କ୍ଷମତାକୁ ଫେରାଇବାକୁ ପ୍ରୟାସ କରିବ। ତେବେ ଏ ନେଇ ଆମ ପାଖରେ କିଛି ଖବର ନାହିଁ ଓ ଏହି ଡିଲ୍ ବିଷୟରେ ଆମକୁ କିଛି ଜଣାନାହିଁ ବୋଲି ଚୀନ୍ ତରଫରୁ କୁହାଯାଇଛି। ପୂର୍ବରୁ ଅବଶ୍ୟ ଇରାନର ମିସାଇଲ କାର୍ଯ୍ୟକ୍ରମରେ ଚୀନ୍ କମ୍ପାନୀ ଓ ଅଧିକାରୀଙ୍କ ଭୂମିକା ରହିଆସିଛି ବୋଲି ଆମେରିକା ବାରମ୍ବାର କହିଆସିଛି। ଗତ ଫେବୃଆରୀ ଓ ମାର୍ଚ୍ଚରେ ଇରାନର ବନ୍ଦରରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ଆମୋନିୟମ ପେରକ୍ଲୋରେଟ୍ ବିସ୍ଫୋରଣ ହେବା କଥା ସାମ୍ନାକୁ ଆସିଥିଲା। ଏହା ଚୀନରୁ ଆସିଥିବାର ଅନୁମାନ କରାଯାଉଥିଲା। ଫଳରେ ଇରାନ ଓ ଚୀନ୍ ମିଳିତ ଭାବେ ଏ ନେଇ କାର୍ଯ୍ୟ କରୁଥିବା ଆଶାଙ୍କା କରାଯାଉଛି।

### ବେଙ୍ଗାଲୁରୁ ଦଳାଚକଟା

# ଆରସିବି କର୍ମକର୍ତ୍ତାଙ୍କ ସମେତ ୪ ଗିରଫ

ବେଙ୍ଗାଲୁରୁ, ୬।୬: ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ କେଠାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି କର୍ଣ୍ଣାଟକ ସରକାର। ଦାୟିତ୍ୱରେ ଅବହେଳା ଲାଗି ଗତକାଲି ବେଙ୍ଗଳୁରୁ ପୁଲିସ କମିସନର, ଡେପୁଟି ପୁଲିସ କମିସନରଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ବିଭାଗ ମୁଖ୍ୟ ନିଖିଲ ସୋସାଲେଙ୍କୁ ଗିରଫ କରାଯାଇଛି। ତାଙ୍କ ସହିତ ଆଉ ତିନି ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଭୟରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ କର୍ମକର୍ତ୍ତାମାନେ ଫେରାର ହୋଇଯାଇଥିଲେ। ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ସେମାନଙ୍କ ଗିରଫଦାରି ଉପରେ କୋର୍ଟ ରୋକ୍ ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଏହି ଘଟଣାରେ ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି।

ଗତକାଲି ପୁଲିସ କମିସନରଙ୍କୁ ସସପେଣ୍ଡ କରିବା ପରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଆଇପିଏଲ ବିଜୟ ଉତ୍ସବର ଆୟୋଜକମାନଙ୍କୁ ମଧ୍ୟ ଗିରଫ କରାଯିବ। ସେହି ଅନୁସାରେ ସେମାନଙ୍କ ବିରୋଧରେ ଏଫଆଇଆର ମଧ୍ୟ ଦାଖଲ କରାଯାଇଥିଲା। ଆଜି ଆରସିବି ମାର୍କେଟିଂ ମୁଖ୍ୟଙ୍କ ସହିତ ଡିଏନର ବରିଷ୍ଠ କର୍ମକର୍ତ୍ତା ସୁନିଲ ମାଥ୍ୟୁଙ୍କୁ ମଧ୍ୟ ଗିରଫ କରିଛି। ମାଥ୍ୟୁ ମୁମ୍ବାଇ ଯିବା ଲାଗି ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ପୁଲିସ ତାଙ୍କୁ ଗିରଫ କରିନେଇଥିଲା। ଏହି ମାମଲାରେ ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ବରିଷ୍ଠ ଆଇପିଏସ ଅଧିକାରୀ ସୀମନ୍ତ କମ୍ବାର ସିଂହ ଆଜି ବେଙ୍ଗାଲୁରୁର ନୂଆ ପୁଲିସ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନକୁ ଖାରଜ କରି କୋର୍ଟ ଏହି ୪ ଜଣଙ୍କୁ ୧୫ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଛନ୍ତି।

**■ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ବରଖାସ୍ତ**

**■ କ୍ରିକେଟ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ କୋର୍ଟ ଆଶ୍ୱସ୍ତି**

ଆର୍‌ସିବି ମାର୍କେଟିଂ ମୁଖ୍ୟ ନିଖିଲ କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ ଗିରଫଦାରିକୁ ଚାଲେଞ୍ଜ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଦଳାଚକଟା ପାଇଁ ସେ କୌଣସି ଦୃଷ୍ଟିରୁ ଦାୟୀ ନୁହନ୍ତି। ତାଙ୍କର ଗିରଫଦାରିକୁ ସେ ବେଆଇନ ଓ ଏକତରଫା କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପକ୍ଷରେ ଗିରଫ ଭୟରେ ଫେରାର ଥିବା କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଭାପତି ରଘୁରାମ, ସଂପାଦକ ଏ. ଶଙ୍କର, କୋଷାଧକ୍ଷ ଜୟରାମ ଏବଂ ଅନ୍ୟ କର୍ମକର୍ତ୍ତା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ସେମାନଙ୍କୁ ଅନ୍ତିରିଣ ସୁରକ୍ଷା ପ୍ରଦାନ କରିଛନ୍ତି। ଗତକାଲି ହାଇକୋର୍ଟ ଦଳାଚକଟା ମାମଲାର ଶୁଣାଣି କରିବା ସହିତ ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏବେ ବି ଦୋଷ ଲଦାଲଦି ଚାଲିଛି। ଆୟୋଜକମାନେ ଏହି ମାମଲାରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହିତ ସମସ୍ତ ଦୋଷ ପୁଲିସ ଓ ପ୍ରଶାସନକୁ ଦେଇଛନ୍ତି। ସେମାନେ କହିଛନ୍ତି ଯେ ପୁଲିସର ବିଫଳତାକୁ ଲୁଚାଇବା ଲାଗି ଆୟୋଜକମାନଙ୍କୁ ବଳି ପକାଯାଉଛି।

ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଆଜି ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି। ଗୋବିନ୍ଦରାଜ ଏବେ ବିଧାୟକ ଅଛନ୍ତି। ତାଙ୍କୁ କାହିଁକି ହଟାଯାଇଛି, ସେ ସଂପର୍କରେ କିଛି କୁହାଯାଇନଥିଲେ ମଧ୍ୟ ବେଙ୍ଗାଲୁରୁ ଦଳାଚକଟା ସହିତ ଏହି କାର୍ଯ୍ୟାନୁଷ୍ଠାନକୁ ଯୋଡ଼ାଯାଉଛି। ଏହି ଦଳାଚକଟାରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ୫୦ ଜଣ ଆହତ ହୋଇଥିଲେ।

# ବିଶ୍ୱର ସୁଉଚ୍ଚ ରେଳ ଆର୍କ ବ୍ରିଜ୍ ଚେନାବ୍ ସେତୁ ଉଦ୍‌ଘାଟିତ



ନୂଆଦିଲ୍ଲୀ,୬।୬(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ସେତୁ ଚେନାବ ସେତୁ ଆଜି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି। ଏହାଛଡା ଦେଶର ପ୍ରଥମ କେବୁଲ ସମର୍ଥିତ ରେଳ ସେତୁ ଅଞ୍ଜି ସେତୁ ଉଦଘାଟିତ ହୋଇଛି। ଶୁକ୍ରବାର ଜାମ୍ମୁ ଏବଂ କାଶ୍ମୀରର କଟରାଠାରେ ପ୍ରଧାନମନ୍ତ୍ରୀ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ଜାମ୍ମୁ ଏବଂ କାଶ୍ମୀର ମଧ୍ୟରେ ସଂଯୋଗୀକରଣକୁ ବୃଦ୍ଧି କରିବ। ଏହି ୪୬,୦୦୦ କୋଟି ଟଙ୍କାର ପ୍ରକଳ୍ପ ଜାମ୍ମୁ ଏବଂ କାଶ୍ମୀରରେ ବିକାଶକୁ ତ୍ୱରାନ୍ୱିତ କରିବ, ପ୍ରଗତି ଏବଂ ସମୃଦ୍ଧିକୁ ଆଗେଇ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତ୍ୱରାନ୍ୱିତ ହେବା ଏବଂ ବର୍ତ୍ତମାନ ସଫଳତାର ସହିତ ସମାପ୍ତ ହେବା ସେମାନଙ୍କ ସରକାରଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ। କଷ୍ଟକର ଭୂମି ପରିସ୍ଥିତି, ଚରମ ପାଣିପାଗ ଏବଂ ପାହାଡ଼ରୁ ପଥର ଖସିବା ଭଳି ଆହ୍ୱାନଗୁଡ଼ିକ ମଧ୍ୟରେ କାମ ଶେଷ କରାଯାଇଛି, ଯାହା ପ୍ରକଳ୍ପକୁ ଅତ୍ୟନ୍ତ କଠିନ ଏବଂ ଆହ୍ୱାନପୂର୍ଣ୍ଣ କରିଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଜାମ୍ମୁ ଏବଂ କାଶ୍ମୀରରେ ଚାଲିଥିବା ଅନେକ ସର୍ବକାଳୀନ

**■ ଜାମ୍ମୁ,କାଶ୍ମୀରରେ ୪୬,୦୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ**

**■ ପ୍ରଥମ କେବୁଲ ସମର୍ଥିତ ଅଞ୍ଜି ସେତୁର ଲୋକାର୍ପଣ**

ଭିତ୍ତିଭୂମି ପ୍ରକଳ୍ପ ଏହି ପ୍ରତିବଦ୍ଧତାର ଉଦାହରଣ। ସେ ସମ୍ପ୍ରତି ଖୋଲାଯାଇଥିବା ସୋନମାର୍ଗ ସୁଡ଼ଙ୍ଗ ଏବଂ ଚେନାବ ସେତୁ ଏବଂ ଅଞ୍ଜି ସେତୁ ଉପରେ ଯାତ୍ରା କରିବାର ତାଙ୍କ ଅଭିଜ୍ଞତାକୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବରେ ବ୍ୟକ୍ତ କରିଥିଲେ। ଲୋକେ ଏଫେଲ୍ ଟାୱାର ଦେଖିବା ପାଇଁ ପ୍ୟାରିସ ଯାତ୍ରା କରିଥାନ୍ତି, ଚେନାବ ସେତୁ ଉଚ୍ଚତାରେ ଏହାକୁ ଅତିକ୍ରମ କରିଛି, ଯାହା ଏହାକୁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସଫଳତା ନୁହେଁ ବରଂ ଏକ ଉଦୀୟମାନ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଥାଏ। ସେହିପରି, ପ୍ରଧାନମନ୍ତ୍ରୀ ଅଞ୍ଜି ସେତୁକୁ ଏକ ଇଞ୍ଜିନିୟରିଂ କ୍ଷେତ୍ରର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ, ଯାହା ଭାରତର ପ୍ରଥମ କେବୁଲ - ସମର୍ଥିତ ରେଳ ସେତୁ। ସର୍ବୋପରି, ସେ ଗୁରୁତ୍ୱାରୋପ କରିଥିଲେ ଯେ, ପବିତ୍ର ଉଦ୍ଦେଶ୍ୟ ଏବଂ ନିରନ୍ତର ସମର୍ପଣ ହେଉଛି ଭାରତର ପରିବର୍ତ୍ତନ ପଛରେ ପ୍ରେରଣାଦାୟକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜାମ୍ମୁ କାଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ଭି. ସୋମନ୍ନା, ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର କୁମାର, ଜାମ୍ମୁ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ସୁନୀଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାରେ ଆୟୋଜନ ହେବାକୁ ଯାଉଥିବା ଜି-୭ ସମିଟ୍‌ରେ



ଯୋଗ ଦେବେ। କାନାଡ଼ା ନବନିର୍ବାଚିତ ପ୍ରଧାନମନ୍ତ୍ରୀ ମାର୍କ ଜେ କାର୍ଣ୍ଣିଙ୍କ ନିମନ୍ତ୍ରଣ ମିଳିବା ପରେ ମୋଦୀ ଏ ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ଏ ନେଇ ଦୁଇ ଦେଶର ମୁଖ୍ୟ ଟେଲିଫୋନ୍‌ରେ କଥା ହୋଇଛନ୍ତି। କାର୍ଣ୍ଣିଙ୍କୁ ନିର୍ବାଚନ ବିଜୟରେ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଜି-୭ ସମିଟ୍‌ର ଏହି ୫୧ତମ ସଂସ୍କରଣକୁ ନିମନ୍ତ୍ରଣ କରିଥିବାରୁ ସେ କାର୍ଣ୍ଣିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କଥାବାର୍ତ୍ତାକୁ ନେଇ ମୋଦୀ ଖୁସି ଜାହିର କରିଛନ୍ତି। ଏନେଇ ମୋଦୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କାର୍ଣ୍ଣିଙ୍କ ସହ କଥା ହୋଇ ବେଶ୍ ଖୁସି ଅନୁଭବ କରୁଛି। ଦୁଇ ଦେଶରେ ଗଣତନ୍ତ୍ର ଆହୁରି ଶକ୍ତିଶାଳୀ ହୋଇଛି ଓ ଏହା ଦୁଇଦେଶର ନାଗରିକଙ୍କୁ ଏକାଠି କରିଛି। ଏହାପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ କାର୍ଯ୍ୟକାଳରେ ଖଲିସ୍ତାନୀଙ୍କ ବିରୋଧ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା। କିନ୍ତୁ କାର୍ଣ୍ଣିଙ୍କ ନେତୃତ୍ୱରେ ଦୁଇ ଦେଶ ପୁଣିଥରେ ଏକାଠି ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକାଠି କାର୍ଯ୍ୟ କରିବେ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଜି-୭ ସମ୍ମିଳନୀକୁ ମୋଦୀଙ୍କ ନିମନ୍ତ୍ରଣ କରାଯାଇ ନଥିବାରୁ ଚର୍ଚ୍ଚା ହେଉଥିଲା। ଏବେ ଏହି ଚର୍ଚ୍ଚାର ଅନ୍ତ ଘଟିବ ବୋଲି ଆଶା କରାଯାଉଛି।

# ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଗିରଫ୍

ଜଳନ୍ଧର, ୬।୬(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିପି ନେତା ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜିଶାନ ଅଖତାର ଉର୍ଫ ଜସି ପୁରେୱାଲାକୁ କାନାଡା ପୁଲିସ୍ ଗିରଫ୍ କରିଛି। ତେବେ ସେ କିଭଳି



ଗିରଫ୍ ହୋଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ୨୦୨୪ ଅକ୍ଟୋବର ୧୨ରେ ପୁଅ ଜିସାନ ସିଦ୍ଦିକିଙ୍କ ଅଫିସ ଆଗରେ ବାବାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟିକରି ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଜିଶାନ ଅଖତାର ଜଳନ୍ଧରରେ ରହୁଛି ବୋଲି ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ସେ ବିଦେଶ ଚାଲିଯାଇଥିଲା। ତାକୁ ଭଗାଇବାରେ ପାକିସ୍ତାନୀ ଡନ୍ ଶାହଜାଦ ଭଟ୍ଟୀ ସହାୟତା କରିଥିଲା। କିନ୍ତୁ କିଛିଦିନ ତଳେ ବିଷ୍ଣୋଇ ଗ୍ୟାଙ୍ଗ୍ ଜିସାନକୁ ମାରିବାକୁ ଧମକ ଦେଇ ମାମଲାରେ ଦ୍ୱନ୍ଦ୍ୱ ବଢ଼ାଇଥିଲା।

# ଟ୍ରମ୍ପ-ମସ୍କ ମୁହାଁମୁହିଁ



ୱାସିଂଟନ, ୬।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ପ୍ରମୁଖ ଗ୍ରହଣ କରିଥିଲେ ଶିଳ୍ପପତି ଏଲନ ମସ୍କ। ନିର୍ବାଚନରେ ବିଜୟୀ ହେବାପରେ ଟ୍ରମ୍ପ ଓ ମସ୍କ ମଧ୍ୟରେ ସଂପର୍କ ଏତେ ନିବିଡ଼ ହୋଇଯାଇଥିଲା ଯେ ଦୁହେଁ ପରସ୍ପରକୁ ପ୍ରଶଂସାରେ ପୋତି ପକାଉଥିଲେ। କିନ୍ତୁ ଏବେ ହଠାତ ଟ୍ରମ୍ପ ଓ ମସ୍କ ଶତ୍ରୁ ପାଲଟିଯାଇଛନ୍ତି। ଦୁହେଁ ପରସ୍ପର ବିରୋଧରେ ବିଷୋଦଗାର କରିବା।ରେ ଲାଗି ପଡ଼ିଛନ୍ତି। ଟ୍ରମ୍ପ ତାଙ୍କ ପାଇଁ ନିର୍ବାଚନ ଜିତିଛନ୍ତି, କିନ୍ତୁ କୃତଜ୍ଞ ହେଉ ନାହାନ୍ତି। ମସ୍କଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଟ୍ରମ୍ପ କହିଛନ୍ତି ଯେ ମସ୍କ ପାଗଳ ହୋଇଯାଇଛନ୍ତି।

ଟ୍ରମ୍ପ ସରକାରରୁ ଓହରିଯିବା ପରେ ହିଁ ଏଲନ ମସ୍କ ଖୋଲାଖୋଲି ଭାବେ ତାଙ୍କର ବିରୋଧ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଗତକାଲି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟ।ରେ ଯୁକ୍ତିତର୍କ ହୋଇଥିଲା। କଥା ଏତେବାଟ ବଢ଼ିଯାଇଥିଲା ଯେ, ମସ୍କ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ଦାବି କରିଥିଲେ। କହିଥିଲେ ।।ଯେ 'ମୋ ସାହାଯ୍ୟ ବିନା ଟ୍ରମ୍ପ କଦାପି ନିର୍ବାଚନ ଜିତିପାରି ନଥାନ୍ତେ। ଟ୍ରମ୍ପ ଏବେ ବେଇ କରିଛନ୍ତି।' ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ 'ବିଗ୍ ବିୟୁଟିଫୁଲ ବିଲ୍' ଅର୍ଥାତ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ଅଯଥା ଖର୍ଚ୍ଚ କରିବାର ଏକ ପ୍ରକ୍ରିୟା ବୋଲି ମସ୍କ କହିଛନ୍ତି। ତେଣୁ ଟ୍ରମ୍ପଙ୍କୁ ଯଥାଶୀଘ୍ର ରାଷ୍ଟ୍ରପତି ପଦରୁ ହଟାଇବାର ଆବଶ୍ୟକତା ରହିଛି। ତାଙ୍କ ସ୍ଥାନରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବାର ଉଚିତ୍ ବୋଲି ସେ କହିଛନ୍ତି।। ମସ୍କ ଆହୁରି ସୂଚନା ଦେଇଛନ୍ତି ଯେ ସେ ଖୁବଶୀଘ୍ର ଏକ ରାଜନୈତିକ ଦଳ ଗଠନ କରିବେ।

**■ ରାଷ୍ଟ୍ରପତି ପଦରୁ ଟ୍ରମ୍ପଙ୍କୁ ହଟାଯାଉ: ମସ୍କ**

**■ ମସ୍କ ପାଗଳ ହୋଇଯାଇଛନ୍ତି: ଟ୍ରମ୍ପ**

ମସ୍କଙ୍କ ସମାଲୋଚନାର ଜବାବ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ।।ଯେ ଯେଉଁ ବିଲ୍ କଥା ମସ୍କ କହୁଛନ୍ତି ସେହି ବିଲକୁ ସେ ପ୍ରଥମେ ପ୍ରଶଂସା କରିଥିଲେ। ପ୍ରଶାସନରୁ ହଟିବା ପରେ ନିଜର ମତ ପରିବର୍ତ୍ତନ କରିଛନ୍ତି। ମସ୍କ ପାଗଳ ହୋଇଯାଇଛନ୍ତି ବୋଲି ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଏଭଳି ବ୍ୟକ୍ତିଙ୍କ ସହିତ ସେ କଥା ହେବାକୁ ଚାହାନ୍ତି ନାହିଁ। ମସ୍କଙ୍କ କମ୍ପାନୀଗୁଡିକ ଉପରୁ ସରକାରଙ୍କ ଅନୁଦାନ ଓ ଅନ୍ୟାନ୍ୟ କଣ୍ଟ୍ରାକ୍ଟ ପ୍ରତ୍ୟାହାର କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ବିତର୍କିତ ବିଲ୍ ସପକ୍ଷରେ ଯୁକ୍ତି ରଖି ଟ୍ରମ୍ପ କହିଛନ୍ତି ଯେ ଏହି ବିଲ୍ ହେଉଛି ସବୁଠାରୁ ଉଚ୍ଚକୋଟୀର। ଏହାଦ୍ୱାରା ସରକାରଙ୍କ ଅର୍ଥ ବଞ୍ଚିପାରିବ।

# ଥରୁରଙ୍କୁ ସାମ୍ବାଦିକ ପୁଅ ଇଶାନଙ୍କ ପ୍ରଶ୍ନ

## ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି?

ୱାସିଂଟନ, ୬।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତା ଶଶି ଥରୁରଙ୍କୁ ୱାଶିଂଟନ ପୋଷ୍ଟ ପାଇଁ କାର୍ଯ୍ୟ କରୁଥିବା ତାଙ୍କ ସାମ୍ବାଦିକ ପୁଅ ଇଶାନ ଥରୁର ପ୍ରଶ୍ନ ପଚାରି ଚର୍ଚ୍ଚାକୁ ଆସିଛନ୍ତି। ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି, ବୋଲି ସେ ଶଶିକୁ ପ୍ରଶ୍ନ ପଚାରିଥିଲେ। ପାକିସ୍ତାନ ଏହି ଆତଙ୍କବାଦୀ ଆକ୍ରମଣରେ ସାମିଲ ନାହିଁ ବୋଲି କହୁଥିବା ବେଳେ ଶଶି ମଧ୍ୟ ସୁନ୍ଦର ଭାବେ ଏହାର ଜବାବ ରଖିଥିଲେ। ଯଦି ପାକିସ୍ତାନ ବିପକ୍ଷରେ ଠୋସ ପ୍ରମାଣ ନଥାନ୍ତା, ତେବେ ଭାରତ ଜବାବ ଦେଇ ନଥାନ୍ତା ବୋଲି ସେ କହିଥିଲେ। ଏଥିରେ କୌଣସି ସନ୍ଦେହର ଅବକାଶ ନଥିଲା। ତେଣୁ ଭାରତ ମଧ୍ୟ କାହାକୁ ପ୍ରମାଣ ମାଗି ନଥିଲା। ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଛି ଓ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ ସେ ୩ଟି କାରଣ ଦେଇଥିଲେ। ପ୍ରଥମଟି ହେଲା ପାକିସ୍ତାନ ମିଛ କହିବା ଲମ୍ବା ଇତିହାସ ରହିଛି। ସେ ଏହି କ୍ରମରେ ଓସାମା ବିନ ଲାଡେନର ଉଦାହରଣ ଦେଇଥିଲେ। ପୁଣି ପାକିସ୍ତାନର ଦି ରେଜମେଣ୍ଟ ଫ୍ରଣ୍ଟ (ଟିଆରଏଫ୍) ନାମକ ଆତଙ୍କବାଦୀ ସଂଗଠନ ପହଲଗାମ ଆକ୍ରମଣର ୪୫ ମିନିଟ୍ ମଧ୍ୟରେ ନିଜକୁ ଦାୟୀ କରିଥିଲା। ତୃତୀୟଟି ହେଲା ପାକିସ୍ତାନରେ



ଆତଙ୍କବାଦୀଙ୍କ ଶବ ଶୋଭାଯାତ୍ରା ପୂରା ଆଡମ୍ବରରେ ଆୟୋଜନ କରାଯାଇଥିଲା। ପୂର୍ବରୁ ମଧ୍ୟ ଥରୁର ଭାରତ ପାଇଁ ନିଜ ପାର୍ଟି କଂଗ୍ରେସ ବିରୋଧରେ ଯିବାକୁ ପଛାଇ ନାହାନ୍ତି। ଦେଶ ପାଇଁ କାର୍ଯ୍ୟ କରିବା ପାର୍ଟିକୁ ବିରୋଧ କରିବା ନୁହଁ ବୋଲି ସେ କହିଥିଲେ।

**■ ବିହାର ସମେତ ୮ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା**

# ୧୮ ଟି ରାଜ୍ୟରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦେଶରେ ବିହାର ସମେତ ୮ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କ ସୂଚନା ଦିଆଯାଇଛି। ସେହିପରି ୧୭ଟି ରାଜ୍ୟରେ ଘୂର୍ଣ୍ଣିବାତ୍ୟା ସହ ବର୍ଷା ହେବ। ତେବେ ପଶ୍ଚିମ ରାଜସ୍ଥାନ, ତାମିଲନାଡୁ ଓ ପୁଡୁଚେରୀରେ ଗ୍ରୀଷ୍ମ ଅନୁଭୂତ ହେବ ବୋଲି କୁହାଯାଇଛି। ରାଜସ୍ଥାନର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ମଧ୍ୟପ୍ରଦେଶରେ ମଧ୍ୟ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପଟେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ଓ ଭୂସ୍ଖଳନ ହୋଇଛି। ଆସାମର ୨୧ଟି ଜିଲ୍ଲାରେ ପାଖାପାଖି ୭ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଏଥିରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇ ୨୧ରେ ପହଞ୍ଚିଛି। ଭୂସ୍ଖଳନରେ ପ୍ରଭାବିତ ଉତ୍ତର ସିକିମ୍‌ରେ ୬୩ଜଣ ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ଉଦ୍ଧାର କରାଯାଇଛି। ୬୪ ଜଣ ଲୋକ ଏବେ ବି ଫସି ରହିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ଧୋଲାଧାର ପର୍ବତ ଶୃଙ୍ଖଳାରେ ହିମପାତ ଯୋଗୁଁ ତାପମାତ୍ରାରେ ଅବନତୀ ହୋଇଛି। ଧର୍ମଶାଳାରେ ତାପମାତ୍ରା ୧୬ ଡିଗ୍ରୀରେ ପହଞ୍ଚିଛି। ଇତମଧ୍ୟରେ ମୌସୁମୀ ମହରାଷ୍ଟ୍ର ଓ ଛତିଶଗଡ଼ ସୀମ ନିକଟରେ ପହଞ୍ଚିଛି। ମୌସୁମୀ ଏପର୍ଯ୍ୟନ୍ତ ଦେଶର ୧୮ଟି ରାଜ୍ୟରେ ପହଞ୍ଚିଛି। ଜୁନ୍ ୧୦ ବେଳକୁ ଏହା ମଧ୍ୟପ୍ରଦେଶରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

# କରୋନାରେ ୫୫ ଜଣଙ୍କ ମୃତ୍ୟୁ

## ୨୪ ଘଣ୍ଟାରେ ନୂଆ ୫୦୦ ମାମଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦେଶରେ କରୋନା ଅର୍ଥାତ କୋଭିଡ୍-୧୯ ମାମଲାରେ ଯଥେଷ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨୦ ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୫୮ ଗୁଣା ବୃଦ୍ଧି ପାଇଛି। ଗତ ମେ ୧୬ରେ ଦେଶରେ କୋଭିଡ୍‌ର ୯୩ଟି ଆକ୍ଟିଭ କେସ୍ ଥିଲା। ଏବେ ଏହି ସଂଖ୍ୟା ୫୩୬୪ରେ ପହଞ୍ଚିଛି। ଏବେ କରୋନା ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟାପିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୫୦୦ଟି ମାମଲା ଦେଖିବାକୁ ମିଳିଛି। କେରଳରେ ସର୍ବାଧିକ ୧୬୭୯ ମାମଲା, ଗୁଜରାଟ୍‌ରେ ୬୧୫, ପଶ୍ଚିମବଙ୍ଗରେ ୫୯୬, ଦିଲ୍ଲୀରେ ୫୯୨ ଓ ମହାରାଷ୍ଟ୍ରରେ ୫୪୮ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। କରୋନାର ଏହି ନୂଆ ଭ୍ୟାରିଏଣ୍ଟରେ ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୫ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରୁ ୫୩ ଜଣଙ୍କର ମୃତ୍ୟୁ ୧୫ ଦିନ ମଧ୍ୟରେ ହୋଇଛି। ଗୁରୁବାର ଦିଲ୍ଲୀରେ କୋଭିଡ୍‌ରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଏକ ୫ ମାସର ଶିଶୁ ରହିଛି। ସେହିପରି କେରଳରେ ୨, କର୍ଣ୍ଣାଟକ ଓ ପଞ୍ଜାବରେ ଜଣେ ଲେଖାଏଁ, ମହାରାଷ୍ଟ୍ରରେ ସର୍ବାଧିକ ୧୭ଜଣ ଜୀବନ ହରାଇଛନ୍ତି।

# ପ୍ରଥମଥର ପାଇଁ ଅମରନାଥ ଯାତ୍ରା ଅବଧି କମିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରାର ସମୟ ଅବଧିକୁ ଏଥର ୩୮ ଦିନକୁ କମାଇ ଦିଆଯାଇଛି। ଗତ ୨୦୨୪ ବର୍ଷରେ ଏହା ୫୨ ଦିନଧରି ଚାଲିଥିଲା। ଏଥର ଏହି ଯାତ୍ର ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଇତିହାସରେ ଏହି ଯାତ୍ରାର ଅବଧିକୁ କମାଯାଇଛି। ନରାପତ୍ତା ତଥା ସୁରକ୍ଷା, ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଓ ଲଜିଷ୍ଟିକ୍ ଏଫିସିଏନ୍ସିକୁ ଦୃଷ୍ଟିରେ ରଖି ଯାତ୍ରାର ସମୟ ଅବଧିକୁ କମାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଯାତ୍ରା ପାଇଁ ସବୁଥର ଭଳି ଏଥର କଡ଼ା ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

### ବିହନ ଯୋଗାଣରେ ଅନିୟମିତତା

# ସମବାୟରେ ମିଳୁନି, ବଜାରରେ ହାଉଯାଉ

**ଭୁବନେଶ୍ୱର, ୬।୬(ସମିସ):** ଓଡ଼ିଶା ଚାଷୀମାନେ ସ୍ୱର୍ଣ୍ଣ, ଶକ୍ତି, ଏମ୍‌କ୍ୟୁ ୧୨୧୦, ଏମ୍‌କ୍ୟୁ ୧୨୨୬ ଆଦି ବିହନକୁ ବେଶ ପସନ୍ଦ କରୁଛନ୍ତି। ତିନି ବର୍ଷ ତଳେ ଏହି ବିହନ ନୂଆ କରି ବାଣ୍ଟିଥିଲା ବିହନ ନିଗମ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର ହେଉଥିବା ବେଳେ ଏହି ବିହନ ମାତ୍ର ୨୦ କେଜି ବ୍ୟବହାର ହେଉଛି। ଏହି ବିହନରୁ ହେକ୍ଟର ପିଛା ୪ରୁ ୫ଟନ୍ ଧାନ ଉତ୍ପାଦନ ହେଉଛି। ତେଣୁ ସ୍ୱାଭାବିକ ଭାବେ ଚାଷୀ ଏହି ବିହନକୁ ବେଶ ପସନ୍ଦ କରୁଛନ୍ତି। ହେଲେ ସମବାୟରେ ବିହନ ଉପଲବ୍ଧତା ଖୁବ୍ କମ ରହୁଛି। ମାତ୍ର ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଭାବେ ମିଳୁନଥିବା ବେଳେ ଖୋଲା ବଜାରକୁ ଏହି ବିହନ କେଉଁଠୁ ଆସୁଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁସାରେ, ଖରିଫ୍‌ରେ ରାଜ୍ୟରେ ୧୧ଲକ୍ଷ କ୍ୱିଣ୍ଟାଲ୍ ବିହନର ଆବଶ୍ୟକତା ରହିଛି। ଏଥିରୁ ଅର୍ଦ୍ଧାଧିକ ବିହନ ନିଗମ ଯୋଗାଇଥାଏ। ବଳକା ଚାଷୀ ସଂରକ୍ଷିତ କରି ରଖିଥିବା ବିହନ ଓ ହାଇବ୍ରିଡ୍ ବିହନରୁ ଭରଣା ହୋଇଥାଏ। ମାତ୍ର ପୂର୍ବବର୍ଷ ହାଇବ୍ରିଡ୍ ବିହନରୁ ଭଲ ଧାନ ହୋଇନଥିବାରୁ ଚାଷୀ ସେହି ବିହନକୁ ନାପସନ୍ଦ କରୁଛନ୍ତି। ସରକାରୀ ବିହନର ଭଲ ଚାହିଦା ଥିବାବେଳେ ଯୋଗାଣରେ ଅନିୟମିତତା ଚାଷୀ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସରକାରୀ ବିହନକୁ ଅପେକ୍ଷା କରିବେ, ନା ବାହାରୁ କିଣି ବୁଣିବେ ତାକୁ ନେଇ ଏବେ ଚାଷୀ



ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅପରପକ୍ଷେ ସମବାୟ ସଂସ୍ଥା ପକ୍ଷରୁ ବିହନ ନିଗମକୁ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଚିଠି କରାଯାଇଥିଲା। ହେଲେ ସେହି ଅନୁସାରେ ବିହନ ମିଳିନଥିବାରୁ ଏବେ ବିହନ ବଣ୍ଟନ ବେଳେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଗୋଟିଏପଟେ ଚାଷୀ ଏହି ବିହନ ପାଇଁ ବେଶ ଆଗ୍ରହ ପ୍ରକାଶ କରୁଥିବା ବେଳେ ସରକାର ଏହାକୁ କମ୍ ମାତ୍ରାରେ ଯୋଗାଉଛନ୍ତି। ଫଳରେ ଏମ୍‌ଏସ୍‌ପି ସହାୟତା ମିଳିବା ପରେ ଅଧିକ ଜମି ଚାଷ କରିବାକୁ ଚାହିଁ ବସିଥିବା ଚାଷୀ ବିହନ ପାଇଁ ଚିନ୍ତାରେ ପଡ଼ିଛି।

ବଜାରରେ ମିଳୁଥିବା ବିହନ ଉପରେ ମଧ ଚାଷୀ ନିର୍ଭର କରିପାରୁନି। କାରଣ ଅଧିକାଂଶ ସମୟରେ ଚାଷୀ ବଜାରରୁ ଆଣିଥିବା ବିହନ

**■ ସରକାରୀ ଦର ୨୫, ଦୋକାନରେ ୧୫୦**
**■ ବିହନ ପାଇଁ ଚିନ୍ତାରେ ଚାଷୀକୁଳ**

ନକଲି ବୋଲି ଜଣାପଡୁଛି। ବିଲରେ ବୁଣିବା ପରେ ଗଜା ଧରୁନଥିବାରୁ ସମସ୍ୟା ବଢ଼ିଯାଉଛି। ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସିରେ ଯାଞ୍ଚ କରାଯାଉଛି। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଧିକ ଲାଭ ପାଇବା ଆଶାରେ ବାହାର ରାଜ୍ୟରୁ ନକଲି ବିହନ ଆଣି ବିକ୍ରି କରୁଥିବା ଅଭିଯୋଗ ହେଉଛି। କୋଲକାତା, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର କମ୍ପାନି ଏଜେଣ୍ଟମାନେ ପଞ୍ଚାୟତରେ ବୈଠକ କରି ଉଚ୍ଚ ଉତ୍ପାଦନ ସହିତ ଆକର୍ଷଣୀୟ ଅଫରର ଲୋଭ ଚାଷୀଙ୍କୁ ଦେଖାଉଛନ୍ତି। ଅନେକ ସମୟରେ ଚାଷୀ ଏହାଦ୍ୱାରା ପ୍ରଭାବିତ ହୋଇପଡୁଛନ୍ତି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ଯେଉଁ ସରକାରୀ ବିହନ ସରକାରୀ ଭାବେ ୨୦ରୁ ୨୫ଟଙ୍କାରେ ବିକ୍ରି ହୁଏ, ଖୋଲାବଜାରରେ ତାହା ୧୫୦ ଟଙ୍କାରେ ବିକ୍ରି ହେଉଛି। ନିଗମ ପାଖରେ ସେହି ବିହନ ରହୁନଥିବା ବେଳେ ଦୋକାନୀମାନଙ୍କ ପାଖରେ କେଉଁଠୁ ଆସୁଛି। ସେହି ବିହନ ପ୍ରାମାଣିକ ହୋଇଥିବା ବେଳେ ବାହାର ରାଜ୍ୟରୁ ବି ତାକୁ ଆଣିବା ସମ୍ଭବ ନୁହେଁ। ତେଣୁ ବିହନ ନିଗମ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ଚାଷୀ ବର୍ଷକର ଆୟ ପାଇଁ ବିହନ ଉପରେ ନିର୍ଭର କରିଥାଏ। ହେଲେ ସରକାର ଆରମ୍ଭରୁ ବିହନର ଦାମ୍ ବଢ଼ାଇଲେ। ଏବେ ପୁଣି ଦେବାରେ ଅନିୟମିତତା କରୁଛନ୍ତୁ। ତେଣୁ ଚାଷୀ ସଂପୂର୍ଣ୍ଣ ହତାଶ ହୋଇଯାଉଛି। ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

### ■ ୧୦ ପର୍ଯ୍ୟନ୍ତ ପ୍ରବଳ ଗୁଳୁଗୁଳି

# ରଜରେ ମେଘୁଆ ପାଗ

**ଭୁବନେଶ୍ୱର,୬।୬(ସମିସ):** ଶନିବାରଠାରୁ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବ। ତାପମାତ୍ରା ବୃଦ୍ଧି ଯୋଗୁଁ ଗରମ ଗୁଳୁଗୁଳି ବୃଦ୍ଧି ପାଇବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରା ତାତିର ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଉପକୂଳରେ ଗୁଳୁଗୁଳି କଲବଲ କରିବ। ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଅନ୍ୟପଟେ ସକାଳୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ୩ଟା ପରେ କିଛି କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବ। ପ୍ରଚଣ୍ଡ ତାତି ଗୁଳୁଗିଳି ପରେ ସାମୁଦ୍ରିକ ବାୟୁର ପ୍ରବାହ ବଢ଼ିଲେ ଏଭଳି ସ୍ଥିତି ସୃଷ୍ଟି ହୋଇ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାରଠାରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇବ। ତେଣୁ ରାଜ୍ୟରେ ତାତି ଓ ଗୁଳୁଗୁଳି ବୃଦ୍ଧି ପାଇବ। ମୌସୁମୀ ଏବେ ବିରତି ନେଇଛି। ଫଳରେ ବର୍ଷାରେ ରୋକ୍ ଲାଗିଛି। ବଙ୍ଗୋପସାଗରରେ କୌଣସି ଲଘୁଚାପ ବା ଘୂର୍ଣ୍ଣିବଳୟ ନ ହେବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିବାର ସମ୍ଭାବନା କମ୍ ରହିଛି। ମାତ୍ର ୧୦ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ସମ୍ଭାବନା ରହିଛି। ଏହି ସ୍ଥିତି ଉପୁଜିଲେ ରଜରେ ରାଜ୍ୟରେ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିବା ନେଇ ଅନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ନେଇ ସତର୍କ ସୂଚନା ଜାରି ହୋଇଛି। ଶୁକ୍ରବାର ସମ୍ବଲପୁରରେ ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ଅପରାହ୍ଣରେ ପ୍ରବଳ ବର୍ଷା ହୋଇଛି। ଏଠାରେ ୭୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଜଗତସିଂହପୁର ୩୯, ଖୋର୍ଦ୍ଧା ୧୫, ଅନୁଗୁଳରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।



ଶ୍ରୀକ୍ଷେତ୍ରରେ ଚାଲିଛି ରଥ ନିର୍ମାଣ: ଉଠିଲା ଗୟଳ ଓ ଗରଗରା (ଫଟୋ:ଅନିଲ)

# ଚାଷୀଙ୍କୁ ଠକିଦେଲେ ସରକାର

### ୪ ମାସ ହେଲା ବାକି ପଡ଼ିଛି ସାଢ଼େ ୪ କୋଟିର ଧାନବିକା ଟଙ୍କା



**ଗାନ୍ଧୀମାର୍ଗରେ ନବରଙ୍ଗପୁର ଜିଲ୍ଲାର ଶତାଧିକ ଚାଷୀଙ୍କ ଅହୋରାତ୍ର ଧାରଣା**

**ଭୁବନେଶ୍ୱର,୬।୬(ସମିସ):** ବିଜେପି ସରକାର ଧାନକିଣା ଦୁର୍ନୀତିରେ ବୁଡ଼ି ରହିଛି। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି କହି ସରକାର ଚାଷୀଙ୍କୁ ଠକି ଦେଇଛନ୍ତି। ରାଇଘର ବ୍ଲକର ୩୪୪ଜଣ ଚାଷୀଙ୍କର ୧୪୨୫୨.୫୨ କୁଇଣ୍ଟାଲ ଧାନ ମଣ୍ଡିରୁ କିଣି ତା'ର ଦେୟ ବାବଦକୁ ୪ କୋଟି ୪୧ ଲକ୍ଷ ୮୨ ହଜାର ୬୮୬ ଟଙ୍କା ୪ ମାସ ହେବ ସରକାର ଚାଷୀଙ୍କୁ ଦେଉନାହାନ୍ତି ବୋଲି ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି। ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଧାରଣା ୭ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲା ଚାଷୀମାନଙ୍କର ଧାନକିଣାରେ ଦୁର୍ନୀତି ଏବଂ ଚାଷୀଙ୍କ ଠାରୁ ଧାନ କିଣି ସରକାର ଏପର୍ଯ୍ୟନ୍ତ ଟଙ୍କା ପଇଠ ନ କରିବା ପ୍ରସଙ୍ଗରେ ଏହି ଧାରଣା ଦିଆଯାଇଛି। ଏଥିରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ଯେ ମଣ୍ଡିରୁ ଧାନ ଉଠିବାର ୪୮ ଘଣ୍ଟା ମଧ ଟଙ୍କା ଦେବାର ନିୟମ ରହିଛି। କିନ୍ତୁ ସରକାର କଣ ପାଇଁ ରାଇଘର ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ମୋହନ ଚରଣ ମାଝୀ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ମଧ ଆଦିବାସୀ ଚାଷୀଙ୍କୁ ହଇରାଣ ହରକତ କରିବା ସହ ଶୋଷଣ କରୁଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।

ଏହି ଧାରଣାରେ ମୁଖ୍ୟତଃ ଧାନ ଟଙ୍କା ପ୍ରଦାନ ସମେତ ୪ଟି ଦାବି ଉପସ୍ଥାପନ କରାଯାଇଛି। ଅନ୍ୟ ତିନିଗୋଟି ପ୍ରସଙ୍ଗ ମଧ୍ୟରେ ନବରଙ୍ଗପୁର ଜିଲ୍ଲାରୁ ୨୬ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଯାଇଥିବା ବେଳେ ଏଠାରେ ୨୬ ଲକ୍ଷ କୁଇଣ୍ଟାଲ ଧାନ ରଖିବା ପାଇଁ ଗୋଦାମର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ତେଣୁ ଜାଲ କାଗଜପତ୍ର ଜରିଆରେ ପଞ୍ଜିକୃତ କରାଯାଇଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏଥିରେ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ ଜାଲ୍ କାଗଜପତ୍ର ଜରିଆରେ ମିଥ୍ୟା ହିସାବ ଦେଖାଯାଇଛି। ମିଲର-ଲ୍ୟାମ୍ପ-ସରକାରଙ୍କ ମଧୁଚନ୍ଦ୍ରିକାରେ ଏପରି ହୋଇଛି ଏବଂ ଚାଷୀଙ୍କୁ ଠକିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି। ତୃତୀୟରେ ଧାନକିଣା ବ୍ୟବସ୍ଥାରେ ଜିଲ୍ଲାର ସରକାରୀ ପଦାଧିକାରୀ ଯଥା ସିଏସ୍‌ଓ, ଏସ୍‌ସିଏସ୍‌ଓ, ମାର୍କେଟ ଇନିସ୍‌ପେକ୍ଟର ଏବଂ ଧାନ ଅମଳ କମିଟିର ଅଧ୍ୟକ୍ଷ ନିଜେ ଜିଲ୍ଲାପାଳ ଥାଆନ୍ତି। ତେଣୁ ଏହି ସମସ୍ତ ଦୁର୍ନୀତି ଏହି କମିଟି ଦ୍ୱାରା ହୋଇଛି। ଏଥିପାଇଁ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

ଚାଷୀଙ୍କ ଧାନବିକ୍ରି ଟଙ୍କା ତୁରନ୍ତ ସୁଧ ସହ ଫେରାଇବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ କୋଅପରେଟିଭ ସଂସ୍ଥା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏଥିରେ ହେଉଥିବା ଦୁର୍ନୀତିକୁ ସହଜରେ ଜାଣିବାର ସୁଯୋଗ ନାହିଁ। ସୁତରାଂ ତୁରନ୍ତ ଏହାକୁ ସୂଚନା ଅଧିକାର ଆଇନରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଚାଷୀ ମହାସଂଘ ଦାବି କରିଛି। ଏହି ଧାରଣାରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକ୍କା, ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ପ୍ରୀତମ ପାଢ଼ୀ, ପ୍ରଭୁ ଜାନି, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝଙ୍କାର ଓ ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଚାଷୀମାନଙ୍କୁ ହେଉଥିବା ଶୋଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନବରଙ୍ଗପୁରର ରାଇଘର ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ଧାରଣାରେ ଅଂଶଗ୍ରହଣ କରିଛନ୍ତି।

# ଲୋନ୍ ଆପ୍ ଜରିଆରେ ୪୯.୨କୋଟି ଠକେଇ

**ଭୁବନେଶ୍ୱର, ୬।୬ (ସମିସ):** ଡିଜିଟାଲ ଲୋନ୍ ଆପ୍ ଜରିଆରେ ସାରା ଦେଶରୁ ପାଖାପାଖି ୫୦ କୋଟି ଟଙ୍କା ଠକି ଗିରଫ ଦୁଇ ଚୀନ୍ ନାଗରିକଙ୍କ ବିରୋଧରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୩ଶହ

**■ ୨ ଚୀନ୍ ଠକଙ୍କ ବିରୋଧରେ ଚାର୍ଜସିଟ୍**
**■ ଓଡ଼ିଶାରୁ ଠକି ନେଇଛନ୍ତି କୋଟିଏ**

ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଜିଆ ୟୁ ମାଲାନ୍ ଏବଂ ୱିୟୁ ୟାନାଲ। ଇଡି ଏମାନଙ୍କୁ ତାମିଲନାଡୁରୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟ ଓଡ଼ିଶା ସମେତ ପୂରା ଦେଶରେ କିପରି ରାକେଟ୍ ଚଳାଉଥିଲେ, ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି, ସେମାନଙ୍କ ଠକେଇ କରିବାର କୌଶଳ ଆଦି ସବୁ କିଛି ଇଡି ତା'ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଥିବା ଜଣାଯାଇଛି।

ଟୁରିଷ୍ଟ ଭିସାରେ ଆସିଥିବା ଚୀନ୍‌ର ଏହି ନାଗରିକଦ୍ୱୟ ଲୋନ୍ ଆପ୍ ଜରିଆରେ ଲୋକଙ୍କୁ ଠକିବା ଆରମ୍ଭ କରିଥିଲେ। ଆପ୍ ଜରିଆରେ ସେମାନେ ଲୋକଙ୍କୁ ୫ରୁ ୧୦ ହଜାର ଟଙ୍କାର ଲୋନ୍ ଅତି ସହଜରେ ଦେଇ ଦେଉଥିଲେ। କିନ୍ତୁ ଉକ୍ତ ଆପ୍ ଜରିଆରେ ସେମାନେ ଋଣକର୍ତ୍ତାଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ନେଇ ଯାଉଥିଲେ। ପରେ ତାହାକୁ ଆଧାର କରି ଲୋକଙ୍କୁ ମନଇଚ୍ଛା ଟଙ୍କା ମାଗୁଥିଲେ। ଯେଉଁମାନେ ଟଙ୍କା ଦେଉନଥିଲେ, ସେମାନଙ୍କୁ ବିଭିନ୍ନ ଜରିଆରେ ବ୍ଲାକମେଲ୍ କରୁଥିଲେ। ଲୋନ୍ ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ, ସାଙ୍ଗ ଏବଂ ପରିବାରଲୋକଙ୍କୁ ସେମାନଙ୍କ ଅଶ୍ଳୀଳ ଏଡିଟିଂ ଫଟୋ ପଠାଇବାକୁ କହି ଧମକାଉଥିଲେ। ସେମାନଙ୍କ ଏଭଳି ବ୍ଲାକ୍‌ମେଲିଂ ପାଇଁ ଅନେକ ଲୋକ ଜୀବନ ମଧ ହାରିଛନ୍ତି। ଧୀରେଧୀରେ ସେମାନଙ୍କ ନେଟ୍‌ୱାର୍କ ପୂରା ଦେଶକୁ ଲମ୍ବି ଯାଇଥିଲା। ଏପରି କରି ସେମାନେ ଓଡ଼ିଶାରୁ ମଧ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ଅଭିଯୁକ୍ତଦ୍ୱୟ ଠକେଇ ଟଙ୍କାକୁ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଚାଇନାକୁ ପଠାଉଥିଲେ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ



**ଭବାନୀପାଟଣା, ୬।୬(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗ୍ରିଭାନ୍ସ ସେଲ୍‌ରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିଲମ୍ବିତ କରିଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ତାଙ୍କ ବିରୋଧରେ ଜମିଜମା ସମ୍ପର୍କିତ କିଛି ମାମଲା ରହିଥିଲା। ଜମି କିସମରେ ତଞ୍ଚକତା କରିବା ଭଳି ଗୁରୁତର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି।

# ପୁଣି ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା

**କପ୍ତିପଦା, ୬।୬ (ସମିସ):** ରାଜ୍ୟରେ ନାରୀବିରୋଧୀ ହିଂସା, ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠୁ ନା କେଉଁଠୁ ଦୁଷ୍କର୍ମ, ହତ୍ୟା, ଅପହରଣ ଭଳି ଖବର ଆସୁଛି। ସରକାର ଏହାକୁ ଅଟକାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରୁ ପୁଣି ଏକ ନାବାଳିକା ଉତ୍ପୀଡ଼ନ ଖବର ଆସିଛି। ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା ହୋଇଛି। କପ୍ତିପଦା ଥାନା ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି। ପ୍ରଲୋଭନ ଦେଖାଇ ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ମୋରଡ଼ା ଥାନା ଅଞ୍ଚଳର ବସନ୍ତ ନାଇକକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ୍ ସୂଚନାନୁଯାୟୀ, ପୀଡ଼ିତାର ସଂପର୍କୀୟ ଭାଇ ବସନ୍ତ। ୬ ମାସ ତଳେ ନାବାଳିକାଜଣଙ୍କ ବସନ୍ତ ଘରକୁ ଆସିଥିବା ବେଳେ ବସନ୍ତ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ନାବାଳିକାର ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ କପ୍ତିପଦା ପୁଲିସ୍ ଏକ ମାମଲା ରୁଜୁ କରି ବସନ୍ତକୁ ଗିରଫ କରିଥିଲା।

# ମାସକ ମଧ୍ୟରେ କୋଟିଆ ପାଇଁ ରୋଡ୍‌ମ୍ୟାପ୍

**■ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ; କୌଣସି ସାଲିସ୍ କରାଯିବ ନାହିଁ**
**■ ଅଦାଲତରେ କୋଟିଆ ମାମଲାକୁ ପୁନଃଜୀବିତ କରାଯିବ: ରାଜସ୍ୱ ମନ୍ତ୍ରୀ**

**ଭୁବନେଶ୍ୱର,୬।୬(ସମିସ):** କୋଟିଆବାସୀଙ୍କ ହୃଦୟ ଜୟ କରିବା ପାଇଁ ଯାହା ଯାହା ବିକାଶମୂଳକ କାର୍ଯ୍ୟ ଆବଶ୍ୟକ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ। ସେମାନଙ୍କ ସାମାଜିକ, ସାଂସ୍କୃତିକ ଉନ୍ନତି ସହ ଯୁବସମାଜର ସମସ୍ୟାର ସମାଧାନ କରାଯିବ। ଏନେଇ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମାପ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

କୋଟିଆ ପ୍ରସଙ୍ଗକୁ ନେଇ ଶୁକ୍ରବାର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ଗଠିତ କମିଟିର ଏହି ପ୍ରଥମ ବୈଠକରେ କୋଟିଆର ବିକାଶ ନେଇ ମାଷ୍ଟରପ୍ଲାନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ମାର୍କେଟ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚାଷଜମିରୁ ମାର୍କେଟ ଯାଏଁ କିପରି ଶସ୍ୟ ଆସିବ ଏବଂ ଏହା କିପରି ବିକ୍ରି ହୋଇ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିପାରିବ ସେନେଇ ରୋଡମ୍ୟାପ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କୋଟିଆ ହେଉଛି ଓଡ଼ିଶାର ଏକ ଅବିଚ୍ଛେଦ ଅଙ୍ଗ। ଏହାକୁ ନେଇ କୌଣସି ସାଲିସ କରାଯିବ ନାହିଁ। ଆଜିର ବୈଠକରେ ପ୍ରାଥମିକ ଆଲୋଚନା ସମ୍ପନ୍ନ ହୋଇଛି। କେଉଁ କେଉଁ ପଦକ୍ଷେପ ଅତୀତରେ ନିଆଯାଇଛି ଏବଂ ଅତୀତରେ ବିଧାନସଭା ଗୃହ କମିଟି ଯେଉଁ ସୁପାରିସ କରିଥିଲେ, ସେନେଇ କେଉଁ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ମଗାଯାଇଛି। ଆସନ୍ତା ବୈଠକରେ ଏହି ରିପୋର୍ଟଗୁଡ଼ିକ ଉପସ୍ଥାପିତ ହେବ। ପୂର୍ବରୁ ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗରେ ଓଡ଼ିଶା ମାମଲା ହାରିଥିବା ବେଳେ ଏହି ମାମଲାକୁ ପୁନଃଜୀବିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋଟିଆ ପାଇଁ ଗଠିତ କମିଟିରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି।

### ସୀମା ବିବାଦକୁ ନେଇ ବିଜେଡିର କଟାକ୍ଷ

# ବର୍ଷକ ପରେ ସରକାରଙ୍କ ମନେପଡ଼ିଲା 'କୋଟିଆ'

**ଭୁବନେଶ୍ୱର,୬।୬(ସମିସ):** କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟକୁ ନେଇ ପ୍ରବଳ ବର୍ଷିଛି ବିଜେଡି। କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ୍ ରହି ଆସିଥିବା ବେଳେ ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି; ମାତ୍ର ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି। କୋଟିଆ ସୀମା ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି। କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ସରକାର ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି। ଶ୍ରୀ ମାଝୀ କହିଥିଲେ ଯେ ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର । କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ । ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି



ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା। କୁନ୍ଦୁଲି ଓ କୋଟିଆ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା, ଯାହା ଫଳରେ ଆଜି ସେହି ଅଞ୍ଚଳରୁ ସମଗ୍ର ରାଜ୍ୟକୁ ପନିପରିବା ଆସୁଛି ।

ଶ୍ରୀ ମାଝୀ କହିଥିଲେ ଯେ କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ ବିଜେପିର ସହଯୋଗୀ ଦଳର ସରକାର ଅଛି। କିନ୍ତୁ ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି। ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଥିଲାବେଳେ ରାଜ୍ୟ ସରକାର କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ । ଡ. ଲେନିନ ମହାନ୍ତି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ

**■ ବିବାଦ ସମାଧାନ ପାଇଁ ଟ୍ରିପଲ ଇଞ୍ଜିନର ଆନ୍ତରିକତା ନାହିଁ**
**■ ନବୀନ ସରକାର କରିଥିଲେ କୋଟିଆରେ ଭିତ୍ତିଭୂମିର ବିକାଶ**

ଅନ୍ତଃରାଜ୍ୟ କାଉନସିଲ ବୈଠକରେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ମୁହଁ ଖୋଲିନଥିଲେ। ଯାହା କୋଟିଆ ସୀମା ବିବାଦ ସମାଧାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜିର ବୈଠକରେ ସୀମା ବିବାଦ ନେଇ ରାଜ୍ୟ ସରକାର ନିରବ ରହିବା ଯୋଗୁଁ ଆଜିର ବୈଠକ ଏକ ଭେଳିକିରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ପୂର୍ବ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଓଡ଼ିଶାର ଦାବି ଗ୍ରହଣୀୟ ହୋଇପାରିଲା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

### ପ୍ରକାଶ ପାଇଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ

# ପିଜିରେ ୮୬.୪୬, ୟୁଜିରେ ୪୯.୪୭, ନର୍ସିଂ ଓ ବିଇଡି-ଏମ୍‌ଇଡିରେ ଶତ ପ୍ରତିଶତ

ବଲାଙ୍ଗିର, ୬।୬(ସମିସ)



**ପିଜିରେ ନିକିତାରାଣୀ, ଆଶୁତୋଷ ଓ ଶୁଭଶ୍ରୀ ବିଶ୍ୱବିଦ୍ୟାଳୟ ଟପ୍ପର**

**ୟୁଜିରେ ଅଞ୍ଜେଲିନା, ନର୍ସିଂରେ ଆଲିସା ଓ ବିଇଡି-ଏମଇଡିରେ ମୂର୍ଚ୍ଛନା ଟପ୍ପର**

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକ, ସ୍ନାତୋକତ୍ତର, ନର୍ସିଂ, ଇଣ୍ଟିଗ୍ରେଟେଡ ବିଡିଓ ଏମଇଡିର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଉପକୁଳପତି ଉମାବଲ୍ଲଭ ମହାପାତ୍ର ସୂଚନା ଦେଇଛନ୍ତି। ଚଳିତ ବର୍ଷ ପିଜି ପରୀକ୍ଷା ଫଳାଫଳ ୮୬.୪୬ ପ୍ରତିଶତ ରହିଥିବା ବେଳେ ୟୁଜି (ଯୁକ୍ତ ୩)ରେ ୪୯.୪୭ ପାସହାର ରହିଛି। ସେହିପରି ନର୍ସିଂ ଓ ଇଣ୍ଟିଗ୍ରେଟେଡ ବିଇଡି-ଏମ୍‌ଇଡିରେ ଶତ ପ୍ରତିଶତ ପାସହାର ରହିଛି। ପିଜି ରେ ନିକିତାରାଣୀ ସାହୁ, ଆଶୁତୋଷ ମିଶ୍ର ଓ ଶୁଭଶ୍ରୀ ପାତ୍ର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ୟୁଜିରେ ଅଞ୍ଜେଲିନା ପାଣିଗ୍ରାହୀ, ନର୍ସିଂରେ ଆଲିସା ପଧାନ ଓ ଇଣ୍ଟିଗ୍ରେଟେଡ ବିଇଡି-ଏମଇଡିରେ ମୂର୍ଚ୍ଛନା ମହାପାତ୍ର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି।

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୟୁଜି, ପିଜି, ନର୍ସିଂ ଓ ଇଣ୍ଟିଗ୍ରେଟେଡ ବିଇଡି-ଏମ୍‌ଇଡି ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପିଜି ବା ସ୍ନାତୋକତ୍ତର କଳା ବିଭାଗରେ ୩୧୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୯.୨୪ ପ୍ରତିଶତ ଅର୍ଥାତ ୨୮୨ ଜଣ ପାସ କରିଛନ୍ତି। ସେହିପରି ବିଜ୍ଞାନରେ ୧୬୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୫.୭୧ପ୍ରତିଶତ ଅର୍ଥାତ ୧୩୮ ଛାତ୍ରଛାତ୍ରୀ ଓ ବାଣିଜ୍ୟ ବିଭାଗରେ ୪୦ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୭.୫୦ ପ୍ରତିଶତ ଅର୍ଥାତ ୨୭ଜଣ ପାସ କରିଥିବା ଜଣାପଡ଼ିଛି। ପିଜି ହିନ୍ଦୀ ବିଭାଗରେ ଶ୍ରଦ୍ଧାଞ୍ଜଳି ସରାଫ, ବିଜ୍ଞାନରେ ବିଭାଗରେ କମ୍ପୁଟର ବିଜ୍ଞାନଛାତ୍ରୀ ନିକିତାରାଣି ସାହୁ, ପଦାର୍ଥ ବିଜ୍ଞାନରେ ଆଶୁତୋଷ ମିଶ୍ର ଓ ପ୍ରାଣୀ ବିଜ୍ଞାନରେ ଶୁଭଶ୍ରୀ ପାତ୍ର ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ବର୍ଷାରାଣୀ ବେହେରା ଟପ୍ପର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଇକୋନୋମିକ୍ସରେ ହିମାଦ୍ରୀ ମାଝୀ, ଶିକ୍ଷା ବିଭାଗରେ ବିଭୂତି ଭୂଷଣ ବନଛୋର, ଇଂରାଜୀ ବିଭାଗରେ ଆଳରାଣୀ ରାଉତ, ଭୂଗୋଳରେ କାଜଲ ସେଠ, ଇତିହାସରେ ପୂଜାର୍ଚ୍ଚନା ପଧାନ, ଓଡ଼ିଶାରେ ମାନସୀ ସାହୁ, ଫିଲୋସୋଫିରେ ତାପସ ରଞ୍ଜନ ସାହୁ, ରାଜନୀତି ବିଜ୍ଞାନରେ ପଦ୍ମିନୀ ପଟେଲ, ସଂସ୍କୃତରେ ନିହାରୀକା ବେହେରା, ଉଦ୍ଭିଦ ବିଜ୍ଞାନରେ ଜିତୁ ପଟେଲ, ରସାୟନ ବିଜ୍ଞାନରେ ପ୍ରିୟମ୍ବଦା ମହାନ୍ତି, ଗଣିତରେ ଅମିତ କୁମାର ମେହେର, ପରିସଂଖ୍ୟାନରେ ରୋଶନୀ ବଡମାଲି ପ୍ରମୁଖ ବିଭାଗ ଟପ୍ପର ହୋଇଛନ୍ତି।

ସେହିପରି ୟୁଜି ପରୀକ୍ଷାରେ ସମୁଦାୟ ବିଶ୍ୱବିଦ୍ୟାଳୟ ଅଧିନରେ ୮୧୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ମାତ୍ର ୪୦୧୮ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ଚଳିତ ବର୍ଷ ପାସ ହାର ମାତ୍ର ୪୯.୪୭ ରହିଛି। ଯୁବୋଦୟ କଲେଜର ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଅଞ୍ଜେଲିନା ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ କଳାରେ ସୋନପୁର ଡିଗ୍ରୀ କଲେଜ ଛାତ୍ରୀ ପାଦୁକା ଜାଲା, ବାଣିଜ୍ୟରେ ଜେଏସଏମ କଲେଜ ଛାତ୍ର ଅର୍ଚ୍ଚିସ୍ମାନ ମିଶ୍ର ଟପ୍ପର ହୋଇଛନ୍ତି। ସେହିପରି ଇକୋନୋମିକ୍ସରେ ସ୍ନେହା ଠାକୁର, ଶିକ୍ଷାରେ ଭାଗ୍ୟଶ୍ରୀ ମିଶ୍ର, ଇଂରାଜୀରେ ରଶ୍ମୀରାଣୀ ତାଣ୍ଡି, ଭୂଗୋଳରେ ଜଗା ପଧାନ, ହିନ୍ଦୀରେ ସୁଚିଶ୍ମୀତା ମହାକୁର, ଇତିହାସରେ ଜ୍ୟୋତିଶ୍ରୀ ମିର୍ଦ୍ଧା, ଗୃହ ବିଜ୍ଞାନରେ ସଦୁନ ସୁହାନା ସ୍ୱାଇଁ, ଓଡିଆରେ ସୋନାଲି ଦଳବେହେରା, ଫିଲୋସୋଫିରେ ପ୍ରତ୍ୟୁଷ ରଞ୍ଜନ ମିଶ୍ର, ରାଜନୀତି ବିଜ୍ଞାନରେ ସ୍ମୃତିରେଖା ମେହେର ଓ ବ୍ୟୋମୋକେଶଦତ୍ତତ୍ରିପାଠୀ, ସାଇକୋଲୋଜୀରେ ସ୍ନାତା ମହାନ୍ତି, ସୋସିଓଲଲୋଜିରେ କଲ୍ୟାଣୀ ଖମାରୀ, ଉଦ୍ଭିଦ ବିଜ୍ଞାନରେ ପ୍ରତିରାଣୀ ମିଶ୍ର, ରସାୟନ ବିଜ୍ଞାନରେ ରଶ୍ମୀରେଖା ଗଡ଼ୁଆ, କମ୍ପୁଟର ବିଜ୍ଞାନରେ ମାନସ ରଞ୍ଜନ ସାହୁ, ଗଣିତରେ ମନିଷା କଠାର, ପଦାର୍ଥ ବିଜ୍ଞାନରେ ଅଭିତୋଷ ବଡମାଲି ବିଭାଗ ଟପ୍ପର ହୋଇଛନ୍ତି।

ଅନ୍ୟପକ୍ଷରେ ଇଣ୍ଟିଗ୍ରେଟେଡ ବିଇଡି-ଏମ୍‌ଇଡି ବିଭାଗରେ ୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ପାସ କରିଥିବା ବେଳେ ମୂର୍ଚ୍ଛନା ମହାପାତ୍ର ଟପ୍ପର ହୋଇଛନ୍ତି। ଚାରିବର୍ଷିଆ ବିଏସସି ନର୍ସିଂ-୨୦୨୪ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଅଧିନରେ ୫୦ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଆଲିଶା ପଧାନ, ପ୍ରିୟଙ୍କା ପଣ୍ଡା, ମହମ୍ମଦ କାଜିମ, ଦୀପିକା ମହାକୁଡ, ଶୁଭଶ୍ରୀ ଥନାପତି, ଭୂମିସୁତା ଘିବେଲା, ସୃଷ୍ଟି କାରିଗର, ତନୁଜା ବାରି. ଅରୁଣା ସାହୁ ଓ ଟଟିମା ଭୋଇ ଟପ୍‌ଟେନ ତାଲିକାରେ ରହିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫଳାଫଳ ଘୋଷଣା ସମ୍ମିଳନୀରେ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ସହିତ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ରାଜକିଶୋର ପାତ୍ର, କୁଳ ସଚିବ ହରପ୍ରସାଦ ଭୋଇ, ପରୀକ୍ଷା ନିୟନ୍ତ୍ରକ ଡ.ନରେନ୍ଦ୍ର କୁମାର ରାଉତ, ଉପପରୀକ୍ଷା ନିୟନ୍ତ୍ରକ ସୁଶାନ୍ତ କୁମାର ପଣ୍ଡା, ବିୟ ନିର୍ଦ୍ଦେଶକ ଚନ୍ଦ୍ରମଣି ମିର୍ଦ୍ଧା, ଶିକ୍ଷକ ଓ ଶିକ୍ଷା ବିଭାଗ ସଂଯୋଜକ ଡ.ମନୋଜ କୁମାର ନାଗ, ବରିଷ୍ଠ ସହାୟକ ମନୋରଞ୍ଜନ ପଟେଲ, ନିଳିଦ୍ରୀ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

---

### ■ କଣ୍ଟାବାଞ୍ଜିରେ ଲୁଟେରା ସକ୍ରିୟ

## ଦିନ ଦ୍ୱିପ୍ରହରେ ଘରୁ ଅଳଙ୍କାର ଲୁଟି ଫେରାର

**କଣ୍ଟାବାଞ୍ଜି, ୬।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ସକ୍ରିୟ ହୋଇ ପଡ଼ିଛନ୍ତି ଲୁଟେରା। ଦିନ ଦୁଇପହରରେ ଲୁଟେରା ଘରୁ ଅଳଙ୍କାର ଲୁଟି ଫେରାର ମାରିଥିବା ନେଇ ଜଣେ ମହିଳା କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରରେ ଗତ ୫ ତାରିଖ ଗୁରୁବାର ଦିନ କଣ୍ଟାବାଞ୍ଜି ସହରର



ୱାର୍ଡ ୩ର ପିଙ୍କି ଅଗ୍ରୱାଲଙ୍କ ଘର। ପିଙ୍କି ଘରେ ଥିବା ବେଳେ ଦୁଇଜଣ ଲୋକ ପୂଜାବର୍ତ୍ତନ ସଫା କରିବା ପାଉଡର ବିକ୍ରି କରିବା କହି ଆସିଥିଲେ। ଲୁଟେରା ତାଙ୍କ ପାଖରେ ଥିବା ପିତଳ ସାମାନକୁ ସଫା କରି ଦେଖାଇବା ପରେ ସୁନା ଅଳଙ୍କାର ସଫା କରିଦେବୁ ବୋଲି କହିଥିଲେ। ପିଙ୍କି ଲୁଟେରାଙ୍କୁ ସୁନା ଚେନ ଓ ମୁଦି ସଫା କରିବାକୁ ଦେଖାଇବା ପରେ ଲୁଟେରା ସବୁ ନେଇ ଚମ୍ପଟ ମାରିଥିଲେ। ଅଳଙ୍କାର ନେଇ ଲୁଟେରା ପଳାଇବା ବେଳେ ପିଙ୍କି ଚିତ୍କାର କରିବାରୁ ସ୍ଥାନୀୟଲୋକମାନେ ଦୁର୍ବୃତ୍ତଙ୍କୁ ଧରିବା ଚେଷ୍ଟା କରିଥିଲେ ହେଲେ ଦୁର୍ବୃତ୍ତ ବାଇକ୍‌ରେ ଚମ୍ପଟ ମାରିଥିଲେ। ଏନେଇ ପିଙ୍କି କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପିଙ୍କି ଥାନାରେ ଏତଲା ଦେବା ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି। ପୂର୍ବରୁ କଣ୍ଟାବାଞ୍ଜି ସହରରେ ଲୁଟେରାମାନେ ସକ୍ରିୟ ହୋଇ ଦିନ ଦୁଇପହରେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପୁଲିସ କିଛି ଲୁଟେରାଙ୍କୁ ଧରି ଗିରଫ କରି କୋର୍ଟ ଚାଲାଣ କରିବା ପରେ ଲୁଟଘଟଣା କିଛି କମିବାରେ ଲାଗିଥିଲା। ପୁଣି କିଛି ଦିନ ପରେ ଲୁଟେରା ଦଳ ସକ୍ରିୟ ହୋଇଛନ୍ତି। କଣ୍ଟାବାଞ୍ଜି ପୁଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ କଣ୍ଟାବାଞ୍ଜି ସହର ସମସ୍ତ ଛକରେ ସିସିଟିଭି ଲଗାଇବାକୁ ସହରବାସୀ ଦାବି କରିଛନ୍ତି।

---

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲେ ଓଷ୍ଟା କର୍ମକର୍ତ୍ତା



**ବଲାଙ୍ଗିର, ୬।୬(ସମିସ):** ବଲାଙ୍ଗିର ଓଷ୍ଟା ସଂଘର ଜିଲ୍ଲା ସଭାପତି ପ୍ରଦୀପ କୁମାର ପୁଟେଲ ଓ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।ଏହି ସାକ୍ଷାତକାର ସମୟରେ ଏଡିଇଓ ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ଓଷ୍ଟା ସଂଗଠନ ସହ ଥିବା ତାଙ୍କର ପୂର୍ବ ସମ୍ପର୍କର ଅନୁଭୂତି କହିବା ସହ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଦ୍ୟାଳୟରରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଷ୍ଟା କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଓଷ୍ଟା ସଂଘ ତଥା ଜିଲ୍ଲାରେ ଥିବା ବିଭିନ୍ନ ଶିକ୍ଷକ ସଂଘ ସହ ସମନ୍ୱୟ ରକ୍ଷା କରି ଆଲୋଚନା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଉପୁଜୁଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀନାଗ କହିଛନ୍ତି। ପରେ ଓଷ୍ଟାର ସମସ୍ତ କର୍ମକର୍ତ୍ତା ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟକୁ ଯାଇ ବ୍ଲକ ଶିକ୍ଷା ଅଧିକାରୀ ଦିଲୀପ ଯୋଶୀଙ୍କ ସହ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।ଉପଦେଷ୍ଟା ଅବନୀ କାନ୍ତ ତ୍ରିପାଠୀଙ୍କ ସମେତ ରାଜ୍ୟ ସଂଘର ଉପସଭାପତି ସୁଧିର ନାଏକ, ରାଜ୍ୟ ସମ୍ପାଦିକା ରଞ୍ଜିତା ମିଶ୍ର, ଜିଲ୍ଲା ଯୁଗ୍ମସମ୍ପାଦକ ଶୁଭେନ୍ଦ୍ର ମହାନ୍ତି ତଥା ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମିଶ୍ର, ପଦ୍ମାଳୟା ତ୍ରିପାଠୀ, ଗୋବିନ୍ଦ ବଗର୍ତ୍ତୀ, ସୁରେଶ ଷଡଙ୍ଗୀ, ଖଗେଶ୍ୱର ଷଡଙ୍ଗୀ, ଭକ୍ତବନ୍ଧୁ ପୁରୋହିତ, କୁଳମଣୀ ଯୋଶୀ, ସଞ୍ଜୀବ ହୋତା, ସୁଶାନ୍ତ କୁମାର ଦାଶ, ପ୍ରୀତିବାସ ପୁଟେଲ, ପିତାମ୍ବର ଛତର ପ୍ରମୁଖ ଉପସ୍ଥିତ ଥିଲେ।ପରେ ଜିଲ୍ଲା ସଭାପତି ଶ୍ରୀପୁଟେଲ ଓ ସମ୍ପାଦକ ଶ୍ରୀମିଶ୍ର ଉଭୟ ସଂଘର କର୍ମକର୍ତ୍ତାଙ୍କ ସହ ସାଂଗଠନିକସ୍ଥିତି, ବିକାଶ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।

---

### ବଡବାଙ୍କିରୁ କାଠ ଓ ଟ୍ରକ୍ ଜବତ ଘଟଣା

## ମାଫିଆଙ୍କୁ ଧରି ପାରୁନି ବନ ବିଭାଗ

**କଣ୍ଟାବାଞ୍ଜି/ତୁରେକେଲା, ୬।୬ (ସମିସ):** ବଲାଙ୍ଗିର ଜିଲ୍ଲାର ଜଙ୍ଗଲ ପାହାଡ଼ ଘେରା ବଙ୍ଗୋମୁଣ୍ଡା ରେଞ୍ଜର ପଣ୍ଡରେନ ସେକସନ ବଡବାଙ୍କି ଅଞ୍ଚଳରେ କାଠ ମାଫିଆ ଟ୍ରକ୍ ଜରିଆ ରାଜ୍ୟ ବାହାରକୁ ବେଆଇନ ଭାବେ ମୂଲ୍ୟବାନ କାଠ ଚାଲାଣ ଜଙ୍ଗଲ ଧ୍ୱଂସ କରିବାରେ ଲାଗିଛନ୍ତି। କିନ୍ତୁ ବଙ୍ଗୋମୁଣ୍ଡା ବନ ବିଭାଗ ନିୟନ୍ତ୍ରଣ କରିପାରୁନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି। ଗତ୨ ତାରିଖ ରବିବାର ମଧ୍ୟ ରାତ୍ରିରେ ବଙ୍ଗୋମୁଣ୍ଡା ବନ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ପଣ୍ଡରେନ ସେକସନର ମୁରିବାହାଲ ଗାଁରେ ବଙ୍ଗୋମୁଣ୍ଡା ବନ ବିଭାଗ କାଠ ଚୋରା ଚାଲାଣ ଆଡ୍ଡାରେ ଚଢ଼ଉ କରି ୭ କୁଇଣ୍ଟାଲ ଖଇରକାଠ ଗଣ୍ଡି ଓ ଟ୍ରକ୍ ନଂ ଓଆର୦୩ଇ-୨୮୨୪କୁ ଜବତ କରିଥିଲା। କିନ୍ତୁ ସେଠାରେ କୌଣସି କାଠ ମାଫିଆଙ୍କୁ ଗିରଫ କରି ପାରିନାହିଁ ବଙ୍ଗୋମୁଣ୍ଡା ବନ ବିଭାଗ। କାଠ ଓ ଟ୍ରକ ଜବତ ହୋଇଛି କିନ୍ତୁ ମାଫିଆ ଠାବ ହୋଇନାହିଁ। ପଣ୍ଡରେନ ସେକସନ ଦାୟିତ୍ୱରେ ବନପାଳ ନବ ଦାଶ ରହିଥିବା ବେଳେ ତାଙ୍କ ନିଜସ୍ୱ ବାସସ୍ଥାନ ହେଉଛି ବଡବାଙ୍କି ଗାଁ ଏବଂ ଯେଉଁ ମୁରିବାହାଲ ଗାଁରେ ବନ ବିଭାଗ ଚଢ଼ଉ କରିଛି ବନପାଳଙ୍କ ଘରୁ ମାତ୍ର ୨ କିଲୋମିଟର ଦୂର ରହିଛି। ସେହି ଅଞ୍ଚଳରୁ କାଠ ମାଫିଆ ମୂଲ୍ୟବାନ କାଠ ରାଜ୍ୟ ବାହାରକୁ ଚାଲାଣ କରୁଛି କିନ୍ତୁ କାଠ ଧରି ଟ୍ରକ ଜବତ କରି ମାଫିଆଙ୍କୁ ନ ଧରିବା ଘଟଣା ପଣ୍ଡରେନ ସେକସନ ବନପାଳଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ଘଟଣାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ଆଜିଯାଏ ବଙ୍ଗୋମୁଣ୍ଡା ବନ ବିଭାଗ ସମ୍ପୃକ୍ତ କାଠ ମାଫିଆଙ୍କୁ ଗିରଫ କରିବାରେ ବିଫଳ ହୋଇଛି। କାଠ ଆଡାରେ ଜବତ ହୋଇଥିବା ଟ୍ରକ୍ କାହାର ଯାଞ୍ଚ କରି ଟ୍ରକ୍ ମାଲିକଙ୍କୁ ତଦନ୍ତ ଭୁକ୍ତ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେପଟେ ଦାୟିତ୍ୱ ଥିବା ବନପାଳ ନବ ଦାଶଙ୍କ ନିଜ ଘର ଅଳ୍ପ ଦୂରରେ ବେଆଇନ କାଠ କାରବାର ଘଟଣା ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହେଉଛି। ଏନେଇ ପଣ୍ଡରେନ ସେକସନ ବନପାଳ ନବ ଦାଶଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲୁ ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

---

### ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ ଘଟଣା

## ଏନ୍‌ଏସି ପ୍ରଶାସନ ପକ୍ଷରୁ ପାତରଅନ୍ତର ଅଭିଯୋଗ



**କଣ୍ଟାବାଞ୍ଜି, ୬।୬(ସମିସ):** କଣ୍ଟାବାଞ୍ଜି ସହରରେ ବହୁ ଦିନ ପରେ ଏନ୍‌ଏସି ପ୍ରଶାସନ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମେ ସହରର ଜଗନ୍ନାଥ ମନ୍ଦିର ପରିସରରେ ଡ୍ରେନ ଉପରେ ଜବରଦଖଲ କରି ଦୋକାନ କରିଥିବା ବିଭିନ୍ନ ବ୍ୟକ୍ତିଙ୍କୁ ଏନ୍‌ଏସି ପ୍ରଶାସନ ଉଚ୍ଛେଦ କରିଥିଲା। ଏନ୍‌ଏସି ଉଚ୍ଛେଦ ପକ୍ରିୟା ଆରମ୍ଭ ହେବା ପରେ ସହର ଅନେକ ସ୍ଥାନରେ ବଡବଡିଆ ଜବରଦଖଲ କରିଥିବା ବେଳେ ତାହା ପ୍ରଶାସନ କେବେ ଉଚ୍ଛେଦ କରିବ ବୋଲି ଜଣାପଡ଼ିଥିଲା। କଣ୍ଟାବାଞ୍ଜି ସହରରୁ ବଲାଙ୍ଗିର ଯିବା ମୁଖ୍ୟ ସଡ଼କ, ବଜାର ରୋଡ, ମେନରୋଡ ଏବଂ ରୋଡ ନଂ ୨, ୩, ୪, ୫ ନମ୍ବର ରାସ୍ତାରେ ଡ୍ରେନ ଉପରେ ଅନେକ ଲୋକ ଜବରଦଖଲ କରିଥିବା ବେଳେ କଣ୍ଟାବାଞ୍ଜି ଏନ୍‌ଏସି ପ୍ରଶାସନ ତାହା ଉଚ୍ଛେଦ କରିବ ନା ବଡବଡିଆଙ୍କୁ ମାଫ କରିବ ଚର୍ଚ୍ଚା ହେଉଛି। ଯେତେବେଳ ପ୍ରଶାସନ ଉଚ୍ଛେଦ କରେ କେବଳ ଗରିବ ଘର ଦୋକାନ ବା କୁଡିଆ ଉଚ୍ଛେଦ ହୁଏ କିନ୍ତୁ କଣ୍ଟାବାଞ୍ଜିରେ ପ୍ରଶାସନ କେବେ ମଧ୍ୟ ବଡବଡିଆ ଜବରଦଖଲ କରିଥିବା ଡ୍ରେନ କି ଜମି ଉଚ୍ଛେଦ କରେ ନାହିଁ ବୋଲି ଉଚ୍ଛେଦ ହୋଇଥିବା ଦୋକାନମାନେ ଅଭିଯୋଗ କରିଛନ୍ତି। ସେପଟେ ଆଲିସାନ ହୋଟେଲ ସମ୍ମୁଖୀନରେ ଡ୍ରେନ ଉପରେ ଜବରଦଖଲ କରି ବୃକ୍ଷରୋପଣ କରାଯାଇଥିବା ବେଳେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସହରରେ ବନ୍ୟା ଜଳ ନିଷ୍କାସନ ପାଇଁ ଏନ୍‌ଏସି ପ୍ରଶାସନ ଡ୍ରେନକୁ ସଫା କରିବା କଥା କହି ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରୁଥିବା ବେଳେ ସହର ବଡବଡିଆଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବଲାଙ୍ଗିର ଜିଲ୍ଲା ପ୍ରଶାସନ ନଜର ଦେଇ କଣ୍ଟାବାଞ୍ଜି ସହରରେ ଡ୍ରେନ ଉପରେ ଜବରଦଖଲ କରିଥିବା ସମସ୍ତ ସ୍ଥାନ ଉଚ୍ଛେଦ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

---

### ପିଏଚ୍.ଡି ଡିଗ୍ରୀ



କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ (K I S S) ମାନିତ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ସମ୍ମାନ ସୂଚକ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି ।ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର, ଡ. ପ୍ରସନ୍ନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A Study on Nutritional Status and Associated Risk Factors among the Juang Tribe of Keonjhar District of Odisha" ସମ୍ପର୍କ ରେ ଗବେଷଣା କରିଛନ୍ତି ଏବଂ ଉକ୍ତ ସନ୍ଦର୍ଭଟି ଆନ୍ଧ୍ର ବିଶ୍ୱବିଦ୍ୟାଳୟର ହ୍ୟୁମାନ ଜେନେଟିକ୍ସ ବିଭାଗର ପ୍ରଫେସର ଜି. ସୁଧାକର ଏବଂ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପୂର୍ବତନ ପ୍ରଫେସର ପ୍ରେମାନନ୍ଦ ଭାରତୀଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି । ଡ. ମନୋରଞ୍ଜନ ମହାପାତ୍ର ନୟାଗଡ଼ ଜିଲ୍ଲା କାଳିକାପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗମେଇଁ ଗ୍ରାମ ନିବାସୀ ଶ୍ରୀମତୀ ଦମୟନ୍ତୀ ମହାପାତ୍ର ଏବଂ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି ।ସେ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ପିତାମାତା, ପିଏଚଡି ମାର୍ଗଦର୍ଶକ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସହକର୍ମୀ, ଛାତ୍ର ଛାତ୍ରୀଙ୍କ ପ୍ରେରଣା ତଥା ପତ୍ନୀ, ଝିଅ, ବନ୍ଧୁ ଓ ପରିବାରବର୍ଗଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

---

### ଡ଼ଙ୍ଗରମୁଣ୍ଡା-କଅଁସର ପିଚୁ ରାସ୍ତା ନିମ୍ନମାନର

## ଖବର ପ୍ରକାଶ ପରେ ମଧ୍ୟ ଫଳ ଶୂନ

**ସଇଁତଳା, ୬।୬(ସମିସ):** ସଇଁତଳା ବ୍ଲକ ଅନ୍ତଗତ କଅଁସର ଗ୍ରାମରୁ ଡ଼ଙ୍ଗରମୁଣ୍ଡା ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିମି ରାସ୍ତାଟି ପିଚୁ କାମ କରାଯାଇଛି। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ରାସ୍ତାକଡ଼ରେ ମାଟି ପୋତି ରାସ୍ତା ଅଧା ପୋତି ଦିଆଯାଇଛି ଯାହାଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥବା ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଗ୍ରାମବାସୀ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଉକ୍ତ ରାସ୍ତାରୁ ପିଚୁ ବାହାରି ଯାଉଥବାରୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଜଣାଯାଉଛି। କିନ୍ତୁ ଯନ୍ତ୍ରୀ କାମ ଦେଖିବାକୁ ନ ଯାଇ କାମ ଠିକ ହୋଇଥିବା କହିଛନ୍ତି। ସେହିପରି ଉକ୍ତ ରାସ୍ତାରେ ହାଇୱା ଚଳାଚଳ କରୁଥିବା ଯୋଗୁଁ ରାସ୍ତାରୁ ପିଚୁ ଉଠିଯିବା ସ୍ୱାଭାବିକ ବୋଲି କହିଛନ୍ତି। ଯଦି କାମ ଠିକ ହୋଇଛି ତେବେ ପିଚୁ କିଭଳି ଭାବରେ ଉଠିଯିବ ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ବିଷୟରେ ବଲାଙ୍ଗିରର ଅବସ୍ଥାପିତ ଅତିରିକ୍ତ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନାହାଁନ୍ତି। ଏହାକୁ ନେଇ ବିଜେପିର ବରିଷ୍ଠ ନେତା ମହେନ୍ଦ୍ର ଠାକୁର କହିଛନ୍ତି ଯଦି ଯନ୍ତ୍ରୀ କାମ ଚାଲିଥିବା ସମୟରେ ଉକ୍ତ ସ୍ଥାନକୁ ଯାଇ ପାରୁନାହାଁନ୍ତି ଏବଂ ଠିକାସଂସ୍ଥ ନିଜ ମନଇଚ୍ଛା କାମ କରୁଛି ତେବେ ଠିକାସଂସ୍ଥା ଓ ଯନ୍ତ୍ରୀଙ୍କ ମଧ୍ୟରେ ନିଶ୍ଚିତ ଭାବରେ ମଧୁଚନ୍ଦ୍ରିକା ରହିଛି। ସେହିପରି ଗ୍ରାମବାସୀ ଅଭିଯୋଗ କରିବାକୁ ବିଭାଗୀୟ କାର୍ଯ୍ୟାଳୟକୁ ଦୁଇଦୁଇଥର ଆସି ଫେରିଯାଇଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରୀ ଠାକୁର ଆଗାମୀ ଦିନରେ କଅଁସରଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଏ ବିଷୟରେ ବଲାଙ୍ଗିର ସଂସଦଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

---

### ■ ସୁନ୍ଦରଗଡ଼ରୁ ବିସ୍ଫୋରକ ଲୁଟ୍ ଘଟଣା

# କଣ୍ଟାବାଞ୍ଜି ବିସ୍ଫୋରକ ଗୋଦାମର ସୁରକ୍ଷାକୁ ନେଇ ପ୍ରଶ୍ନ

ବଲାଙ୍ଗିର/କଣ୍ଟାବାଞ୍ଜି, ୬।୬(ସମିସ)

**ବିନା କାଗଜପତ୍ରରେ ପରିବହନ ଅଭିଯୋଗ**

କିଛି ଦିନ ତଳେ ସୁନ୍ଦରଗଡ଼ ଜିଲ୍ଲାରେ ବିସ୍ଫୋରକ ଲୁଟ୍ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଆଜି ପର୍ଯ୍ୟନ୍ତ ସବୁ ତକ ବିସ୍ଫୋରକ ଜବତ ହୋଇ ନଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବିସ୍ଫୋରକ ବିକ୍ରୀ ଗୋଦାମମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଦିନକ ତଳେ କଳାହାଣ୍ଡି ଜିଲ୍ଲାରେ ବେଆଇନ ଭାବେ ପରିବହନ ହେଉଥିବା ବିସ୍ଫୋରକ ପୁଲିସ ଜବତ କରିଥିଲା। ତେବେ ଉକ୍ତ ବିସ୍ଫୋରକ ବଲାଙ୍ଗିର ଜିଲ୍ଲାରୁ ପରିବହନ ହେଉଥିବା ଜଣାପଡ଼ିବା ପରେ ଜିଲ୍ଲାରେ ଥିବା ବିସ୍ଫୋରକ ଗୋଦାମ ଓ ଗୋଦାମ ମାଲିକଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିଛି। ବଲାଙ୍ଗିର ଜିଲ୍ଲା ଅନ୍ୟତମ ମାଓ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏହିଭଳି ଭାବେ ଜିଲ୍ଲାରୁ ସୀମା ପାର ହୋଇ ଅନ୍ୟ ଜିଲ୍ଲାକୁ ବିନା କାଗଜପତ୍ରରେ ପରିବହନ କରିବା ଘଟଣାକୁ ନେଇ ବଡ ପ୍ରଶ୍ନ ସୃଷ୍ଟି ହୋଇଛି।

ବଲାଙ୍ଗିର ପରି ରାଜ୍ୟର ଅନ୍ୟତମ ମାଓ ପ୍ରବଣ ଜିଲ୍ଲାରେ ଏବେ ବି ମାଓବାଦୀଙ୍କ ଉପସ୍ଥିତି ରହିଥିବା ଆଲୋଚନା ହୋଇଥାଏ। ଗତ କିଛି ମାସ ଭିତରେ ଜିଲ୍ଲାର ତୁରେକେଲା, ଖପ୍ରାଖୋଲ, ଲାଠୋର ଥାନା ଅଞ୍ଚଳରୁ ତିନୋଟି ସ୍ଥାନରେ ମାଓକ୍ୟାମ୍ପ ଠାବ ହେବା ପରେ ମାଓବାଦୀଙ୍କ ଉପସ୍ଥିତି ଆଲୋଚନାକୁ ଖୋରାକ ଯୋଗାଇଛି। ଏହି ସବୁ ଭିତରେ ପଥର ଖାଦାନ ବ୍ଲାଷ୍ଟିଂ ପାଇଁ ବିସ୍ଫୋରକ ବିକ୍ରୀ ପାଇଁ ରହିଥିବା ଅନୁମତି ପ୍ରାପ୍ତ ଗୋଦାମମାନଙ୍କରେ ବେଆଇନ ଭାବେ ପରିବହନ କରିବା ଘଟଣା ସାମ୍ନାକୁ ଆସିଛି। ଦିନକ ପୂର୍ବରୁ କଳାହାଣ୍ଡି ପୁଲିସ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରୁ ବେଆଇନ ଭାବେ ବିସ୍ଫୋରକ ପରିବହନ କରୁଥିବା ସମୟରେ ଜବତ କରିଛି। ତେବେ ଏହି ବିସ୍ଫୋରକ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ଗୋଦାମରୁ ଯାଉଥିବା ଜଣାପଡ଼ିବା ପରେ କଳାହାଣ୍ଡି ପୁଲିସ ତନାଘନା ଆରମ୍ଭ କରିଛି। ଏପରିକି ପରିବହନ କରୁଥିବା ମାଲିକଙ୍କୁ ପୁଲିସ ଖୋଜୁଥିବା ବେଳେ ସେମାନେ ଫେରାର ରହିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ ବେଲପଡ଼ା ଥାନା କର୍ଲାବାହାଲିରେ ଗୋଟିଏ, ଡୁଙ୍ଗୁରିପାଲି ରେ ଦୁଇଟି, କସାମାଲରେ ଗୋଟିଏ ବିସ୍ଫୋରକ ଗୋଦାମ ରହିଛି। ଏହି ଗୋଦାମରେ ଜିଲ୍ଲାରେ ଥିବା ପ୍ରାୟ ସମସ୍ତ କ୍ରସରକୁ ବିସ୍ଫୋରକ ଯୋଗାଣ ହୋଇଥାଏ। ବିସ୍ଫୋରକ ରଖିବା ପାଇଁ ଏହି ମାଲିକଙ୍କ ପାଖରେ ଅନୁମତି ରହିଛି ସତ କିନ୍ତୁ କ୍ରସରମାନଙ୍କରେ ଚାଲିଥିବା ବ୍ଲାଷ୍ଟିଂ କରିବା ପାଇଁ ଅନେକଙ୍କ ପାଖରେ ଅନୁମତି ନାହିଁ। ଏଥିରୁ ଏହା ସ୍ପଷ୍ଟ ଯେ ବିନା ବ୍ଲାଷ୍ଟିଂ ଅନୁମତି ଥିବା କ୍ରସରମାଲିକଙ୍କୁ ଏହି ବିସ୍ଫୋରକ ସାମଗ୍ରୀ ବ୍ୟବସାୟୀମାନେ ଦେଉଛନ୍ତି ଯାହାକି ଅନୁଚିତ। ଏହି ସବୁ ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ରହିବା କଥା। ଜିଲ୍ଲାର ତୁରେକେଲା, ବେଲପଡ଼ା, ଖପ୍ରୋଖୋଲ ମାଓ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳରେ ଥିବା ବିସ୍ଫୋରକ ସାମଗ୍ରୀ ବେଆଇନ ଭାବେ ବାହାରକୁ ଚାଲାଣ ହେବା ଗୋଦାମ ଓ ଜିଲ୍ଲାର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏହିଭଳି ଭାବେ ଗାଡ଼ିମାନଙ୍କରେ ମନଇଚ୍ଛା ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଚାଲାଣ ହେଉଛି ଅଥଚ ପୁଲିସ ଖବର ନପାଇବା ସମସ୍ତଙ୍କୁ ଚକିତ କରିଛି। କଣ୍ଟାବାଞ୍ଜି ପୁଲିସ ଏହି ବିସ୍ଫୋରକ ଗୋଦାମ ଉପରେ ନଜର ରଖିବା ସହ ଷ୍ଟକ ଯାଞ୍ଚ କରିବା କଥା କିନ୍ତୁ ସ୍ଥାନୀୟ ପୁଲିସ ନିଜ ଭାଗ ନେଇ ସବୁ କାରବାରକୁ ଚୁପ ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ବିସ୍ଫୋରକ ବ୍ୟବସାୟୀମାନେ ପ୍ରଭାବଶାଳି ବ୍ୟକ୍ତିଙ୍କ ଛତ୍ରଛାୟାରେ ରହିଥିବାରୁ ସେମାନଙ୍କ ଗୋଦାମ ଉପରେ ମଧ୍ୟ କାହାର ନଜର ପଡୁନଥିବା ଅଭିଯୋଗ ହୋଇଛି। ଏମିତିରେ ଯେ ବଲାଙ୍ଗିର ଜିଲ୍ଲାରେ ସୁନ୍ଦରଗଡ଼ ଜିଲ୍ଲାର ଅବସ୍ଥା ସୃଷ୍ଟି ନହେବ କିଏ କହିବ। ଏଥିପ୍ରତି ଜିଲ୍ଲା ପୁଲିସ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନନ୍ଦୀତା ଜେନା

ଆବିର୍ଭାବ: ୧୦.୦୪.୧୯୮୭
ତିରୋଧାନ: ୨୮.୦୫.୨୦୨୫

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ହତଭାଗ୍ୟ ସ୍ୱାମୀ: ପ୍ରଭାଇ ଜେନା,
ପୁତ୍ର: ବିପ୍ଳରାଜ, ଅବିନାଶ, ପ୍ରମୋଦ,
କନ୍ୟା: ସ୍ମାରକୀ, ଶ୍ରାବଣୀ

● ହାଣ୍ଡିଶାଳରେ ଚଡକ: ମିଳୁନି ରନ୍ଧନ ଗ୍ୟାସ୍ ସିଲିଣ୍ଡ

# ଏଜେନ୍ସିରେ ମିଳୁନି; ବାହାରେ ଯାହାକୁ ଯେତେ

**କଲମପୁର, ୬।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଛି। ଏହା ଫଳରେ ରନ୍ଧନ ଗ୍ୟାସ୍ ମିଳୁନି। ଏଣୁ ଖାଉଟି ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏହି ଅଞ୍ଚଳରେ ବିତରଣକାରୀ ସଂସ୍ଥା ନ ଥିବାରୁ ଏହି ଅଞ୍ଚଳବାସୀ ଜୟପାଟଣା ଓ ଜୁନାଗଡ଼ ବିତରଣକାରୀ ସଂସ୍ଥା ଉପରେ ନିର୍ଭର କରି ଆସୁଛନ୍ତି। କିଛି ଦିନ ହେଲା ଏହି ଅଞ୍ଚଳରେ ରନ୍ଧନ ଗ୍ୟାସ ବିତରଣ ବନ୍ଦ ହୋଇ ପଡ଼ିଛି। ଏନେଇ ପଚାରିଲେ କୁହାଯାଉଛି ଓଟିପି ନ ଆସିଲେ ଗ୍ୟାସ୍ ବୁକିଂ ହୋଇ ପାରୁନାହିଁ। ଜାଳେଣି କାଠ ମିଳୁ ନ ଥିବା ବେଳେ ରନ୍ଧନ ଗ୍ୟାସ୍ ମଧ୍ୟ ମିଳୁନାହିଁ। ଏହାଫଳରେ ରନ୍ଧନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହାର ସୁଯୋଗରେ ଅସାଧୁ ବ୍ୟବସାୟ ଚଢ଼ା ଦରରେ ଗ୍ୟାସ୍ ବିକ୍ରି କରୁଛନ୍ତି। କିରାନା ଷ୍ଟୋର, ପୂଜା ଭଣ୍ଡାର, ରାସାୟନିକ ସାର ଦୋକାନରେ ଗ୍ୟାସ୍ ଖୁଲମଖୁଲା ମିଳୁଛି। ଏମାନଙ୍କ ପାଖରେ



ଶତାଧିକ ଟାଙ୍କି କିଭଳି ଗଚ୍ଛିତ ରହିଛି ତାହା ଯାଞ୍ଚ ହେଉନି। କୁହାଯାଉଛି ଗରିବ ଲୋକେ ଗ୍ୟାସ ଟାଙ୍କି ଓ ବୁକିଂ ଖାତା ବନ୍ଧା ପକାଇଛନ୍ତି। ସେହି ଟାଙ୍କି ଓ ଖାତାରେ ଏଭଳି ଅସାଧୁ କାରବାର ହେଉଛି। ଜନ ବସତିରେ ଏଭଳି କାରବାର ହେଉଥିବା ବେଳେ ପ୍ରଶାସନ ଚୁପ୍ ବସିଛି। କଲମପୁର ବ୍ଲକ ଯୋଗାଣ ନୀରିକ୍ଷିକା ଲିସା ସାହୁ କହିଛନ୍ତି ଯେ, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

# ୨୦୧୮ ପରଠୁ ବାଲି ମୁଠାଏ ପଡ଼ିନି



**ଜୟପାଟଣା, ୬।୬(ସମିସ):**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଉପର ଇନ୍ଦ୍ରାବତୀ ପ୍ରକଳ୍ପ ମହୁଲପଟଣା ଘାଟି ରାସ୍ତା ଦୀର୍ଘ ବର୍ଷ ହେଲା ଶୋଚନୀୟ ହୋଇ ପଡ଼ିଛି। ଏ ନେଇ ପ୍ରକଳ୍ପ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଦୈନିକ ଶହ ଶହ ଛୋଟବଡ଼ ଗାଡି ସହ ବଡ଼ ବଡ଼ ଟ୍ରକ ଯାତାୟାତ କରୁଛି। ରାସ୍ତା ସଂକୀର୍ଣ୍ଣ ସହ ବଡ଼ ବଡ଼ ଖାଲଖମା ହେବା ଫଳରେ ଯିବା ଆସିବା କରୁଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ମୁଖୀଗୁଡାଠାରୁ ମହୁଲପଟଣା ପର୍ଯ୍ୟନ୍ତ ଦୀର୍ଘ ୧୫ କିମି ଘାଟି ରାସ୍ତା ପାହାଡ଼ କାଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ବେଳେ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ ଉପରେ ଥିବା ଭାଲବ୍ ହାଉସ୍, ସର୍ଚ୍ଚ ଟାଙ୍କି, ଜଳଭଣ୍ଡାର ଇନଟ୍ୟାଙ୍କକୁ ବିଭାଗୀୟ ଅଧିକାରୀମାନେ ଯିବା ଆସିବା କରନ୍ତି। ୨୦୧୮ ମସିହାରେ କିଛି ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଛାଡିଦେଲେ ଦୀର୍ଘ ବର୍ଷ ହେଲା ଏହାର ମରାମତି କାର୍ଯ୍ୟ ହେଉନାହିଁ। ଅନ୍ୟ କାର୍ଯ୍ୟଗୁଡ଼ିକରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ଏହି ରାସ୍ତାରେ ବାଲି ମୁଠାଏ ପଡ଼ିନାହିଁ। ଏହି ରାସ୍ତା କଳାହାଣ୍ଡି ଓ ନବରଙ୍ଗପୁରକୁ ସଂଯୋଗ କରୁଛି। ସେହିଭଳି ଥୁଆମୂଳ ରାମପୁର ବ୍ଲକର ଲୋକେ ଏହି ରାସ୍ତା ଦେଇ ଜୟପାଟଣା, ଭବାନୀପାଟଣା, ଜୁନାଗଡ଼, କୋକସରା ବ୍ଲକକୁ ଯାଇଥାନ୍ତି। ଜୟପାଟଣା ବ୍ଲକର ଲୋକେ ମଧ୍ୟ ଅନ୍ୟ ଅଞ୍ଚଳକୁ ଯାଇଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା ଇନ୍ଦ୍ରାବତୀ ବିସ୍ଥାପିତମାନଙ୍କ ମୁଖ୍ୟ ରାସ୍ତା, ଜଳ ଭଣ୍ଡାର ଭିତରୁ ଯେଉଁ ଗାଁଗୁଡ଼ିକୁ ଉଠାଯାଇଥିଲା ସେମାନେ ବର୍ତ୍ତମାନ ପାହାଡ଼ ଉଚ୍ଚ ଅଞ୍ଚଳରେ ବସବାସ କରୁଛନ୍ତି। ସେମାନେ ମହୁଲପଟଣା ଦେଇ ଇନ୍ଦ୍ରାବତୀ ଘାଟି ରାସ୍ତାରେ ମୁଖୀଗୁଡାକୁ ବିଭିନ୍ନ କାମ ପାଇଁ ଆସନ୍ତି। ଅନ୍ୟପକ୍ଷରେ ବର୍ଷର ଅନେକ ସମୟ ବିଭିନ୍ନ ଅଞ୍ଚଳରୁ ଛାତ୍ରଛାତ୍ରୀ

## ମହୁଲପାଟଣା ଇନ୍ଦ୍ରାବତୀ ଘାଟି ରାସ୍ତା ଶୋଚନୀୟ

ଷ୍ଟଡିଟୁରରେ ଇନ୍ଦ୍ରାବତୀ ପ୍ରକଳ୍ପକୁ ଆସିଥାନ୍ତି। ନୂଆବର୍ଷରେ ଇନ୍ଦ୍ରାବତୀ ତଥା ଇନ୍ଦ୍ରାବତୀ ଜଳଭଣ୍ଡାର ଅଞ୍ଚଳରେ ଏକ ପିକିନିକ୍ ସ୍ପଟ ହୋଇଯାଏ। ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଲୋକେ ନୂଆବର୍ଷରେ ଏହି ସ୍ଥାନକୁ ଆସିଥାନ୍ତି; କିନ୍ତୁ ରାସ୍ତାଘାଟ ଶୋଚନୀୟ ସହ ପ୍ରକଳ୍ପ ଅଞ୍ଚଳରେ କିଛି ସୁବିଧା ଆଉ ବ୍ୟବସ୍ଥା ନାହିଁ; ଯାହାକୁ ନେଇ ଅନେକ ଲୋକ କ୍ଷୋଭ ପ୍ରକାଶ କରିବା ସହ ଏହି ଅଞ୍ଚଳର ଉନ୍ନତିକରଣ ପାଇଁ ଦାବି କରିଛନ୍ତି। ପ୍ରକଳ୍ପର ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ କରିବା ପାଇଁ ପ୍ରକଳ୍ପ ସ୍ଥାପନ ବେଳେ ସ୍ୱତନ୍ତ୍ର ନିୟମ ରହିଥିଲା; କିନ୍ତୁ ବିଶ୍ୱ ଦରବାରରେ ପରିଚିତ ଇନ୍ଦ୍ରାବତୀ ପ୍ରକଳ୍ପର ପାରିପାର୍ଶ୍ୱିକ ଅଞ୍ଚଳ କେତେ ବିକାଶ ହୋଇଛି ତାହା ଏହି ଦୃଶ୍ୟ ପ୍ରମାଣ କରୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ରାସ୍ତା ପାଇଁ ଡିପିଆର୍ ପଠା ଯାଇଛି। ଆନୁମୋଦନହେଲେ କାମ ହେବ ବୋଲି କହିଛନ୍ତି। ତେବେ ବିଭାଗୀୟ ଅଧିକାରୀ ଓ ସରକାରୀ ସ୍ତରରେ ଉଦାସୀନତା ଯୋଗୁଁ ଇନ୍ଦ୍ରାବତୀ ଅଞ୍ଚଳର ବିକାଶ ରେ ବାଧା ସୃଷ୍ଟି ହେଉଛି।

ବାଇକ୍ ସହ ପୁଲିସ ଏଏସଆଇ ଜଳିଯିବା ଘଟଣା

# ୫ଦିନ ପରେ ଟ୍ରକ୍ ସହ ଚାଳକଙ୍କୁ ଧରିଲା ପୁଲିସ




**ଭବାନୀପାଟଣା, ୬।୬(ସମିସ):** ଭବାନୀପାଟଣା-ଜୁନାଗଡ଼ ଜାତୀୟ ରାଜପଥ ଦେଇ ଯାଉଥିବା ୨୬ ନମ୍ବର ବନମାଳୀପୁର ଛକ ନିକଟରେ ଗତ ରବିବାର ସକାଳୁ ବାଇକ୍ ସହ ଜଣେ ପୁଲିସ ଏଏସଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣାରୁ ପରଦା ଉଠିଛି। ମୃତ ପୁଲିସ ଏଏସଆଇ ଜଣକ କୋରାପୁଟ ଜିଲ୍ଲା ବୋରିଗୁମା ଥାନା ସାନଦୁବଲି ଗ୍ରାମର ପବିତ୍ର ଗୋଲାପୀ(୪୩) ଥିଲେ। ରାସ୍ତାରେ ଏକ ଟ୍ରକରେ ପିଟି ହୋଇ ତାଙ୍କ ମୃତ୍ୟୁ ଘଟିଥିବା ପୁଲିସ ଏବେ ସ୍ପଷ୍ଟ ହୋଇଛି। ତେବେ ଟ୍ରକଟି ଘଟଣା ପରେ ସେଠାରୁ ଫେରାର ହୋଇ ଯାଇଥିଲା। ପୁଲିସ ସିସିଟିଭିକକୁ ଆଧାର କରି ଜିଲ୍ଲା ତଥା ଜିଲା ବାହାରର ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲା। ଶେଷରେ କଟକ ଜିଲ୍ଲା ଟାଙ୍ଗୀରୁ ଟ୍ରକ ଓ ଚାଳକଙ୍କୁ ପୁିସ ଧରିବାରେ ସକ୍ଷମ ହୋଇଛି। ଟ୍ରକକୁ ଜୁନାଗଡ଼ ଥାନାକୁ ଅଣା ଯାଇଛି। ଚାଳକ ଦେବଗଡ଼ ଜିଲ୍ଲା ଅରକାପୋଲ ଗ୍ରାମର ମିଟୁ ମାଝୀଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି। ଅନୁଗୁଳରୁ ଏହି ୧୬ଚକିଆ ଟ୍ରକ (ଓଡି ୩୫ ଏଚ-୩୦୬୯) ସିମେଣ୍ଟ ଧରି କଳାହାଣ୍ଡି ଜିଲ୍ଲା ନର୍ଲା ଆସିଥିଲା। ସିମେଣ୍ଟ ଖାଲି କରି ରାତିରେ ନବରଙ୍ଗପୁର ଜିଲ୍ଲା ମଇଦଲପୁରକୁ ମକା ଆଣିବା ପାଇଁ ବାହାରିଥିଲା। ବାଟରେ ଜୁନାଗଡ଼ ଥାନା ବନମାଳୀପୁର ଛକ ୨୬ ନମ୍ବର ଜାତୀୟ ରାଜପଥ (ଘଟଣା ସ୍ଥଳ) ନିକଟରେ ଶୌଚ ଲାଗିବାରୁ ରାସ୍ତା କଡ଼ରେ ଟ୍ରକ ରଖି ଦେଇ ଚାଲିଯାଇଥିଲେ। ଶୌଚ ସାରି ଟ୍ରକ ପାଖକୁ ଆସିବା ବେଳେ ଗୋଟିଏ ବାଇକ୍ ସହ ଚାଳକ ଟ୍ରକ ତଳେ ଦୁର୍ଘଟଣା ଘଟାଇ ଜଳି ଯାଉଥିବା ଦେଖିବାକୁ ପାଇଥିଲେ; ହେଲେ ଉଦ୍ଧାର କରିବା ପରିବର୍ତ୍ତେ ଚାଳକ ମିଟୁ ଭୟଭୀତ ହୋଇ ନିଜ ଉପରେ କାଳେ ଦୋଷ ଲଦି ହୋଇଯିବ ଭାବି ପ୍ରାଣ ବିକଳରେ ଘଟଣା ସ୍ଥଳରୁ ଟ୍ରକ୍ ଧରି ଫେରାର ହୋଇ ଯାଇଥିଲେ।

# ସବୁ ସରକାରୀ ଯୋଜନାରୁ ବଞ୍ଚିତ

● ଭଙ୍ଗା ଦଦରା ଘରେ ଝିଅଜ୍ୱାଇଁ ସହ ପଡ଼ିଛନ୍ତି ବୃଦ୍ଧ

● ଭୋଟର କାର୍ଡ, ଆଧାର କାର୍ଡ, ରାସନ କାର୍ଡ ନାହିଁ

● ମିଳୁନି ଭତ୍ତା, ଚାଉଳ ଓ ଆବାସ ଗୃହ





**କଲମପୁର, ୬।୬(ସମିସ):** ସରକାର ମାଳମାଳ ଯୋଜନା ପ୍ରଣୟନ କରିଛନ୍ତି। କାହା ପାଖକୁ ସରକାରୀ ଯୋଜନା ଗୁଡିକ ସହଜରେ ପହଞ୍ଚି ଯାଉଛି ତ କାହା ପାଖରେ ଅପହଞ୍ଚ ହୋଇ ଯାଉଛି। ପ୍ରକୃତ ହିତାଧିକାରୀଙ୍କ ପାଖକୁ କିନ୍ତୁ ଜନ ହିତକର ଯୋଜନାଗୁଡିକ ପହଞ୍ଚି ପାରୁଛି କି ନାହିଁ ତାହା ଦେଖିବାକୁ କାହାରି ଆନ୍ତରିକତା ନାହିଁ। ଏହା ଫଳରେ ଯୋଜନାର ସୁଫଳରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏଭଳି ଏକ ପରିବାର ରହିଛିଯାହା ପାଖକୁ କୌଣସି ଯୋଜନା ପହଞ୍ଚି ପାରିନାହିଁ। ଏଭଳି ଏକ ପରିବାର ଯେ କି ସବୁଥିରୁ ବଞ୍ଚିତ ହୋଇ ଦୟନୀୟ ଜୀବନ ଅତିବାହିତ କରିବାରେ ଲାଗିଛନ୍ତି। ଏମାନଙ୍କ ଦୁଃଖର କାହାଣୀ କାହାରି କର୍ଣ୍ଣ ଗୋଚର ହେଉନାହିଁ। ରାଜନେତା, ସରକାରୀ ବାବୁଙ୍କ ପାଖକୁ ଦୌଡ଼ି ଦୌଡି ନିରାଶ ହେବା ପରେ ଏବେ ସେମାନେ ଭାଗ୍ୟକୁ ଆଦରି ଘରେ ପଡ଼ି ରହିଛନ୍ତି। କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ବିଜମରା ପଞ୍ଚାୟତ ଅଧୀନ ଦୋଲକିବନ୍ଧ ଚଞ୍ଚରାପଡ଼ାରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଛୋଟିଆ ଭଙ୍ଗା ଘରେ ତ୍ରିନାଥ ବାଣୁଆ ନାମକ ଜଣେ ୭୦ ବର୍ଷର ବୃଦ୍ଧ ତାଙ୍କ ଝିଅଜ୍ୱାଇଁ ସହ ରହୁଛନ୍ତି। ତାଙ୍କ ଆଖିକୁ ଦେଖାଯାଉ ନାହିଁ। କାନକୁ ଶୁଣାଯାଉ ନାହିଁ। ମନକୁ ମନ ବାଉଳି ହେଉଛନ୍ତି। ତେବେ ତାଙ୍କ ଦୁଃଖ କାହାଣୀ ବଖାଣିଥିଲେ ସେହି ଗ୍ରାମର ଶିବଶଙ୍କର ମହାରଣା। ୩୫ବର୍ଷ ତଳେ ତ୍ରିନାଥ ଜୁନାଗଡ଼ ବ୍ଲକ ମାଟିଗାଁରୁ ଆସି ଏଠାରେ ବିବାହ ସହ ନିଜସ୍ୱ ଉଦ୍ୟମରେ ଏକ କୁଡ଼ିଆ ନିର୍ମାଣ କରି ରହି ଆସୁଛନ୍ତି। ସ୍ତ୍ରୀଙ୍କ ଦେହାନ୍ତ ପରେ ଝିଅ ସସ୍ମିତା ଓ ଜ୍ୱାଇଁ ତାଙ୍କ ଭରସା। ତେବେ ସସ୍ମିତା ମଧ୍ୟ ଟିକିଏ ମାନସିକ ଅନଗ୍ରସର। ନବରଙ୍ଗପୁର ଅଞ୍ଚଳର ଜଣେ ଯୁବକଙ୍କୁ ସେ ବିବାହ କରଛନ୍ତି। ଝିଅଜ୍ୱାଇଁ ବୃଦ୍ଧଙ୍କ ପାଖରେ ରହୁଛନ୍ତି। ବୃଦ୍ଧ ବାପା ଓ ଝିଅଜ୍ୱାଇଁ ସେହି ଭଙ୍ଗା ଦଦରା ଘରେ କାଳାତିପାତ କରି ଆସୁଛନ୍ତି। ସେମାନଙ୍କ ପାଖରେ ଆଧାରକାର୍ଡ ନାହିଁ। ଭୋଟର କାର୍ଡ ନାହିଁ। ଏହାଫଳରେ ଆବାସ ଘର, ଭତ୍ତା ସବୁଥିରୁ ସେମାନେ ବଞ୍ଚିତ ହୋଇଛନ୍ତି। ଏଭଳି କି ସେମାନଙ୍କ ପାଖରେ ରାସନ କାର୍ଡ ମଧ୍ୟ ନ ଥିବାରୁ ଚାଉଳ ଗଣ୍ଡିଏ ମଧ୍ୟ ପାଇ ପାରୁ ନାହାନ୍ତି। ଏନେଇ କଲମପୁର ବିଡିଓ, ସରପଞ୍ଚ ସମେତ ବିଭିନ୍ନ ରାଜନେତା ତଥା ଜନ ପ୍ରତିନିଧିଙ୍କୁ ଅବଗତ କରାଯାଇଛି; ହେଲେ କିଛି ସୁଫଳ ମିଳିନାହିଁ। ଅବଶ୍ୟ ପଞ୍ଚାୟତ ଦୟା ଦେଖାଇ ମାସକୁ ୫ କେଜି ଚାଉଳ ଦେଉଛି; ଯାହାକୁ ସେମାନେ ଚଳିବା କଷ୍ଟକର ହୋଇ ପଡ଼ିଛି। ଏଥିପାଇଁ ସେମାନେ ବେଳେ ବେଳେ ଭୋକ ଉପାସରେ କାଳ କାଟୁଛନ୍ତି। ସେମାନଙ୍କ ଭୋକର ବିକଳ ଦେଖି ନ ପାରି ସାହି ପଡ଼ିଶା ଲୋକେ କେବେ କେମିତି ରନ୍ଧା ଖାଦ୍ୟ ଦେଇଥାନ୍ତି ବୋଲି ଶ୍ରୀ ମହାରଣା କହିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତିବନ୍ଧୁ ସମ୍ମାନ



**କେସିଙ୍ଗା, ୬।୬(ସମିସ):** ବାଲସି ଜବାହାର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଭୟଦେବତା ପ୍ରକୃତିବନ୍ଧୁ ସମ୍ମାନ ପାଇଛନ୍ତି। ଭବାନୀପାଟଣା ମେଦିନୀପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସରେ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସମାରୋହରେ ଦକ୍ଷୀଣ ବନଖଣ୍ଡ ଅଧିକାରୀ ଆ. କଲାଇ ବନାନ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ ବିଶ୍ନୋଇ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଅନିମେସ ପ୍ରଧାନ, ଡିଏଲଏସଏ ସଚିବ ସ୍ନିଗ୍ଧା ପଣ୍ଡା, ଅବକାରୀ ଅଧିକ୍ଷକ ରଞ୍ଜନ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ ଖାଦ୍ୟରେ ମହକିଲା ମିଶନ ଶକ୍ତି ଭବନ









**ଜୟପାଟଣା, ୬।୬(ସମିସ):** ଜୟପାଟଣା ବ୍ଲକ ମିଶନ ଶକ୍ତି ଭବନ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୭ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ମହିଳାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ ସହ ପ୍ରଥମ ଓ ଦ୍ୱତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ସିଡିପିଓ ସୂର୍ଯ୍ୟକାନ୍ତି ପଟଯୋଶୀ, ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ମୁଣ୍ଡ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ମହିଳା ସୁପରଭାଇଜର, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଓଏଲଏମ ଓ ମିଶନ ଶକ୍ତି କର୍ମଚାରୀ ଉପସ୍ଥିତ ଥିଲେ। ମିଶନ ଶକ୍ତି କର୍ମଚାରୀ ରୋହିତ ବିଶ୍ୱାଳ, ମଳୟ ଦଳପତି ଓ ହେମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉର୍ଲାଦାନୀ, ତେର୍ଲୋରେ ବିଶ୍ୱ ପରିବେଶ ଦିବସ

**ମରାମପୁର, ୬।୬(ସମିସ):** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସେବା ଜଗତ ଓ ବନ ବିଭା ର ମିଳିତ ଉଦ୍ୟମରେ ଉର୍ଲାଦାନୀ ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ସତ୍ୟ ନାରାୟଣ ପଟ୍ଟନାୟକ, ବନପାଳ ଶୁଭେନ୍ଦୁ ବିଶି, ଜଙ୍ଗଲ ମଞ୍ଚର ସଂଯୋଜକ ପ୍ରଦୀପ ସାହୁ, ସୁନିତା ତାଣ୍ଡି ପ୍ରମୁଖ ନେତୃତ୍ୱ ନେଇଥିଲେ। ନର୍ଲା ବ୍ଲକ ବାଲସିଙ୍ଗା ପଞ୍ଚାୟତର ତେଲୋ ଗ୍ରାମରେ ମଧ୍ୟ ଜଙ୍ଗଲ ଅଧିକାର କମିଟି ତଥା ଗ୍ରାମ ସଭାର ସଭ୍ୟସଭ୍ୟା ଓ ମହିଳା ଗୋଷ୍ଠୀଙ୍କୁ ନେଇ ସେବାଜଗତ ସହଯୋଗରେ ପରିବେଶ ଦିବସ ପାଳିତ ହୋଇଛି। ବନରକ୍ଷୀ ଦିଆଲୁ ରାଉତ, ଭବାନୀ ଶଙ୍କର ନାଏକ, ଗୟା ମାଝୀ, ସୁଶୀଲ ମହାରଣା, ବନ ବିଭାଗ କର୍ମଚାରୀ ଗୌରୀ ମହାରଣା, ମଧୁସ୍ମିତା ଭୋଇ, ମୋତିରଶ୍ମି ଛତ୍ରିଆ, ସରିତା ପୁଝାରୀ, ସଞ୍ଜୁକ୍ତା ନାଏକ, ସୋନାଲ ସଙ୍ଘମିତ୍ରା ସାହୁ, ପଦ୍ମଲୋଚନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଟଙ୍କଧର ବଗର୍ତ୍ତି ପରିଚାଳନା କରିଥିଲେ। ଅମିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆର୍‌ସିସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ସିନାପାଲି, ୬।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା କେନ୍ଦ୍ର ପ୍ରଥମିକ ବିଦ୍ୟାଳୟରେ କ୍ଲଷ୍ଟରର ନୂତନ ସିଆର୍‌ସିସି ମହେନ୍ଦ୍ର ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ପୁରାତନ ସିଆର୍‌ସିସି ଦିବ୍ୟ ରଞ୍ଜନ ପାଢ଼ୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ନୂତନ ସିଆର୍‌ସିସି ଶ୍ରୀ ବାଗ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଥିଲେ। ପୁରାତନ ସିଆରସିସି ଶ୍ରୀ ପାଢ଼ୀ ତାଙ୍କ ସମୟରେ କରିଥିବା କାର୍ଯ୍ୟ ଉପରେ କହିଥିଲେ। ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଖର୍ସେଲ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ
THE SAKALA

## ବିଦ୍ୱେଷ ଓ ବିଦ୍ରୋହ

ପରିବର୍ତ୍ତିତ ପରିସ୍ଥିତିରେ ରଣକୌଶଳ ବଦଳିଛି। ଗୁଳି, ଗୋଳା, ତୋପ ଓ ଟ୍ୟାଙ୍କ ମାଧ୍ୟମରେ ସୀମାରେ ଦୁଇପକ୍ଷର ପଦାତିକ ବାହିନୀ ମୁହାଁମୁହିଁ ହୋଇ ଲଢ଼ିବା ସମୟ ଆଉ ନାହିଁ। ବାୟୁସେନାର ଅପୋକ୍ଷକୃତ ଗୁରୁତ୍ୱ ବଢ଼ିଛି। ନୂଆପିଢ଼ିର ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଓ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ପ୍ରୟୋଗ କରି ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଢାଞ୍ଚାକୁ ଧ୍ୱସ୍ତବିଧ୍ୱସ୍ତ କରିବା ହେଉଛି ଏବର ନୂଆ ରଣକୌଶଳ। ୧୯୪୮ ରୁ ୧୯୯୯ ପର୍ଯ୍ୟନ୍ତ ଭାରତ ସହ ପାକିସ୍ତାନ ଚାରିଟି ଯୁଦ୍ଧ ଲଢ଼ିଥିଲେ ମଧ୍ୟ ୧୯୭୧ ଓ ୧୯୯୯ ଥିଲା ନିର୍ଣ୍ଣାୟକ ରଣକ୍ଷେତ୍ର। ୧୯୭୧ରେ ପାକିସ୍ତାନ ତାହାର ପୂର୍ବାଞ୍ଚଳକୁ ସବୁଦିନ ପାଇଁ ହରାଇଥିଲା, ଯାହା ଏବେ ବାଂଲାଦେଶର ମାନ୍ୟତା ଲାଭ କରିଛି। ସେହିଭଳି ୧୯୯୯ କାରଗିଲ ଯୁଦ୍ଧରେ ମଧ୍ୟ ପାକିସ୍ତାନ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା । ପାକ୍ ପଦାତିକ ବାହିନୀର କ୍ରମାଗତ ଏହି ବିଫଳତାକୁ ଦର୍ଶାଇ ବାୟୁସେନା ନିଜର ଶକ୍ତି ଓ ସାମର୍ଥ୍ୟ ଏଥର ପ୍ରଦର୍ଶନ କରିଛି। ଏକଥା ଖୋଲା ଖୋଲି ଏୟାର ଭାଇସ୍ ମାର୍ଶାଲ ଆଉରଙ୍ଗଜେବ ମହମ୍ମଦ ପାକ୍ ସେନାବାହିନୀ ମୁଖପାତ୍ରଙ୍କ ଉପସ୍ଥିତିରେ ଦର୍ଶାଇଛନ୍ତି। ସେ ପରୋକ୍ଷରେ ଇଙ୍ଗିତ କରିଛନ୍ତି ଯେ ଦେଶର ସାମରିକ ବ୍ୟବସ୍ଥାରେ ପଦାତିକ ବାହିନୀର ପ୍ରାଧାନ୍ୟ ଓ ପତିଆରା କ୍ଷୁଣ୍ଣ ହୋଇଛି। ଏ ସବୁସତ୍ତ୍ୱେ ସାମରିକ ମୁଖ୍ୟ ଅମୀତ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ସମ୍ମାନ ସରକାର ପ୍ରଦାନ କରିଛନ୍ତି। ଆୟୁବ୍ ଖାଁଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ପଦାତିକ ବାହିନୀ ମୁଖ୍ୟ ଯିଏ କି ଏହି ସମ୍ମାନ ପାଇଛନ୍ତି।

ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଯେ ଗୋଟିଏ ବ୍ୟବସ୍ଥାର ଦୁଇ ବାହିନୀ ମଧ୍ୟରେ ମୁଣ୍ଡ ଟେକିଥିବା ଏହି ବିଦ୍ୱେଷ ଆଗକୁ ବିଦ୍ରୋହର ରୂପ ନେବନି ତ? କାରଣ ପାକିସ୍ତାନର ସେନାବାହିନୀର ମୁଖ୍ୟ ଦାୟିତ୍ୱ ସ୍ଥଳ ସେନାବାହିନୀ ହାତରେ ହିଁ ରହିଆସିଛି। ସେହି ମୁଖ୍ୟମାନେ ଦେଶରେ ୩୩ ବର୍ଷ ଧରି ପ୍ରତ୍ୟକ୍ଷ ଭୂମିକାରେ ଥିଲେ। ଅବଶିଷ୍ଟ ୪୮ ବର୍ଷ ସେମାନଙ୍କ ଇଙ୍ଗିତରେ ବେସାମରିକ ନେତୃତ୍ୱ ଦେଶରେ ଶାସନ କରିଆସିଛି। ତେଣୁ ସାମରିକ ବାହିନୀର ମୁଖ୍ୟ ପଦବୀ ପାଇଁ ବାୟୁସେନା ମୁଖ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଦାବିଦାର ହେବା ଅସ୍ୱାଭାବିକ ନୁହେଁ। ଏୟାର ଭାଇସ ମାର୍ଶାଲ୍ ଆଉରଙ୍ଗଜେବ୍ ଅହମ୍ମଦ ଦାବି କରିଛନ୍ତି ଯେ ମେ ୬ ତାରିଖ ପ୍ରାରମ୍ଭିକ ପର୍ଯ୍ୟାୟ ଆକ୍ରମଣ ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନକୁ ଧ୍ୱଂସ କରି ୬-୦ ରେ ବିଜୟୀ ହୋଇଛି। ଅବଶ୍ୟ ପାକିସ୍ତାନ ଏହା ସପକ୍ଷରେ ଆନ୍ତର୍ଜାତିକ ସମୁଦାୟକୁ ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହୋଇଛି। ତେବେ ପାକିସ୍ତାନବାସୀ ଏହାକୁ ଗ୍ରହଣ କରି ବିଜୟୋଲ୍ଲାସରେ ମଦମତ୍ତ। ତେଣୁ ତ ବାୟୁସେନା ଚ୍ୟାଲେଞ୍ଜ କରିବାକୁ ସୁଯୋଗ ପାଇଛି। ଅଥଚ ପରବର୍ତ୍ତୀ ତିନିଦିନର ବିପର୍ଯ୍ୟୟ ସମ୍ପର୍କରେ ଆଉରଙ୍ଗଜେବ ନିରବ। ତାଙ୍କର ଏହି ବକ୍ତବ୍ୟକୁ ଭାରତର ସିଡିଏସ୍ ଅନୀଲ ଚୌହ୍ୱାନ ବ୍ଲୁମ୍‌ବର୍ଗକୁ ଦେଇଥିବା ସାକ୍ଷାତକାରରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ତୁଳନାତ୍ମକ ବିଚାର କଲେ ମନେହୁଏ ମେ ୬ ତାରିଖରେ ଆମେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛୁ। ଆମ ଯୁଦ୍ଧ ବିମାନକୁ ପ୍ରତିପକ୍ଷ ଖସାଇ ଦେଇଛି। ତେଣିକି ଏହି ସଂଖ୍ୟା ଯାହା ହେଉନା କାହିଁକି। ମେ ୬ ତାରିଖରେ ତ୍ରୁଟିକୁ ସୁଧାରି ଭାରତ ପ୍ରତିପକ୍ଷ ଉପରେ ଯେଉଁ କ୍ରମାଗତ ପ୍ରହାର କରିଛି ତାହା ଉଲ୍ଲେଖନୀୟ।

ପାକିସ୍ତାନର ଦାବି ଓ ଅସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଛି ଯେ ଚାରିଦିନର ଯୁଦ୍ଧ ମଧ୍ୟରୁ ପ୍ରଥମ ଦିନକୁ ବାଦଦେଲେ ଅବଶିଷ୍ଟ ୩ ଦିନ ନିରଙ୍କୁଶ ପ୍ରହାର କରି ଆମେ ପ୍ରତିପକ୍ଷକୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିଛୁ। ଏସବୁ ସତ୍ତ୍ୱେ ପ୍ରଥମ ଦିନର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆତଙ୍କବାଦୀଙ୍କ ଆଡାରେ ଆମେ ଲକ୍ଷ୍ୟ ଭେଦ କରିଛୁ। କ୍ଷତି ବଡ଼ କଥା ନୁହେଁ। ନିର୍ଦ୍ଧାରିତ ଟାର୍ଗେଟକୁ ଧ୍ୱଂସ କରିବା ଅନ୍ୟତମ ସଫଳତା ଦାବି କରାଯାଇପାରେ।

ଅନୀଲ ଚୌହାନଙ୍କ ସ୍ୱୀକାରୋକ୍ତି ପରେ ଗୁମର ଖୋଲିବା ଆରମ୍ଭ କରିଛି। ଚୀନ ଉପଗ୍ରହ ମାଧ୍ୟମରେ ଭାରତର ସ୍ଥିତି ସମ୍ପର୍କରେ ଦେଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ପାକିସ୍ତାନ ବାୟୁସେନା ଅଧିକାରୀଙ୍କ ପୃଷ୍ଠପଟରେ ଚୀନ୍ ବିଶେଷଜ୍ଞ ଯୁଦ୍ଧ ସଂଚାଳନ କରୁଥିବାର ସ୍ପଷ୍ଟ ହୋଇଛି। ତେଣୁ ପରିବର୍ତ୍ତିତ ରଣକୌଶଳରେ ଭାରତୀୟ ବାୟୁସେନା ଯେଉଁ ପ୍ରହାର ଆରମ୍ଭ କଲା ସେଥିରେ ପାକିସ୍ତାନର ୬ଟି ଜେଟ୍, ଦୁଇଟି ଆୱକସ୍, ଗୋଟିଏ ପରିବହନ ବିମାନ ଓ ୩୦ କ୍ଷେପଣାସ୍ତ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ସେତିକି ନୁହେଁ ପାକିସ୍ତାନ ବିଭିନ୍ନ ସ୍ଥାନରେ ଥିବା ବାୟୁସେନା କେନ୍ଦ୍ର ଉପରେ ନିର୍ଣ୍ଣାୟକ ଆକ୍ରମଣ କରିଛି। ଏକ୍ଷେତ୍ରରେ ପାଲଟା ଆକ୍ରମଣ ପାଇଁ ଶକ୍ତି ଓ ସାମର୍ଥ୍ୟ ହରାଇ ବୁଝାମଣା ସକାଶେ ତୃତୀୟ ପକ୍ଷର ସହାୟତା ଲୋଡ଼ିଛି। ଉଭୟ ପକ୍ଷର ଦାବି ଓ ପ୍ରତିବାଦରୁ ଯାହା ସ୍ପଷ୍ଟ ହେଇଛି ତାହା ହେଲା ମେ ୬ ତାରିଖରେ ପାକିସ୍ତାନର ୯ଟି ଆତଙ୍କବାଦୀ କେନ୍ଦ୍ରର ଧ୍ୱଂସ ପ୍ରୟାସ ବେଳେ ଭାରତକୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥିଲା। ଜେନେରାଲ୍ ଚୌହ୍ୱାନ ଯାହା କହିଛନ୍ତି ତାହାର ମଧ୍ୟ ଯଥାର୍ଥତା ରହିଛି। ପ୍ରାରମ୍ଭିକ ବିପର୍ଯ୍ୟୟ ଯୁଦ୍ଧର ଶେଷ କଥା ନୁହେଁ। ସଂଶୋଧିତ ରଣନୀତିରେ ଯେଉଁ ନିର୍ଣ୍ଣାୟକ ଆକ୍ରମଣ ହେଲା ତାହାର ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଓ ପରିଣତି ପାକ୍ ବାୟୁସେନାରେ ଶୋଚନୀୟ ବିପର୍ଯ୍ୟୟ ଘଟାଇଛି। ଏହାକୁ କେନ୍ଦ୍ର କରି ବ୍ୟାପକ ତର୍ଜମା ହୋଇଥିବାରୁ ଆନ୍ତର୍ଜାତିକ ସମୁଦାୟ, ବିଶେଷ କରି ଚୀନ ବୁଝିପାରିଛି ପରିସ୍ଥିତିର ଗୁରୁତ୍ୱ। ବରଂ ଏହାକୁ ଚୀନ୍ ବିରୋଧରେ ପରୋକ୍ଷ ଆକ୍ରମଣ କୁହାଯାଇପାରେ।

ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ସକାଶେ ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପ୍ରସ୍ତୁତି ଆରମ୍ଭ କରିଛି। ଚୀନଠାରୁ ସ୍ୱତନ୍ତ୍ର କ୍ଷମତା ସମ୍ପନ୍ନ ୫ମ ପିଢ଼ିର ୪୦ଟି ଜେ-୩୫ ଯୁଦ୍ଧ ବିମାନ ସଂଗ୍ରହ କରୁଛି ପାକିସ୍ତାନ। ଆତ୍ୟାଧୁନିକ ଇଲେକ୍ଟ୍ରୋନିକ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଣର ପ୍ରତିଶ୍ରୁତି ପାଇ ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ସିଧୁ କହିଛନ୍ତି ଯେ ଆଗକୁ ଅସଲ ଯୁଦ୍ଧରେ ସେ ନେତୃତ୍ୱ ନେବେ। ପରିବର୍ତ୍ତିତ ସମୟର ଆବଶ୍ୟକତା ଦୃଷ୍ଟିରୁ ପଦାତିକ ବାହିନୀ ଗୁରୁତ୍ୱ ହରାଇଛି। ପରୋକ୍ଷରେ ସେ ଜେନେରାଲ ମୁନୀରଙ୍କ ପ୍ରଭୁତ୍ୱ ଓ ପ୍ରଭାବୀ ଭୂମିକା ଗୁରୁତ୍ୱ ହରାଇଥିବା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୁସରଫ୍. ମେ ୨୦ ତାରିଖରେ ସିଧୁଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି କରି ଆଭ୍ୟନ୍ତରୀଣ ବିଦ୍ରୋହ ଓ ବିଦ୍ୱେଷ ପ୍ରଶମନ କରିଛନ୍ତି। ତେବେ ଏହା ଶେଷ କଥା ନୁହେଁ। ସାମରିକ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଏହି ଫାଟରୁ ରାଜନୈତିକ ନେତୃତ୍ୱ ଫାଇଦା ହାସଲ କରିବା ମଧ୍ୟ ସମ୍ଭାବନା ଅଛି। ●

## ଭୂମି ବ୍ୟାଙ୍କ ବନାମ ଭୂମି ସଂସ୍କାର

**ପ୍ରତାପ ଚନ୍ଦ୍ର ସାମଲ**

ଭାରତ ସମେତ ଅନ୍ୟ ଦେଶରେ କୃଷକ ସଂଘମାନେ ବିଭିନ୍ନ ଆନ୍ଦୋଳନର ପନ୍ଥା ଧରି ଦାବି ବାଢ଼ିବାରେ ବ୍ୟସ୍ତ। ଏହାଦ୍ୱାରା ଅର୍ଥନୈତିକ ବିକାଶରେ ଦେଶ ପଛରେ ପଡ଼ିଯାଏ। କିନ୍ତୁ ଜାପାନ ଓ ଦକ୍ଷିଣ କୋରିଆର କୃଷିସେବା ସମିତିମାନଙ୍କ ପରି ତାଇୱାନ୍‌ର ୨୦୦ କୃଷକ ସଂଘ ବିଭିନ୍ନ କୃଷିଋଣ ଗ୍ରହଣ କରି ଯଥେଷ୍ଟ ଉତ୍ପାଦନ ବଢ଼ାଇପାରିଛନ୍ତି। ଫଳରେ ୧୯୬୩ରୁ ୧୯୭୯ ମସିହା ମଧ୍ୟରେ ତାଇୱାନ୍ ଅଧିବାସୀମାନଙ୍କ ହାରାହାରି ବ୍ୟକ୍ତିଗତ ଆୟ ୭ ଗୁଣା ବଢ଼ିଛି। ଅର୍ଥାତ୍ ଜାପାନ ପଛକୁ ତାଇୱାନ୍ ଆର୍ଥିକ ପଦ୍ଧତିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ତାଇୱାନ୍ ଦ୍ୱୀପ ଚୀନ୍‌ର ମୂଳ ଭୂଖଣ୍ଡ ଠାରୁ ୧୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ୧୯୫୩ ମସିହାରେ ସେଠାରେ ଆଶୁ ଭୂ-ସଂସ୍କାର ପ୍ରବର୍ତ୍ତନ ଆରମ୍ଭ ହୋଇ ୧୯୬୨ ମସିହା ସୁଦ୍ଧା ଚାଷୀମାନଙ୍କ ଭିତରେ ଜମିବଣ୍ଟନ ତଥା ରୟତ ସତ୍ତ୍ୱ ପ୍ରଦାନ କରାଗଲା। ଉକ୍ତ ଭୂ-ସଂସ୍କାର ନୀତିକୁ ସଫଳ ରୂପାୟନ ଦେବାରେ ତାଇୱାନ୍‌ର ଭୂମି ବ୍ୟାଙ୍କ ଓ ତା'ର ୨୯ଟି ଶାଖା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସରକାରଙ୍କ ବିନା ଅର୍ଥ ବିନିଯୋଗରେ ଭୂମି ବଣ୍ଟନ କାର୍ଯ୍ୟ ଅଳ୍ପ ସମୟରେ ସୁରୁଖୁରୁରେ ସମାପିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଜମିଦାରମାନଙ୍କୁ କ୍ଷତିପୂରଣ ବାବଦରେ ଭୂମିଋଣ ପତ୍ର ପ୍ରଦାନ କରି ସେମାନଙ୍କ ଜମି କ୍ରୟ କରିଥିଲେ। ଜମିଦାରଙ୍କ କ୍ଷତିପୂରଣ ପୈଠ କରିବା ପାଇଁ ଚାଷୀମାନଙ୍କଠାରୁ ଶସ୍ୟ ଅମଳ ପରେ କିସ୍ତିରେ ସେଠାକାର ଫସଲ ଧାନ କିମ୍ବା କନ୍ଦମୂଳ ଆଦାୟ ହୋଇ ତାହା ଖାଦ୍ୟ ନିଗମକୁ ବିକ୍ରୟ କରି ମୂଲ୍ୟବାବଦ ଅର୍ଥ ବ୍ୟାଙ୍କରେ ଜମାହୁଏ। ବ୍ୟାଙ୍କ ଉକ୍ତ ଜମାରୁ ଭୂମିଋଣ ପତ୍ର ଭଙ୍ଗାଇ ଜମିଦାରମାନଙ୍କୁ ତାଇୱାନ୍ ଡଲାର ଦିଏ। ଉକ୍ତ ବ୍ୟାଙ୍କ ସରକାରୀ କୃଷି ଫାର୍ମ ନିଜ ଦାୟିତ୍ୱରେ କିମ୍ବା ଚାଷୀମାନଙ୍କ ସାହାଯ୍ୟରେ ଆତ୍ମନିର୍ଭରଶୀଳ ପନ୍ଥାରେ ସୁଚାରୁ ରୂପେ ପରିଚାଳନା କରି ୧୪୬୪୭ ହେକ୍ଟର ଜମିକୁ ଉନ୍ନତ କରିପାରିଛି। ବ୍ୟାଙ୍କର ପୁଞ୍ଜି ବିନିଯୋଗରେ ସହର ଜମି ତଥା ଶିଳ୍ପନଗରୀ ଜମିଗୁଡ଼ିକର ଉନ୍ନତି ହୋଇପାରିଛି। ବ୍ୟାଙ୍କର ସମୁଦାୟ ଋଣର ଶତକଡ଼ା ୫୦.୬୧ଭାଗ କୃଷକ ସଂଘମାନଙ୍କ ଜରିଆରେ କୃଷି ଉତ୍ପାଦନ, ଫସଲ ବିକାକିଣା, ମତ୍ସ୍ୟଚାଷ, ଜଳସେଚନରେ ବିନିଯୋଗ ଇତ୍ୟାଦି କରାଯାଇଛି। ଶତକଡ଼ା ୩୭.୨୦ଭାଗ ଅର୍ଥ ଗୃହ ନିର୍ମାଣରେ ବିନିଯୋଗ କରାଯାଇଛି। ୧୧.୦୮ ଭାଗ ଅର୍ଥ ଜମି କିଣା, ଜମି ସମୀକରଣ, ଗ୍ରାମ, ସହର ତଥା ଶିଳ୍ପନଗରୀ ଜମିର ଉନ୍ନତିରେ ବିନିଯୋଗ କରାଯାଇଛି।

ଭୂ-ସଂସ୍କାର ବ୍ୟବସ୍ଥା ତଦାରଖ କରିବା ପାଇଁ ତାଇୱାନ୍ ସରକାର ଗୋଟିଏ ରୟତ କମିଟି ନିଯୁକ୍ତ କରିଛନ୍ତି। ଉକ୍ତ କମିଟିରେ ୫ ଜଣ ରୟତ, ୨ ଜଣ ଭୂମି ମାଲିକ, ୨ ଜଣ ଜମିଦାର ଓ ୨ ଜଣ ସରକାରୀ କର୍ମଚାରୀ ଅଛନ୍ତି। କମିଟି ଜମିଦାର ଓ ରୟତମାନଙ୍କ ଭିତରେ ଉପୁଜୁଥିବା ବିବାଦକୁ ଆପୋସ ବୁଝାମଣାରେ ତୁଟାଇଥା'ନ୍ତି। ଉକ୍ତ କମିଟି ବାର୍ଷିକ ଉତ୍ପାଦିତ ଫସଲର ବଜାର ଦର ନିରୂପଣ ତଥା ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀର ଫସଲ ନଷ୍ଟ ପାଇଁ ରାଜସ୍ୱ ଛାଡ଼ କରିବାକୁ ସୁପାରିସ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି। ଭୂ-ସଂସ୍କାର ପ୍ରଥମ ପଦକ୍ଷେପ ସ୍ୱରୂପ ଯେଉଁ ଚାଷୀମାନେ ସରକାରୀ ଜମି ଚାଷ କରୁଥିଲେ ସେମାନେ ପଟ୍ଟା ପାଇଲେ। ଜମିଦାରମାନଙ୍କୁ ରୟତମାନେ ଉତ୍ପାଦିତ ଫସଲର ଶତକଡ଼ା ୫୦ ଭାଗରୁ ୭୦ ଭାଗ ପରିବର୍ତ୍ତେ ଶତକଡ଼ା ୩୭.୫ ଭାଗ ଫସଲ ରାଜସ୍ୱ ଆକାରରେ ଦେଲେ।

ସେହିପରି ଲଙ୍ଗଳ ଯାହାର ଜମି ତା'ର ନୀତି ଅନୁଯାୟୀ ଭୂମି ବ୍ୟାଙ୍କ ଜମିଦାରଙ୍କ ଅଧୀନରେ ଥିବା ରୟତମାନଙ୍କ ଜମିକିଣି ପୁଣି ସେହିମାନଙ୍କୁ ବିକ୍ରି କରି କ୍ଷତିପୂରଣ ବାବଦରେ ଶତକଡ଼ା ୭୦ ଭାଗ ଭୂମି ଋଣପତ୍ର ପ୍ରଦାନ କରି ଅବଶିଷ୍ଟ ୩୦ ଭାଗ ୪ଟି ସରକାରୀ ଶିଳ୍ପୋଦ୍ୟୋଗରେ ଅଂଶ ଭାବେ ବିନିଯୋଗ କରିବାରୁ ଜମିଦାରମାନେ ଥଇଥାନ ହୋଇ ବିଶେଷ ଲାଭବାନ୍ ହୋଇପାରିଛନ୍ତି। ଜମିଦାରମାନେ ଜମିର ବାର୍ଷିକ ଉତ୍ପାଦିତ ଫସଲର ବଜାର ଦରରେ ୨୧/୨ ଗୁଣ କ୍ଷତିପୂରଣ ପାଇଲେ। ତାଇୱାନ୍‌ରେ ଜଳସେଚିତ ଜମିରେ ବର୍ଷକୁ ଦୁଇଥର ଫସଲ ଅମଳ ହୁଏ ଏବଂ ଅନ୍ୟ ଜମିରେ ପ୍ରଧାନତଃ କନ୍ଦମୂଳ ଚାଷ ହୁଏ। ଏଣୁ ଚାଷୀମାନେ ଜମିଦାରମାନଙ୍କ କ୍ଷତିପୂରଣ ବାବଦରେ ଧାନ କିମ୍ବା କନ୍ଦମୂଳ ଅମଳ ପରେ ବାର୍ଷିକ ୨ଟି କିସ୍ତି ହିସାବରେ ଶତକଡ଼ା ୪ ଟଙ୍କା ସୁଧରେ ୧୦ ବର୍ଷରେ ମୋଟ ୨୦ଟି କିସ୍ତିରେ ଉତ୍ପାଦିତ ଫସଲର ଶତକଡ଼ା ୩୭.୫ ଭାଗ ଖାଦ୍ୟନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଥିଲେ। ମୁଦ୍ରାର ମୂଲ୍ୟରେ ହ୍ରାସବୃଦ୍ଧିକୁ ରୋକିବାକୁ ସରକାର ଜମିଦାରମାନଙ୍କୁ କ୍ଷତିପୂରଣ ଦେବାକୁ ଧାନ ଓ କନ୍ଦମୂଳ ବଦଳରେ ଭୂମିଋଣ ପତ୍ର ଦେବାରେ ବ୍ୟବସ୍ଥା କଲେ। ଅବଶ୍ୟ ତାଇୱାନ୍‌ର ଅର୍ଥନୀତି ସୁଦୃଢ଼ ଥିବାରୁ ତାଇୱାନ୍ ଡଲାର ମୂଲ୍ୟର ବିନିମୟ ହାରରେ କ୍ୱଚିତ୍ ପରିବର୍ତ୍ତନ ଘଟେ।

ଉକ୍ତ ଋଣପତ୍ର କେବଳ ଜମିଦାରମାନଙ୍କ କ୍ଷତିପୂରଣ ପାଇଁ ଉଦ୍ଦିଷ୍ଟ ଥିବାରୁ ସେମାନେ ବଜାରରେ ତାହାକୁ ଭଙ୍ଗାଇ ପାରୁନଥିଲେ। ଅବଶ୍ୟ ରୟତକୁ ଜମିଦେବା ଆଇନ ଅନୁଯାୟୀ ତାଇୱାନ ଟ୍ରେଜେରୀ ଉକ୍ତ ଋଣପତ୍ର ବିନିମୟକୁ ଅଙ୍ଗୀକାରବଦ୍ଧ ଥିବାରୁ ଏହା ରୟତ ଜମି କିଣିବା ଧନରେ ସୁରକ୍ଷିତ ଥିଲେ ମଧ୍ୟ ଜମିଦାରମାନେ ଉକ୍ତ ଋଣପତ୍ର ବନ୍ଧକୀ ଦେବକୁ ଅନୁମତି ପାଇଥିଲେ। ଦୈବୀ ଦୁର୍ବିପାକରେ ଫସଲ ନଷ୍ଟ ହେଲେ ଚାଷୀ କିସ୍ତି ଦେବାରେ ଅକ୍ଷମ ହେଉଥିବାରୁ ସରକାର ଗୋଟିଏ 'ଭୂମି ଋଣପତ୍ର ମୁକ୍ତି ଅଙ୍ଗୀକାର ପାଣ୍ଠି' ସୃଷ୍ଟି କରି ଚାଷୀମାନଙ୍କ କିସ୍ତି ଭୂମି ବ୍ୟାଙ୍କରେ ଦାଖଲ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚାଷୀମାନେ କ୍ୱଚିତ୍ କିସ୍ତି ଖିଲାଫ କରିବାର ଦେଖାଯାଏ। ଉକ୍ତ ଋଣପତ୍ର ଷ୍ଟାମ୍ପକର, ଆୟକର ଓ ଘର ଟିକସରୁ ମୁକ୍ତ ଅଟେ। ୫୦, ୧୦୦, ୫୦୦, ୧୦୦୦, ୫୦୦୦, ୧୦୦୦୦ କି.ଗ୍ରା. ଧାନ ପରିମାଣର ୬ଟି ପ୍ରକାର ଋଣପତ୍ର ଏବଂ ୧୦୦, ୫୦୦, ୫୦୦୦, ୧୦୦୦୦, ୩୦୦୦୦ କି.ଗ୍ରା. କନ୍ଦମୂଳ ପରିମାଣର ୫ ପ୍ରକାର ଋଣପତ୍ର ଜମିଦାରମାନଙ୍କୁ ଦିଆଯାଉଛି।

୧୯୫୩ ମସିହାରେ ଜମିଦାରମାନେ ଅବଶିଷ୍ଟ ୩୦ ଭଗ କ୍ଷତିପୂରଣ ବାବଦ ଅର୍ଥ ସିମେଣ୍ଟ, କାଗଜ, କୃଷି, ଜଙ୍ଗଲ, ଶିଳ୍ପ ଓ ଖଣିଜ ପ୍ରଭୃତି ଚାରୋଟି ସରକାରୀ ନିଗମକୁ ସର୍ବମୋଟ ୬ କୋଟି ୬୦ ଲକ୍ଷ ତାଇୱାନ୍ ଡଲାର୍ ଅଂଶରେ କିଣିନେଇ ବିଶେଷ ଲାଭବାନ୍ ହୋଇଛନ୍ତି। ଉକ୍ତ ଜମିଦାରମାନଙ୍କ ଜମି ମୂଲ୍ୟ ବାବଦରେ ଚାଷୀମାନେ ଚାଉଳ ଓ କନ୍ଦମୂଳ ଖାଦ୍ୟ ନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଛନ୍ତି। ୧୯୬୨ ରୁ ୧୯୮୪ ମସିହା ଭିତରେ ଛୋଟ ଜମିକୁ ଏକତ୍ରୀକରଣ ମାଧ୍ୟମରେ ୧୨ ହେକ୍ଟର ବିଶିଷ୍ଟ ପ୍ଲଟ୍‌ମାନ କରାଯାଇଛି। କ୍ରମାନ୍ୱୟରେ ଜଳସେଚନର ସୁବିଧା ପାଇଁ ପ୍ରତ୍ୟେକ ପ୍ଲଟ୍‌କୁ ତିନୋଟି ଲେଖାଏଁ ଚଉଖୁଣ୍ଟିଆ ବ୍ଲକରେ ବିଭକ୍ତ କରାଯାଇଛି।

ତାଇୱନ୍ ଓ ଦକ୍ଷିଣ କୋରିଆର ଆର୍ଥିକ ପ୍ରଗତି ସହିତ ଆମ ଦେଶର ଆର୍ଥିକ ଅବସ୍ଥାକୁ ତୁଳନା କଲେ ଦୁଃଖ ଓ ହତାଶ ଭାବ ଜାଗ୍ରତ ହୁଏ। ଏପରିକି ତାଇୱାନ୍ ଗଣତନ୍ତ୍ର ଶାସନ ଜରିଆରେ ଜନ ସହଯୋଗ ପାଇବା ଫଳରେ ବ୍ୟାପକ ଉନ୍ନତି କରି କମ୍ୟୁନିଷ୍ଟ ଶାସନାଧୀନ ଚୀନ୍‌କୁ ବହୁ ପଛରେ ପକାଇଦେଇଛି। ପୃଥିବୀରେ ତାଇୱାନ୍ ଗବେଷଣାଗାରରେ ପ୍ରଥମେ ଅଧିକ ଉତ୍ପାଦନ କ୍ଷମ ଟାଇଚୁଙ୍ଗ୍ ଧାନ ଉଦ୍ଭାବନ ହେବା ଫଳରେ ଧାନ ଉତ୍ପାଦନ ହାର ବଢ଼ିଚାଲିଛି। ମୋଟାମୋଟି ଭାବରେ ତାଇୱାନ୍ ସରକାର ୧୯୫୩ ମସିହାରୁ ଜନସହଯୋଗରେ ଭୂସଂସ୍କାର ନୀତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ କୃଷିଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାଙ୍କ ସହିତ ଜଡ଼ିତ କରାଇ ନିଷ୍ଠା ତଥା ଦୃଢ଼ ଭାବରେ କାର୍ଯ୍ୟକାରୀ କରିବାରୁ ଲୋକମାନଙ୍କର ଏପରି ବ୍ୟାପକ ଆର୍ଥିକ ପ୍ରଗତି ସମ୍ଭବ ହୋଇପାରିଛି।

ଓଡ଼ିଶା ସରକାର ତାଇୱାନ୍ ପରି ଭୂମିବ୍ୟାଙ୍କ ଓ ଭୂମି ସଂସ୍କାର ନୀତିକୁ ଆପଣାଇ ପାରିଲେ ଓଡ଼ିଶାର ଜନସାଧାରଣ ଏହାର ସୁଫଳ ପାଇପାରନ୍ତେ ଏବଂ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରନ୍ତା। ଓଡ଼ିଶା ଭୂମି ସଂସ୍କାରରେ ଆଉ ପାଦେ ଆଗକୁ ଯାଇପାରନ୍ତା। ●

(ବରିଷ୍ଠ ସମବାୟବିତ୍)
କଟକ, ମୋ: ୯୦୯୦୩୨୫୮୦୨

## ଆୟୁର୍ବେଦ ପଛରେ ପଡ଼ିଯିବାର କାରଣ

**ଡ. ନିରଞ୍ଜନ ସାହୁ**

ଆୟୁର୍ବେଦ ହେଉଛି ସର୍ବପୁରାତନ ଚିକିତ୍ସା ପଦ୍ଧତି, ଯାହାର ପ୍ରଚଳନ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଭାରତରେ ହୋଇଛି ବୋଲି ପ୍ରମାଣ ମିଳେ। ମାତ୍ର ପ୍ରାୟ ଦୁଇଶହ ବର୍ଷ ଭିତରେ ଗଢ଼ି ଉଠିଥିବା ଆଧୁନିକ ଚିକିତ୍ସା ବିଜ୍ଞାନ ଏହା ଭିତରେ ଏତେ ପ୍ରଭୂତ ଉନ୍ନତି କରିଛି ଯେ ପୃଥିବୀର ପ୍ରାୟ ସବୁଦେଶରେ ତା'ର ରାଜୁତି। ଗୋଦାବରୀଶ ମହାପାତ୍ରଙ୍କର ଏକ କାଳଜୟୀ ଗପର କିଛି ଉଦ୍ଧୃତାଂଶ ଏଠାରେ ପ୍ରଯୁଜ୍ୟ - 'ସମସ୍ତେ କହନ୍ତି ଡାକ୍ତରଖାନା ପାଖରେ ବରଗଛଟି ଅଛି, ମାତ୍ର ଆଦିବାସୀ ଶୁକ୍ରୁଜାନୀ କହେ ବରଗଛ ପାଖରେ ଡାକ୍ତରଖାନାଟି ଅଛ। ତା' ମତରେ ପାଞ୍ଚଶହ ବର୍ଷର ବରଗଛ ଥାଉଁ ଥାଉଁ ସେ ଇତିହାସ ସୃଷ୍ଟି ନକରି ପାଞ୍ଚ ବର୍ଷର ଡାକ୍ତରଖାନା କ'ଣ ସେଇ ଜାଗା ନେଇପାରିବ?' ବାସ୍ତବରେ ତଥାକଥିତ ସଭ୍ୟ ଲୋକଙ୍କ ବିଚାର ହେଲା ଡାକ୍ତରଖାନା ମୁଖ୍ୟ ଆଉ ବରଗଛ ଗୌଣ। ଠିକ୍ ସେଇୟା ଘଟିଛି ଆୟୁର୍ବେଦ କ୍ଷେତ୍ରରେ।

ଆୟୁର୍ବେଦର ଇତିହାସ ସୁଦୀର୍ଘ ତାହା କେହି ମନା କରିପାରିବେ ନାହିଁ। ମାତ୍ର ଦୁଃଖର କଥା ହେଲା ଏଇ ଦୁଇପ୍ରକାର ଚିକିତ୍ସା ବିଜ୍ଞାନର ଲକ୍ଷ୍ୟ ଅଲଗା। ଆୟୁର୍ବେଦ ମଣିଷର ସାଧାରଣ ସ୍ୱାସ୍ଥ୍ୟ କିପରି କିପରି ଠିକ୍ ରହିବ ଏବଂ ସେ କିପରି ରୋଗମୁକ୍ତ ନିରାମୟ ଜୀବନଯାପନ କରିପାରିବ, ତାହା ଲକ୍ଷ୍ୟ ରଖିଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନ ଗବେଷଣାଲବ୍ଧ ଜ୍ଞାନ ଲାଭ କରି ତ୍ୱରିତ ଆରାମ ଦେବାର ବ୍ୟବସ୍ଥା କରେ। ଅବଶ୍ୟ ଏହା ସତ ଯେ ଆୟୁର୍ବେଦ ଔଷଧି ପ୍ରୟୋଗରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ରୋଗୀ ଅନୁଭବ କରେନାହିଁ। ମାତ୍ର ଏହା ତ୍ୱରିତ ଆରୋଗ୍ୟ କରିବାର କ୍ଷମତା ରଖେନାହିଁ। ଆୟୁର୍ବେଦରେ ଏକ ସୁସ୍ଥ ଓ ସାମଗ୍ରିକ ଭାବରେ ନିରାମୟ ଜୀବନର ସୂତ୍ର ରହିଛି। ମାତ୍ର ଆଧୁନିକ ପିଢ଼ିର ଲୋକମାନେ କୌଣସି ବାଧାବନ୍ଧନ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହାର ଫଳଶ୍ରୁତି ହୋଇଛି ଯେ ଆଧୁନିକ ଚିକିତ୍ସା ବିଜ୍ଞାନ ଆଗରେ ଫିକା ପଡ଼ିଯାଇଛି ଆୟୁର୍ବେଦ।

ଆଧୁନିକ ଔଷଧକୁ ହିନ୍ଦୀରେ କୁହାଯାଏ 'ଦବାଇ'। କେହି ଜଣେ ଅନୁସନ୍ଧିତ୍ସୁ କହୁଥିଲେ ଏହା ସେମିତି ଗୋଟିଏ ରୋଗକୁ ଦବେଇ ଦେଇ ଆଉ ଗୋଟିଏ ନୂଆ ରୋଗ ସୃଷ୍ଟି କରିବାକୁ ଉଦ୍ୟତ। ଆଧୁନିକ ଯୁଗର ନିୟାମକ ହେଲା ବିଜ୍ଞାନ। ବିଜ୍ଞାନର ଭିତ୍ତି ହେଲା ପ୍ରମାଣ, ଯାହା ସାର୍ବଜନୀନ। ମାତ୍ର ଆଧୁନିକ ବିଜ୍ଞାନର ଏଇ ତତ୍ତ୍ୱରେ ଆୟୁର୍ବେଦ ସବୁକ୍ଷେତ୍ରରେ ସଫଳ ହୋଇପାରେ ନାହିଁ, ଯାହାଫଳରେ ପୃଥିବୀର ଅତି ଉନ୍ନତ ଦେଶମାନେ ଆୟୁର୍ବେଦକୁ ଗ୍ରହଣ କରିପାରି ନାହାନ୍ତି। ଯଦିଓ କିଛି ଆଧୁନିକ ଦେଶ ଆୟୁର୍ବେଦକୁ କିଛିପ୍ରକାରେ ଗ୍ରହଣ କରିଛନ୍ତି, ତାହା ଔଷଧ ରୂପରେ ନୁହେଁ ବରଂ ଅତିରିକ୍ତ ଖାଦ୍ୟ ଭାବରେ। ଆମେରିକା ପରି ୪୦କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର ଅଢ଼େଇ ଲକ୍ଷ ଲୋକ ଆୟୁର୍ବେଦିକ ଔଷଧ ବ୍ୟବହାର କରନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ମାତ୍ର କିଛି ପୁରାତନ ରୋଗ ଏବଂ ଗଣ୍ଠିବ୍ୟଥା ପରି କେତେକ ନିର୍ଦ୍ଦିଷ୍ଟ ରୋଗରେ ଆୟୁର୍ବେଦିକ ଔଷଧ ଖୁବ୍ ଫଳପ୍ରଦ ବୋଲି ବିଚାର କରାଯାଏ।

୧୯୯୦ ଦଶକର କଥା। ସେତେବେଳର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସିଥିଲେ ଆୟୁର୍ବେଦିକ ଡାକ୍ତରଙ୍କର ଏକ ପ୍ରତିନିଧି ଦଳ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି କହିବା ପୂର୍ବରୁ ତାଙ୍କୁ ପ୍ରଭାବିତ କରିବା ପାଇଁ କହିଲେ, 'ଆପଣ ସବୁବେଳେ ସ୍ୱାଭିମାନ କଥା କହୁଛନ୍ତି। ଆମେମାନେ ମଧ୍ୟ ଶତପ୍ରତିଶତ ତାହା ପାଳନ କରିବାକୁ ଚାହୁଁ। କିନ୍ତୁ ଆମେ ଏଲୋପାଥିକ ଡାକ୍ତରଙ୍କ ପରି ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ପାହ୍ୟା ପାଇନାହୁଁ (ତାହା ଥିଲା ସେତେବେଳର ସ୍ଥିତି)। ତେଣୁ ଆମର ସ୍ୱାଭିମାନ ସ୍ୱାଭାବିକ ଭାବରେ ବ୍ୟାହତ ହେଉଛି। ଏହା ଫଳରେ ଆମେ ଉଚ୍ଚସ୍ତର ସେବା ଦେବା ପାଇଁ ଆବଶ୍ୟକ ପ୍ରେରଣା ପାଇ ପାରୁନାହୁଁ।' ମୁଖ୍ୟମନ୍ତ୍ରୀ କହିଲେ, 'ସେମାନେ ମୋ ଛାତିରେ ଅପରେସନ କରି କ'ଣ ଗୋଟାଏ ମେସିନ୍ ଲଗେଇ ଦେଇଛନ୍ତି, ମୋର ନିଃଶ୍ୱାସ ପ୍ରଶ୍ୱାସ ସେଇଥିଲେ ଚାଲିଛି। ତମେ ସେମିତି କରିପାରିବ?' ଗୋଟାଏ ନିଃଶବ୍ଦତା ଛାଇଗଲା ଚାରିଆଡ଼େ। ମୁଖ୍ୟମନ୍ତ୍ରୀ କହିଲେ, 'ତମେ ଖାଲି ମୋଦକ ତିଆରି କଲେ କ'ଣ ଚଳିବ? ଶଲ୍ୟ ଚିକିତ୍ସାରେ କିଛି କାମ କରି ଦେଖାଅ, ତା'ପରେ ଆସିବ।' ସର୍ଜରୀ କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା। ଏହା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଉପଶମ କରାଯାଇପାରୁଛି ଏବଂ ଏହା ଲୋକଙ୍କର ପ୍ରିୟ ହେବା ପଛର ଏକ ବିଶେଷ କାରଣ।

ଆୟୁର୍ବେଦ ପଛରେ ପଡ଼ିଯିବାର ଆଉ ଏକ ପ୍ରମୁଖ କାରଣ ହେଲା ଆୟୁର୍ବେଦିକ ଔଷଧ ପ୍ରସ୍ତୁତିରେ ଗୁଣାତ୍ମକମାନ ଠିକ୍ ରଖିବା ପାଇଁ ସେମିତି କଡ଼ାକଡ଼ି ବ୍ୟବସ୍ଥା ନାହିଁ। ଏହା ଫଳରେ ନ୍ୟୂନମାନର ବହୁ ଔଷଧ ବଜାରକୁ ଆସୁଛି ଏବଂ ଗ୍ରାହକ ବା ରୋଗୀମାନଙ୍କର ବିରାଗ ଭାଜନ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଧାବୀ ଛାତ୍ରଛାତ୍ରୀମାନେ ଆଧୁନିକ ଚିକିତ୍ସା ବିଜ୍ଞାନ ସାଥୀରେ। ସେମାନେ ସବୁଦିନ ଗବେଷଣାରେ ଲାଗିଛନ୍ତି। ଉନ୍ନତ ଗବେଷଣା ବିନା କୌଣସି ଜ୍ଞାନ ଉତ୍କର୍ଷ ସ୍ତରରେ ପହଞ୍ଚି ପାରେ ନାହିଁ। ତାହା ହିଁ ହୋଇଛି ଅବଶ୍ୟମ୍ଭାବୀ ପରିସ୍ଥିତି।

ଗୁରୁକୁଳରେ ସବୁଠାରୁ ମେଧାବୀ ଥିଲେ ଚରକ। ବିଦ୍ୟା ଶିକ୍ଷା ଅନ୍ତେ ଗୁରୁ ଶିଷ୍ୟମାନଙ୍କ ପରୀକ୍ଷା ନେବା ପାଇଁ କହିଲେ, ସମସ୍ତେ ଅଲଗା ଅଲଗା ଯିବ ଏବଂ ଅନୁଧ୍ୟାନ ପୂର୍ବକ ଗୋଟିଏ ଗଛର ପତ୍ର ନେଇ ଆସିବ, ଯାହାର କୌଣସି ଔଷଧୀୟ ଗୁଣ ନଥିବ। କିଛି ସମୟ ପରେ କେବଳ ଚରକଙ୍କୁ ଛାଡ଼ି ସମସ୍ତ ଶିଷ୍ୟ ପତ୍ରଟିଏ ଲେଖାଏଁ ଧରି ଆଶ୍ରମକୁ ଫେରିଲେ। ସନ୍ଧ୍ୟା ଆଗତପ୍ରାୟ। ଚରକଙ୍କୁ ଖୋଜିବାକୁ ବଣ ଭିତରକୁ ଯାଇ ଗୁରୁ ଦେଖିଲେ ଚରକ ପରୀକ୍ଷା ନିରୀକ୍ଷାରେ ଲାଗିଛନ୍ତି। ଗୁରୁଙ୍କୁ ଦେଖି ରଚକ କହିଲେ, 'ମହାତ୍ମା ମୁଁ ଆଜି ଦିନର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛି। କାରଣ ଏପର୍ଯ୍ୟନ୍ତ ମୁଁ କୌଣସି ବୃକ୍ଷର ସନ୍ଧାନ ପାଇଲି ନାହିଁ, ଯାହାର ଔଷଧୀୟ ଗୁଣ ନାହିଁ।' ସେଇ ପରୀକ୍ଷାରେ କେବଳ ଚରକ ହିଁ କୃତକାର୍ଯ୍ୟ ହୋଇଥିଲେ। ବହୁ ବର୍ଷପୂର୍ବରୁ ହୋଇଥିବା ସେଇ ପରୀକ୍ଷା ସୂଚେଇଦିଏ ଯେ ସବୁ ବୃକ୍ଷରେ କିଛିନା କିଛି ଔଷଧୀୟ ଗୁଣ ରହିଛି। ଏହାକୁ ଖୋଜି ବାହାର କରି ଉପଯୁକ୍ତ ପ୍ରୟୋଗ କରିବା ଆବଶ୍ୟକ। ଅଧିକ ମେଧାବୀ ଏ ବିଷୟରେ ଆଗ୍ରହୀ ହେଲେ ଏବଂ ସରକାରଙ୍କର ଶୁଭଦୃଷ୍ଟି ରହିଲେ ଏହି ପାରମ୍ପରିକ ଜ୍ଞାନଭିତ୍ତିକ ଚିକିତ୍ସା ପଦ୍ଧତି ଲୋକପ୍ରିୟ ହୋଇପାରିବ। ●

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ତିବ୍ବତରେ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକାଶିତ ଉତ୍ତାରୁ...)



### ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ପଦ୍ମସମ୍ଭବ ପହଞ୍ଚିବା ପରେ ଶାନ୍ତରକ୍ଷିତଙ୍କ ସମୟରୁ ସୃଷ୍ଟି ହୋଇଥିବା ବୌଦ୍ଧଧର୍ମ ପ୍ରତି ଘୋର ବାଧା, ବିରୁଦ୍ଧାଚରଣ ଓ ତତ୍‌ଜନିତ ଆନ୍ଦୋଳନାତ୍ମକ ପରିସ୍ଥିତିକୁ କିପରି ସମ୍ମୁଖୀନ ହେଲେ, କିଭଳି ସେହି ବିରୋଧକୁ ଆୟତ୍ତ କଲେ, ସ୍ଥାନୀୟ 'ବନ୍' ଧର୍ମର ନେତୃମଣ୍ଡଳୀ କିଭଳି ଶାନ୍ତ ହୋଇ ତାଙ୍କୁ ଗ୍ରହଣ କଲେ ଏ ସବୁ ପ୍ରସଙ୍ଗ ବିଚାରଯୋଗ୍ୟ। ତିବ୍ବତରେ ଏସବୁକୁ ଏବଂ ପଦ୍ମସମ୍ଭବଙ୍କୁ ନେଇ ଯାହାସବୁ ତଥ୍ୟ ଉପଲବ୍ଧ, ସେ ସବୁ ଅତ୍ୟନ୍ତ ଅବାସ୍ତବ, ବିଚିତ୍ର, କାଳ୍ପନିକ ଓ ଅବିଶ୍ୱାସ ମନେ ହୁଏ। ତାଙ୍କର ଅସଂଖ୍ୟ ଜୀବନୀବୃତ୍ତାନ୍ତମୂଳକ ପୁସ୍ତକ ଓ ପାଣ୍ଡୁଲିପି ଏବଂ ଜନସାଧାରଣରେ ସେ ବିଷୟରେ ମତାମତ ମଧ୍ୟ ସେହିଭଳି ବୈଚିତ୍ର୍ୟପୂର୍ଣ୍ଣ। ପଦ୍ମସମ୍ଭବଙ୍କ ବ୍ୟକ୍ତିତ୍ୱ ତିବ୍ବତ ଓ ତିବ୍ବତୀୟ ବୌଦ୍ଧଧର୍ମ ବ୍ୟାପୀ ଥିବା ଅଞ୍ଚଳରେ ଏତେ ଉଚ୍ଚସ୍ତରର ଯେ ତାଙ୍କ ସମ୍ପର୍କରେ ଏହିଭଳି ତଥ୍ୟମାନ ସେ ଅଞ୍ଚଳମାନଙ୍କରେ ଭରପୂର ଏବଂ ସେଠାକାର ଅଧିବାସୀମାନେ ସେ ସବୁକୁ ମଧ୍ୟ ଗୁରୁତ୍ୱର ସହ ବିଶ୍ୱାସ କରିଥା'ନ୍ତି। ପଦ୍ମସମ୍ଭବଙ୍କ ସମ୍ପର୍କୀୟ ସମସ୍ତ ଆଲୋଚନା ଓ ତଥ୍ୟରେ ତାଙ୍କର ଅଲୌକିକ ଶକ୍ତି, ତାଙ୍କ ଉପରେ ଦେବତ୍ୱର ଆରୋପ ଆଦି ବହୁଳଭାବେ ଦର୍ଶାଯାଇଛି। ସେ ଜଣେ ଧର୍ମଗୁରୁ ହୋଇଥିବାରୁ ଏଭଳି ହେବା ସ୍ୱାଭାବିକ। ପୃଥିବୀରେ ପ୍ରାୟ ସମସ୍ତ ଧର୍ମଗୁରୁମାନଙ୍କର ସମ୍ପର୍କରେ ଏଭଳି ଧାରଣାମାନ କାଳେ କାଳେ ରହି ଆସିଛି।

ତିବ୍ବତୀୟ ସୂତ୍ରସବୁ ଯେତେ କିମ୍ବଦନ୍ତୀମୂଳକ ହେଲେ ମଧ୍ୟ ସେ ସବୁ ପଦ୍ମସମ୍ଭବଙ୍କ ସମ୍ପର୍କୀୟ ତଥ୍ୟର ଏକମାତ୍ର ସୂତ୍ର ହୋଇଥିବାର ତାହାକୁ ହିଁ ଛାଣି ଚିପୁଡ଼ି ସେଥିରୁ ଯଥାର୍ଥ ତଥ୍ୟ ବାହାର କରିବାକୁ ହୋଇଥାଏ। ସମସ୍ତ ତଥ୍ୟରୁ ଜଣାଯାଏ ଯେ ତିବ୍ବତର ପ୍ରାଚୀନ ତଥା ସେସମୟରେ ପ୍ରଚଳିତ ଥିବା ଧର୍ମମତଗୁଡ଼ିକୁ ସିଧାସଳଖ ଭାବେ ପ୍ରତ୍ୟାଖ୍ୟାନ ନ କରି ପଦ୍ମସମ୍ଭବ ସେସବୁର କିଛିଅଂଶ ଯଥା ରୀତିନୀତି ଓ ଧର୍ମୀୟ ଆଚାରବିଚାର ଆଦିକୁ ବୌଦ୍ଧଧର୍ମ ମଧ୍ୟରେ ଅନ୍ତର୍ଭୁକ୍ତ କରାଇ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ କରାଇପାରିଥିଲେ। ଏହିଭଳି ସେ 'ବନ୍' ଧର୍ମ ଅବଲମ୍ବନ କରୁଥିବା ସମସ୍ତଙ୍କୁ ପ୍ରକାରାନ୍ତରେ ପରାଜିତ କରିପାରିଥିଲେ ମଧ୍ୟ ତାହା ମଧ୍ୟରେ ଥିବା ଉତ୍କୃଷ୍ଟ ନିର୍ଯାସକୁ ଅତ୍ୟନ୍ତ ବୁଦ୍ଧିମତ୍ତାର ସହ ଗ୍ରହଣ କରିପାରିଥିଲେ। ବର୍ତ୍ତମାନ ମଧ୍ୟ ତିବ୍ବତର ପୂର୍ବଭାଗରେ କିଛିସ୍ଥାନରେ ପ୍ରାଚୀନ 'ବନ୍' ଧର୍ମର ସ୍ଥିତି ରହିଛି। ମାତ୍ର 'ବନ୍' ଧର୍ମ ତିବ୍ବତୀୟ ବୌଦ୍ଧଧର୍ମ ସଦୃଶ ହୋଇଯାଇଥିବାରୁ ତଥା ତାହାର ପୂର୍ବସ୍ୱରୂପରେ ପରିବର୍ତ୍ତନ ଘଟିସାରିଥିବାରୁ ତାହାର ଉପସ୍ଥିତି ନଗଣ୍ୟ ହୋଇଯାଇଛି। 'ବନ୍' ଧର୍ମ ମଧ୍ୟ ବୌଦ୍ଧ ଧର୍ମରୁ ଅନେକ କିଛି ଆଚାରବିଚାର ନିଜ ସ୍ୱରୂପ ମଧ୍ୟରେ ଗ୍ରହଣ କରିଛି। ଏପରିକି 'ବନ୍' ମନ୍ଦିରରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ମୂର୍ତ୍ତିମାନ ମଧ୍ୟ ଦେଖିବାକୁ ମିଳୁଛି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଋଷିକୂଲ୍ୟା ନଦୀ ସୁରକ୍ଷା ସମାବେଶରେ ପରିବେଶବିତ୍ ମେଧା ପାଟେକର

# ପ୍ରକୃତିର ବିପଦ ସଂକେତକୁ ସରକାର ବୁଝନ୍ତୁ

**ଛତ୍ରପୁର, ୬।୬(ସମିସ):** ଋଷିକୂଲ୍ୟା ଆମ ଜୀବନରେଖା। କିଛି ବର୍ଷ ହେଲା, ନଦୀ ବାଲି ବ୍ୟାପକ ଚୋରା ଚାଲାଣ ଯୋଗୁଁ ନଦୀର ଜଳଧାରଣ କ୍ଷମତା କମି ଗଲାଣି। ତେଣୁ, ଭୂତଳ ମଧୁର ଜଳ ଶୁଖିଯାଉଛି। ନଦୀରେ ଜଳପ୍ରବାହ କମି କମି ଯାଉଥିବାରୁ ସମୁଦ୍ରର ଲୁଣି ପାଣି ନଦୀ ଭିତରକୁ ଓ ମାଟି ତଳେ ତଳେ ମାଡ଼ି ମାଡ଼ି ଆସୁଛି। ଫଳରେ କୂଅ, ନଳକୂଅ ଏବଂ ବିଭିନ୍ନ ପାଣି ଯୋଗାଣ ପ୍ରକଳ୍ପରେ ଲୁଣିଆ ପାଣି ଆସୁଛି। ସମୁଦ୍ରର ଲୁଣିପାଣି ଏବେ କଂସାରୀଗଣ୍ଡ ପର୍ଯ୍ୟନ୍ତ ଆସିବାରୁ ପିଇବା ପାଣି ଖାରିଆ ହୋଇଗଲାଣି। ଏହି ସ୍ଥିତି ଜାରି ରହିଲେ, ଆଗକୁ ସ୍ଥିତି ଭୟଙ୍କର ହେବ। ଚାଷ କାର୍ଯ୍ୟଠାରୁ ଆରମ୍ଭ କରି ପାନୀୟ ଜଳ ଟୋପାଏ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ



ପଡ଼ିବ। କିନ୍ତୁ ପ୍ରକୃତିର ଏ ବିପଦ ସଂକେତକୁ ବୁଝିବା ପରିବର୍ତ୍ତେ ନଦୀର ଏକମାତ୍ର ପ୍ରକୃତ ଜଳଧାରାକୁ ଅଟକାଇ ପିପଳପଙ୍କାଠାରେ ଜଳଭଣ୍ଡାର ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା, ବର୍ଷା ସରିଗଲା ପରେ ଟୋପାଏ ପାଣି ନଦୀରେ ଆସିବ ନାହିଁ। ନଦୀ ମରିଯିବ। ନଦୀକୂଳ, ବନ୍ଧକୂଳ ଓ ଉଠା ଜଳସେଚନ ପମ୍ପ ଅକାମି ହୋଇଯିବ। ଲୋକେ ପାଣି ପାଇଁ ହାହାକାର ହେବେ। ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ପୋଟଲାମ୍ପୁରଠାରେ ଋଷିକୁଲ୍ୟା ନଦୀ ସୁରକ୍ଷା ସମାବେଶରେ ଯୋଗଦେଇଥିବା ବିଶିଷ୍ଟ ପରିବେଶବିତ୍ ମେଧା ପାଟେକର ଏପରି କହିବା ସହ ମାଡ଼ି ଆସୁଥିବା ଏକ ବଡ଼ ବିପଦ ସଂପର୍କରେ ଲୋକଙ୍କୁ ଚେତାଇ ଦେଇଛନ୍ତି। ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଋଷିକୂଲ୍ୟା ନଦୀ ସୁରକ୍ଷା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ମେଧା ପାଟେକର ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଋଷିକୂଲ୍ୟାର ସୁରକ୍ଷା ପାଇଁ ଡ୍ୟାମ୍ ନିର୍ମାଣ ଓ ବାଲି ଚୋରିକୁ ବନ୍ଦ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଏଥିନିମନ୍ତେ ଋଷିକୂଲ୍ୟା ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ସୋରଡ଼ା ପିପଳପଙ୍କାଠାରୁ ନଦୀମୁହାଣ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ସଭାସ୍ଥଳୀ ପର୍ଯ୍ୟନ୍ତ ଏକ ସଚେତନତା ରାଲି ହୋଇଥିଲା। ପରେ ଆୟୋଜିତ ସମାବେଶରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରବି ରଥ, ବିଘ୍ନେଶ୍ୱର ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ସାନିଆ ସ୍ୱାଇଁ, ବିଜୟ ସ୍ୱାଇଁ, ରାଜେନ୍ଦ୍ର ନାହାକ, ବିଜୟ ବିଶ୍ୱାଳ, ଭାସ୍କର ସ୍ୱାଇଁ, ରଞ୍ଜନ ସେଠି, ମିନି ମହାପାତ୍ର, ଅନିଲ ସାହୁ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରମୋଦ ସାହୁ ଓ ପ୍ରବାସୀ ପ୍ରଧାନଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## କୋରାପୁଟ୍ ଡ଼ାକ୍ତରଖାନାରେ ୬ ରୋଗୀଙ୍କ ମୃତ୍ୟୁ

# ତଦନ୍ତ ରିପୋର୍ଟ ନ ଆସୁଣୁ ସ୍ୱାସ୍ଥ୍ୟ ବିଭାଗର କ୍ଲିନ୍‌ଚିଟ୍

**ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଲେ ହୋଇଛି ସ୍ୱାଭାବିକ ମୃତ୍ୟୁ**

**ବିଗିଡ଼ା ସ୍ୱାସ୍ଥ୍ୟସେବାକୁ ନେଇ ବର୍ଷିଲେ ବିରୋଧୀ**

**ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ କଂଗ୍ରେସର ଦାବି**

**ଭୁବନେଶ୍ୱର,୬।୬(ସମିସ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ୬ ରୋଗୀଙ୍କ ମୃତ୍ୟୁ ଘଟଣାରେ ନିଜ ମୁଣ୍ଡରୁ ଦୋଷ ଖସାଇଛି ସ୍ୱାସ୍ଥ୍ୟ ବିଭାଗ । ଏହି ଘଟଣାରେ ସମସ୍ତ ମୃତ୍ୟୁ ସ୍ୱାଭାବିକ ଓ ଏଥିରେ କାହାର କିଛି ସମ୍ପୃକ୍ତି ନଥିବା ସ୍ୱାସ୍ଥ୍ୟ ବିଭାଗ ଦର୍ଶାଇଛି। ଏପରିକି ତଦନ୍ତ ଶେଷ ହେବା ପୂର୍ବରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଶୁକ୍ରବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାପାତ୍ର ଏହି ସ୍ପର୍ଶକାତର ଘଟଣାକୁ ଅତି ହାଲୁକା ଭାବେ ଗ୍ରହଣ କରି କହିଛନ୍ତି ଯେ ଭୁଲ ଇଞ୍ଜେକ୍ସନ କିମ୍ବା ଚିକିତ୍ସା ଅବହେଳାରୁ ସମ୍ପୃକ୍ତ ରୋଗୀଙ୍କ ଜୀବନ ଯାଇନାହିଁ। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଏହି ମୃତ୍ୟୁ ଅସ୍ୱାଭାବିକ ମୃତ୍ୟୁ ନୁହେଁ। ସାଧାରଣତଃ ଆଇସିୟୁରେ ଗୁରୁତର ରୋଗୀ ଥାଆନ୍ତି। ସେଦିନ ପ୍ରାଣ ହରାଇଥିବା ରୋଗୀଙ୍କ ମଧ୍ୟରୁ ଜଣଙ୍କର ଲିଭର ଡ୍ୟାମେଜ ଥିଲା ଓ ଅନ୍ୟ ଜଣେ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ହେଉଥିଲେ। ସେମାନେ ପ୍ରାଣ ହରାଇଛନ୍ତି। ଏସସିବି ଓ ବ୍ରହ୍ମପୁର ମେଡିକାଲ କଲେଜ ହସ୍ପିଟାଲର ବିଶେଷଜ୍ଞ ଦଳ ଘଟଣାର ତଦନ୍ତ କରୁଛନ୍ତି। ସାତ ଦିନ ମଧ୍ୟରେ ଏହି ତଦନ୍ତ ରିପୋର୍ଟ ଆସିବ। ଏହି ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଏଭଳି ବୟାନ ପରେ ଏଡ଼େବଡ଼ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ବଡ଼ କଥା ହେଉଛି ଯେ ଘଟଣାର ଗୁରୁତ୍ୱ ଓ ବିରୋଧକୁ ଦେଖି ସରକାର ଏମ୍‌କେସିଜି ଓ ଏସ୍‌ଏସିବି ମେଡିକାଲ୍ କଲେଜ ହସ୍ପିଟାଲରୁ ଅଧିକାରୀମାନଙ୍କୁ ନେଇ ଗୋଟିଏ ଟିମ୍ କରିବା ସହ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ନ ଆସୁଣୁ କାହିଁକି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତରବରିଆ ମନ୍ତବ୍ୟ ଦେଲେ ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ନିଜେ ମେଡିକାଲ୍‌କୁ ଯାଇ ଘଟଣାର ସମୀକ୍ଷା କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ସେମାନଙ୍କ ସମ୍ପର୍କୀୟ ସୁସ୍ଥ ଥିଲେ। ଇଂଜେକ୍ସନ ଦିଆଯିବା ପରେ ସେମାନେ ଛଟପଟ ହୋଇଥିଲେ ଓ ସେମାନଙ୍କ ଜୀବନ ଚାଲିଯାଇଥିଲା। ସେମାନଙ୍କ ପରିବାର ଲୋକଙ୍କ ଅଭିଯୋଗ ଓ ତଦନ୍ତ ରିପୋର୍ଟରେ କ'ଣ କାରଣ ତାହାକୁ ନେଇ ଏବେ ତର୍ଜମା ଚାଲିଛି। ଏସବୁ ଭିତରେ ରାଜ୍ୟରେ ବିଗିଡ଼ିଥିବା ସ୍ୱାସ୍ଥ୍ୟସେବାକୁ ନେଇ ବିରୋଧୀ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

କେବଳ କୋରାପୁଟ ଭୁଲ ଇଞ୍ଜେକସନ ନୁହେଁ, ଚିକିତ୍ସା ଅବହେଳାରୁ ନୟାଗଡ଼ ଓ କନ୍ଧମାଳରେ ମଧ୍ୟ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାରେ ରୋଗୀ ସୁସ୍ଥ ହେବା ବଦଳରେ ଜୀବନ ହରାଉଛନ୍ତି। ବିଜେପି କ୍ଷମତାକୁ ଆସିବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଆୟୁଷ୍ମାନ କାର୍ଡରେ ନାନା ଅସୁବିଧା ଥିବାରୁ ଲୋକମାନେ ହସ୍ପିଟାଲରେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଗରିବଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନବୀନ ପଟ୍ଟନାୟକ ସୁସ୍ଥ ଓଡିଶା ଓ ସୁଖୀ ଓଡିଶା ବ୍ୟବସ୍ଥା ଦେଇଥିଲେ। ବିଏସ୍‌କେୱାଇ କାର୍ଡ ସହାୟତାରେ ବଡ ବଡ ଘରୋଇ ହସ୍ପିଟାଲରେ ଚିକିତ୍ସା ମିଳୁଥିଲା; ବିଜେପି ଏ ବ୍ୟବସ୍ଥା ବଦଳାଇଦେଲା। ଏବେ ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ହୋଇଛି। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦଳୀୟ ବିଧାୟକ ଦାବି କରିଛନ୍ତି।

# ସୀମାନ୍ତରେ ପୁଣି ଜଣେ ମାଓ ନେତା ନିହତ

**ମାଲକାନଗିରି, ୬।୬(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଣି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ହୋଇଥିବା ଏହି ଏନ୍‌କାଉଣ୍ଟର୍‌ରେ ତେଲଙ୍ଗାନାର ମୋଷ୍ଟୱାଣ୍ଟେଡ୍ ମାଓନେତା ମାଲିରାପୁ ଆଡ଼ଲୁ ଓରଫ୍ ଭାସ୍କର ନିହତ ହୋଇଛି।



ତା' ନାମରେ ୨୫ ଲକ୍ଷର ପୁରସ୍କାର ରାଶି ରହିଥିଲା। ବସ୍ତର୍ ଆଇଜି ସୁନ୍ଦରରାଜ ପି. ଆଜି ଏହି ସୂଚନା ଦେଇଛନ୍ତି। ୫୩ବର୍ଷୀୟ ଏହି କୁଖ୍ୟାତ ମାଓ ନେତାକୁ ଗିରଫ କରିବା ଲାଗି ତେଲେଙ୍ଗାନା, ଆନ୍ଧ୍ର ଓ ଛତିଶଗଡ଼ ସରକାର ଲକ୍ଷାଧିକ ଟଙ୍କା ମଧ ଘୋଷଣା କରିଥିଲେ।

**ମୁଣ୍ଡ ଉପରେ ଥିଲା ୨୫ ଲକ୍ଷର ଇନାମ**

ଘଞ୍ଚ ଜଙ୍ଗଲ ସହ ପାହାଡ଼ ପରିବେଷ୍ଟିତ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ବହୁ ସଂଖ୍ୟାରେ ମାଓବାଦୀଙ୍କ ଉପସ୍ଥିତି ଥିବା ଗୁଇନ୍ଦା ସୂଚନା ମିଳିବା ପରେ ଡିଆରଜି ଓ ସିଆରପିଏଫ୍ ପକ୍ଷରୁ ମିଳିତ ଅପରେସନ୍ ଆରମ୍ଭ କରାଯାଇଥିଲା। ଏହି ସମୟରେ ଦୁଇ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓନେତା ଭାସ୍କର୍‌ର ମୃତ୍ୟୁ ହୋଇଥିବା ଜଣାଯାଇଛି। ତା' ନିକଟରୁ ଗୋଟିଏ ଏକେ-୪୭ ବନ୍ଧୁକ ସହ କିଛି ମାଓ ସାମଗ୍ରୀ ଠାବ ହୋଇଛି।

## ଅବଶିଷ୍ଟାଂଶ

### ଦୁଇ ନାବାଳିକାଙ୍କୁ...

ଧମକଚମକ ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣା ଯଦିଓ ୩ତାରିଖ ମଧ୍ୟାହ୍ନର ହେଲେ ୫ତାରିଖ ସନ୍ଧ୍ୟା ବା ଅପରାହ୍ନ ପର୍ଯ୍ୟନ୍ତ ଏହା ପ୍ରଘଟ ହୋଇ ନ ଥିଲା। ସମ୍ପୃକ୍ତ ପରିବାର ଲୋକେ ବିବାହ ଭୋଜିରେ ଏବଂ ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀଗସ୍ତ ଥିବାରୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ମହଲରେ ଚାପ ସୃଷ୍ଟି କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଗସ୍ତ କାଳରେ ଖଲିଙ୍ଗିରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୁଣି ଯେତେବେଳେ ମୁଖ୍ୟମନ୍ତ୍ରୀ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଯାତ୍ରା ଗସ୍ତରେ ଆସିବାର ଠିକ ଦିନକ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଏଭଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରି ଉଭୟ ନାବାଳିକାଙ୍କର ଡାକ୍ତରୀ ମାଇନା ପାଇଁ ଏମକେସିଜିକୁ ପଠାଯାଇଛି। ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରାଯାଇଛି। ବ୍ରହ୍ମପୁର ଏସ୍‌ପି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନିଜେ ଗୋଳନ୍ଥରା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଓ ତଦନ୍ତକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ଦୀର୍ଘ ୩ଦିନ ବିତି ଯାଇଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନେ ଖୁଲମଖୁଲା ବୁଲୁଥିବାରୁ ପୀଡିତାଙ୍କ ପରିବାର ବର୍ଗ ଭୟଭୀତ ଥିବା କହିଛନ୍ତି।

### ଦୁର୍ଘଟଣାରେ ଗଡ଼ିଲା...

କବିସୂର୍ଯ୍ୟନଗର ଥାନା ଅଧୀନ ପଥରା ଗ୍ରାମର ଡି . ରୁଦ୍ରିକା ରେଡ୍ଡୀ (୬)। ଦକ୍ଷିଣପୁର ଗ୍ରାମରୁ ଭୋଜି ଖାଇ ୩ଜଣ ଯାକ ଦିଗପହଣ୍ଡିକୁ ଡ୍ରେସ୍ କିଣିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସେହି ସମୟରେ ଗଜପତି ଜିଲ୍ଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମୋହନା ଥାନା ଡେଙ୍ଗାମା ଗ୍ରାମର ଭାସ୍କର ବିଷୋୟୀ ମଧ୍ୟ ଟ୍ରକ୍‌କୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଦିଗପହଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ସମସ୍ତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଭାସ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ସେହିପରି, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବୁର୍ଲା ଚିପିଲିମା ଅଞ୍ଚଳର ମନୋଜ ମେହେର(୪୫) ଏବଂ ସୁଶାନ୍ତ ମେହେର(୪୦)। ସୂଚନାନୁଯାୟୀ, କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଜୟମାତାଦୀ ନାମକ ଘରୋଇ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍ ଶିରିଆପାଲିଠାରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଥିଲା।

ଅନ୍ୟ ଏକ ଘଟଣାକ୍ରମେ, ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳା ଥାନା ଅସନପାଳ ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଟାଟା ମ୍ୟାଜିକ୍ ଗଛରେ ପିଟି ହୋଇଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଖିଲେଇ ପଞ୍ଚାୟତ ରଞ୍ଜଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସ୍ତ୍ରୀ ଚାଇନାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଏକ ଟାଟା ମ୍ୟାଜିକ୍‌ରେ ମଥୁରା ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଘରକୁ ପହଞ୍ଚିବାକୁ ମାତ୍ର ୨କିମି ବାକି ରହିଥିବା ବେଳେ ଅସନପାଳ ଗ୍ରାମ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମଥୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଚାଇନାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଚାଇନାଙ୍କ ମୃତ୍ୟୁ ହୋଇଯାଇଥିଲା।

### ୪ ପ୍ରସ୍ତାବକୁ...

୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ଉପରେ ମଧ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିବା ବେଳେ ତନ୍ମଧ୍ୟରୁ ୪ଟିକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ସହରୀ ଭିତ୍ତିଭୂମି ବିକାଶ, ଶ୍ରମ ସମୃଦ୍ଧି ଯଥା ମୁକ୍ତାକାଶ ବ୍ୟାୟାମଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ବନୀକରଣ ପ୍ରକଳ୍ପ, ଖେଳ ପଡ଼ିଆ ଏବଂ ସାଂସ୍କୃତିକ କେନ୍ଦ୍ର ପରି ଧାର୍ମିକ ସ୍ଥାନର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳ ସମୃଦ୍ଧି ଏବଂ ପ୍ରାଣୀ ସମୃଦ୍ଧି ଏହି ଯୋଜନାର ଅନ୍ୟ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୫ ବର୍ଷର ଅବଧି ମଧ୍ୟରେ ଏହି ଯୋଜନାରେ ୫୦୦୦୦ରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରି ସହରାଞ୍ଚଳର ଉନ୍ନତି ଅଣାଯିବ ଏବଂ ୫ ଲକ୍ଷରୁ ଅଧିକ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବ। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୫୦୦୦ରୁ ଅଧିକ ବନୀକରଣ ଏହି ଯୋଜନା ଅଧିନରେ କରାଯିବ। ସେହିପରି କ୍ୟାବିନେଟ ଅନୁମୋଦନ ପାଇଥିବା ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୧୭ଟି ଉପଯୋଜନା, କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଜୈବ ପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆସାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଏହାର ଲକ୍ଷ୍ୟ ଅଟେ। ଜୈବିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ଦକ୍ଷତା ବିକାଶକୁ ବାସ୍ତବ ରୂପ ଦେବା ଏବଂ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ ଉପଯୋଗ ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ଅଟେ। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ଯାଏଁ ଯୋଜନା ଅଧିନରେ ୧୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତୃତୀୟ ପ୍ରସ୍ତାବ ଭାବେ କ୍ୟାବିନେଟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୫୧ କୋଟି ୭୮ ଲକ୍ଷ ୨୦୪୭୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ୧୮ ମାସ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ହେବ। ଏହି ପ୍ରକଳ୍ପ ଦ୍ୱାରା ୩୬ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ ସହ ବ୍ରହ୍ମପୁର ସହରରେ ଲୋକମାନଙ୍କୁ ପାନୀୟ ଜଳ ଏବଂ ଘରୋଇ ବ୍ୟବହାର ପାଇଁ ଜଳ ଉପଲବ୍ଧ କରାଇବ। ଚତୁର୍ଥ ପ୍ରସ୍ତାବ ଭାବେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ୟୁନିଟ-୪୧୦ରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ଆବଣ୍ଟିତ ଅତିରିକ୍ତ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ନେଇଛନ୍ତି।


**LOST**

Notice is hereby given to general public that, I Sri. Sambit has lost the original link RSD bearing no- 11081408405 dt. 03.10.2014 RSD NO- 11081402728 dt 10.03.2014 and ROR NO- 514/1937 AND ROR NO- 514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

**AFFIDAVIT**

I, Amita Patra, aged about 50 years, W/o- B.Rajendra Patra, resident of At-gobindapur, Po/ps-Banpur, Dist- Khurda, Pin- 752031, Odisha declare by this affidavit No. 1147, dtd. 06/06/2025, that now onwards I shall be known as **AMITA NAYAK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Jeypore dated-31/01/2025. I, **Biswanath Behera**, S/o- Bhaskar Chandra Behera, resident of At- Laxminarayan Nagar, Teliguda, PO- Umuri, PS-Jeypore Sadar, Dist- Koraput, Odisha declare that I have changed my name from **Biswanath Behera To Biswanath Bhagavad.** Henceforth, I shall be known as **Biswanath Bhagavad** for all future purposes.

Biswanath Bhagavad

**AFFIDAVIT**

By virtue of an affidavit sworn before The Executive Magistrate, Padampur, dated-21/05/2025. I, **Cheheralal Majhi**, father of Sambhubati Majhi (minor) declare that, my daughter have changed her name from **Sambhubati Majhi to Somabati Majhi.** Henceforth, she will be known as **Somabati Majhi** in all proceeding, dealing and transaction request to all person at all times to designate and address her such assumed name of **Somabati Majhi** accordingly.

**AFFIDAVIT**

I, **Kalpana Mahapatra**, W/o- Girish Mahapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar, Dist- Khordha, Pin-751007 Odisha declare by this affidavit No. 93 dtd-11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**

**I, Puja Bai Agarwalla,** aged about 35 Years, D/o.: Ranjeet Kumar Agarwalla, Resident of At: Laxmi Bazar, P.S.: Town, Dist.: Dhenkanal, Odisha declare by this affidavit No.: 1837 dated 27 Jun 2024 That now onwards I shall be known as **Pooja Agarwal** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No: 903 dated 07/05/2025, I **RASMITA BEHERA**, D/o Ganeswar Prusty resident of Village At - Bhimda, Po- Bhimda, Ps- Bada Sahi, Dist- Mayurbhanj, Odisha Pin- 757083 declare that I have changed my name from **Rasmita Prusty**, DOB 18.12.1995 to **Rasmita Behera, DOB 18.06.1999.** Henceforth, I shall be known as **RASMITA BEHERA**, DOP 18.06.1999 for all future purposes.

**Sd- RASMITA BEHERA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit No.6618, Dtd.30.05.2025 sworn before the Executive Magistrate, Balasore I, Minakhi Mishra, W/o.Bijay Kumar Mishra, At. Dadhibamanpur, Po. Kanheibinda, Ps. Simulia, Dist. Balasore, Odisha, declare that my name has been mentioned inadvertently in my LIC policy no. 586251643 as Smt. DRAUPADI MISHRA (DASH). Henceforth, I shall be known as **Minakhi Mishra** for all purposes.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/06/2025 I, Sri. Prasanta Khada S/O- Ghenu Khada Vill:- Andaraguda, PO- Pantalung PS- Padwa District- Koraput declare that I have changed my name from Prasanta Khara to Prasanta Khada. Henceforth, I shall be known as Prasanta Khada for all purposes.

**Prasanta Khada**

**LOST**

ମୁଁ ସସ୍ମିତା ନନ୍ଦ ସ୍ୱାମୀ-ଲକ୍ଷ୍ମୀନାରାୟଣ ନନ୍ଦ ମୋର ଜମିର ଡକ୍ୟୁମେଣ୍ଟ ଓ ପଟ୍ଟା ହଜିଯାଇଛି। ଖାତା ନଂ - ୧୮/୧୫୭ ଓ ପ୍ଲଟ ନଂ ୨୬/୧୯୬, ୩୬/୧୯୫, ୩୭, ୩୧, ୩୦, ୨୯ ଏବଂ ୬ ଏବଂ ଡକ୍ୟୁମେଣ୍ଟ ନଂ - ୧୧୬୦୧୫୦୧୫୬୩, ୧୬୦୧୫୦୧୫୭୪ କୌଣସି ବ୍ୟକ୍ତିଙ୍କୁ ମିଳିଥାଏ ତାହା ୯୪୩୭୫୨୬୬୩୭ ମୋବାଇଲ ନମ୍ବର ଯୋଗାଯୋଗ କରନ୍ତୁ।

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po-Champatipur, Ps- Itamati, Dist-Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mahanta** (new name), Henceforth, he shall be known as **ADITYA MAHANTA** for all future purposes.

**Sumanta Mahanta**

**AFFIDAVIT**

I Sharmila, D/o. D. Sathyanarayanan, R/o. SA-16, CSIR-IMMT, Bhubaneswar-751013 declare that my name may be written as S Sharmila as per affidavit 12AA 808342 dt 8 May2025. My father's name Sathyanaryanan may be written as D Sathyanarayanan as per affidavit 12AA 808342 dt 8 May2025.

**S SHARMILA**

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email – eedklpwd@gmail.com
INVITATION FOR BIDS THROUGH e-Procurement
B-181

Bid Identification No. SE DKL (R&B). 08/ 2025-26
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 4 Nos Electrical Works & 1 No Civil works |
| 3. | No. of work | : | 05 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'MV','HT' License & "C' & 'D' License |
| 6. | Availability of Bid Documents in the website | : | From 10.00 AM of 10.06.2025 to 5.00 PM of 24.06.2025 |
| 7. | Date of Opening of Bid | : | Dt. 25.06.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division

OIPR-34016/11/0046/2526

PANCHAYAT SAMITI OFFICE: TANGARPALI, DIST.- SUNDARGARH
i-143
TENDER CALL NOTICE 02/2025-26
No. 3104 / Date 03.06.2025

Tender is hereby invited vide Tender Call Notice No. 01 of 2025-26 from eligible contractors for the following work. The details documents will be downloaded from district website www.sundargarh.odisha.gov.in w.e.f. 03.06.2025 to 16.06.2025.

| Sl. No | Name of the Work | No. of Godown/ / AWC Building / GPLF Building | Amount put to Tender in ₹. (Excluding GST) @ per AWC | Cost of Tender paper (Non-refundable) in ₹. @ per AWC | Bid security/EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1 | Const. of G.P.L.F Office Building with Market Complex at Mangaspur GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 2 | Const. of G.P.L.F Office Building with Market Complex at Meghdega GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 3 | Const. of G.P.L.F Office Building with Market Complex at Mahulpali GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 4 | Const. of Model AWC at Amkunpada, Sanpatrapali | 1 | 2253458/- | 6000/- | 22535/- | Six Months | 'C' & 'B' Class |
| 5 | Const. of New Office Building & Godown of 50 MT at Meghdega | 1 | 2282896/- | 6000/- | 22829/- | Six Months | 'C' & 'B' Class |

1. Date and time for download Tender Paper: From Dt. 03.06.2025 to 16.06.2025.
2. Last Date of Receipt of Tender Paper: Dt. 16.06.2025 (5.00 P.M.)
3. Date of Opening of Tender Paper: Dt. 18.06.2025 (11.00 A.M.)

Sd/- Block Development Officer, Tangarpali

OIPR-19342/11/0006/2526

**AFFIDAVIT**

I, Taruna Kumar Pradhana, S/o- Late Raghunatha Pradhan resident of Plot no.- B-103, Shreekhetra Green Wood, Aiginia, Ps.- Bharatpur, Bhubaneswar-751019, Dist.- Khordha, Odisha state that my father's actual & correct name is **Raghunatha Pradhan** but in my service documents, it is wrongly mentioned as **Raghunath Pradhan**. Therefore, it is submitted that both **Raghunatha Pradhan** and **Raghunath Pradhan** is one and the same person who is my deceased father.

**AFFIDAVIT**

By virtue of affidavit before Notary Bolangir, I MRUNALA KUMAR MOHANTY(50) S/O - MAHENDRA PRASAD MOHANTY, SAGARPADA, PO BALANGIR, PS BALANGIR TOWN, Dist BALANGIR, Odisha, PIN - 767001, do hereby declare by this affidavit no. 621, dt.04.06.2025, that now onwards I shall be known as MRUNAL KUMAR MOHANTY for all future purposes.

## ଗ୍ରୀଷ୍ମ କାଳୀନ ଶିବିରରେ ପିଲାଙ୍କୁ ତାଲିମ

**କେସିଙ୍ଗା, ୬।୬(ସମିସ):** ଓଡ଼ିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓ ଆତ୍ମଶକ୍ତି ଟ୍ରଷ୍ଟ ସଦସ୍ୟ ସଂଗଠନର ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାରେ ୧୧ଟି ବ୍ଲକରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କୁ ନେଇ ଏକ ଗ୍ରୀଷ୍ମ କାଳୀନ ଶିବିର ବା କମାଲକା କ୍ୟାମ୍ପ ଆରମ୍ଭ ହୋଇଛି। ପିଲାମାନଙ୍କ ଶ୍ରେଣୀର ସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତର ଦକ୍ଷତାକୁ ମଜଭୁତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଶିବିର ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପୂର୍ଣ୍ଣିମା ବଗର୍ତ୍ତୀ, ତରୁଣୀ ମାଝୀ, ବୀଣାପାଣି ସୁନା, ପ୍ରେମଶିଳା ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଛନ୍ତି।

## ୧୧ ହଜାର ସଦସ୍ୟ ସଂଗ୍ରହ କରିବ ଏବିଭିପି

ଭବାନୀପାଟଣା, ୬।୬(ସମିସ): କଳାହାଣ୍ଡି ଜିଲ୍ଲାରେ ଏବିଭିପି ୨୦୨୫-୨୬ ଶିକ୍ଷାବର୍ଷରେ ୧୧ ହଜାର ସଦସ୍ୟ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ନେଇଛି। ବିଦ୍ୟାର୍ଥୀଙ୍କୁ ରାଷ୍ଟ୍ରବାଦୀ ବିଚାରରେ ଯୋଡିବା ପାଇଁ ଏବିଭିପି ସଦସ୍ୟ ଅଭିଯାନ କରିଥାଏ। ପ୍ରତି ବର୍ଷ ଏହି ସଦସ୍ୟତା ଅଭିଯାନ ଜୁନରୁ ଆରମ୍ଭ ହୋଇଥାଏ। ସ୍ଥାନୀୟ ବାଲାଜୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଏବିଭିପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ସତ୍ୟବ୍ରତ ମହାରଣା, ଚୂଡ଼ାମଣି ପ୍ରଧାନୀ, ଦେବାଶିଷ ପଟ୍ଟନାୟକ, ସତ୍ୟସ୍ୱରୂପ ସ୍ୱାଇଁ, ହିତେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




### ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

# ଦକ୍ଷତା ପ୍ରଦର୍ଶନ କଲେ ୧୩ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା







- କାଟେଲେଖା ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ
- ଥୁଆମୂଳ ରାମପୁରର ଜାଗେସପଦର ମା' ବଞ୍ଜାରେନ୍ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ
- ଗୋପାଳପୁରର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ପୁରସ୍କାର ପାଇଲା

**ଥୁଆମୂଳ ରାମପୁର, ୬।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମିଶନ ଶକ୍ତି ପକ୍ଷରୁ ମିଶନ ଶକ୍ତି ସଭାଗୃହରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୪ଟି ପଞ୍ଚାୟତ ମଧ୍ୟରୁ ଥୁଆମୂଳ ରାମପୁର ପଞ୍ଚାୟତ ସମେତ କର୍ଲାପାଟ, କେରପାଇ, ଗୁଣପୁର, ଗୋପାଳପୁର ପଞ୍ଚାୟତରୁ ୧୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଅଞ୍ଚଳର ପାରମ୍ପରିକ ଖାଦ୍ୟ ପଦାର୍ଥରେ ପ୍ରସ୍ତୁତ ଖାଦ୍ୟର ଗୁଣବତ୍ତା, ରୁଚିର ଉତ୍ତମ ଉପସ୍ଥାପନାରେ ପ୍ରତିଯୋଗୀମାନେ ନିଜର ଶ୍ରେଷ୍ଠ ଦକ୍ଷତା ପ୍ରଦର୍ଶନ କରିଥିଲେ। ଯେଉଁଠି ମାଣ୍ଡିଆ ପିଠା, କାଙ୍ଗୁ ଖିରି, ମଣ୍ଡା ପିଠା, ଆରିସା ପିଠା, ମାଣ୍ଡିଆ ଜାଉ, କାକରା ପିଠା, ପୋଡ ପିଠା ଭଳି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ସିଡିପିଓ ମଧୁବାଳା ବାଗ ଅଧ୍ୟକ୍ଷତା କରିଥଲେ। ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ୍, ଏବିଇଓ ହେମନ୍ତ ପଣ୍ଡା, ବ୍ଲକ ଯୋଗାଣ ଅଧିକାରୀ ବିଭୁ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତ ଖାଦ୍ୟର ସ୍ୱାଦ ପରଖି ଥିଲେ। ଏଥିରେ ଉତ୍ତମ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ସ୍ତରରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ କାଟେଲେଖା ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ଥୁଆମୂଳ ରାମପୁରର ଜାଗେସପଦର ମା' ବଞ୍ଜାରେନ୍ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ପୁରସ୍କାର ପାଇଛି। ଗୋପାଳପୁରର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ପୁରସ୍କାର ପାଇଛି। ପ୍ରତିଯୋଗିତାରେ ପୁରସ୍କୃତ ପ୍ରଥମ ଏବଂ ଦ୍ୱିତୀୟ ଏସଏଚ୍‌ଜି ଜିଲ୍ଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇପାରିଛନ୍ତି। ମିଶନ ଶକ୍ତିର ବିପିସି ତଥା ଭାରପ୍ରାପ୍ତ ବିପିଏମ୍ ପ୍ରତାପ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ



**ସିନାପାଲି, ୬।୬(ସମିସ):** ନୂଆପଡ଼ା ଜିଲ୍ଲା ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ନୂଆମାଳପଡ଼ା ପଞ୍ଚାୟତର ଡଙ୍ଗର ଗାଁରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ସମସ୍ତେ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଆମ ଗାଁ ଜଙ୍ଗଲ ସୁରକ୍ଷା ଆମ ହାତରେ ବୋଲି କହିବା ସହ ପଲିଥିନ୍, ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ବର୍ତ୍ତମାନ ପରିସ୍ଥିତିରେ ଏକ ବଡ ଆହ୍ୱାନ ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। କମିଟିର ଶତାଧିକ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ସମାବେଶ ହୋଇ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ସଂଶୋଧିତ ଆଇନ ୨୦୧୨ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଗ୍ରାମରେ ଦେଖାଯାଇଥିବା ଜଙ୍ଗଲ ଜମି ସମସ୍ୟା ସାଙ୍ଗକୁ ଗୋଷ୍ଠୀଗତ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର, ମିଳିତ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନେଇ ଅନେକ ଦିଗ ଉପରେ ଉପସ୍ଥାପନ କରାଯାଇଥିଲା। ଏହି ସମାବେଶରେ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ଆବାହକ ମେଘନାଦ ଖର୍ସେଲ, ବରିଷ୍ଠ ପୃଷ୍ଠପୋଷକ ଖୁଟୁରାମ ସୁନାନୀ, ବରିଷ୍ଠ ଆଇନଜୀବୀ ହୀରାଲାଲ ମାଝି, ସିନାପାଲି ବ୍ଲକ ସଭାପତି ହନୁରାମ ମାଝି, ସମ୍ପାଦକ ଚୈତନ୍ୟ ମାଝି, ବୋଡ଼େନ ବ୍ଲକ ସଭାପତି ଯୁଧିଷ୍ଠିର ସାହୁ, ସିନାପାଲି ବ୍ଲକ ସଂଯୋଜକ ଶୁଭ୍ରାଂଶୁ ନାଏକ, ନୂଆମାଳପଡ଼ା ପଞ୍ଚାୟତ ସମିତି ସଭ୍ୟ ଟୋପଚନ ମାଝି, ଗୁନଧର ମାଝି, ମନୋହର ମାଝି, ରତ୍ନାକର ମାଝି, ବଳମତ ମାଝି, ରୂପଧର ମାଝି, ଘାଟମାଳ ପଞ୍ଚାୟତ ସମିତି ସଭ୍ୟ ତୁଳସୀ ମାଝି, ବୁଟୁ ରାମ ମାଝି, କ୍ଷୀରସିଂ ମାଝିଙ୍କ ସମେତ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଜଙ୍ଗଲ ଦେବୀ ଓ ବୃକ୍ଷ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗାଁ ଝାଙ୍କର ପରିବେଶ ଓ ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତଙ୍କୁ ଶପଥ କରାଇଥିଲେ।

## ମାନଝରିରେ ସାହୁ ସମାଜ ଭବନ ଉଦ୍‌ଘାଟିତ

**ଧର୍ମଗଡ଼/ଗୋଲାମୁଣ୍ଡା, ୬।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରି ଗ୍ରାମରେ ହଳଦିଆ ତୈଳିକ ସାହୁ ସମାଜ ଭବନ ଉଦ୍‌ଘାଟିତ ହୋଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏହି ସମାଜର ସମସ୍ତ ଗ୍ରାମ୍ୟ କମିଟି ଏବଂ ଆଞ୍ଚଳିକ ଚକ ସଭାପତି ଓ ସମାଜର ବୈଜେଷ୍ଠ ବ୍ୟକ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଡୋଶୀ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର କୋଣ ଅନୁକୋଣରୁ ହଳଦିଆ ତୈଳିକ ସାହୁ ସମାଜର ଲୋକେ ଯୋଗ ଦେଇଥିଲେ। ସୁଶୀଲ ସାହୁ, ଜୟନ୍ତୀଲାଲ ସାହୁ, ଦୀପଚାନ୍ଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସାହୁ, ଯଶୋବନ୍ତ ସାହୁ, ଓମପ୍ରକାଶ ସାହୁ, ଧବଳେଶ୍ୱର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନଝରୀ ସାହୁ ସମାଜର ସଭାପତି ରାମସିଂ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋହର ସାହୁ, ପଙ୍କଜ ସାହୁ, ହୃଦାନନ୍ଦ ସାହୁ, ଅର୍ଜୁନ ସାହୁ, ନିଳାମ୍ବରି ସାହୁ, ଭୀମ ସାହୁ ପ୍ରମୁଖ ସହଯୋଗ କରିଥିଲେ।



■ ଝିଲମିଲା ଗାଁରେ ମନରେଗା କାମରେ ଦୁର୍ନୀତି ପ୍ରସଙ୍ଗ

# ଗାଁରେ ପହଞ୍ଚି ଜିଲ୍ଲାସ୍ତରୀୟ ଟିମ୍‌ର ତଦନ୍ତ



**ନୂଆପଡ଼ା, ୬।୬(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଟାନୱାଟ ପଞ୍ଚାୟତର ଝିଲମିଲା ଗାଁରେ ଏମଜିଏନଆରଇଜିଏସ୍ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ହୋଇଛି। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଶୁକ୍ରବାର କୋମନା ବିଡିଓ ବିନୟ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଅଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘରକୁ ଯାଇ ଆବାସ ନିର୍ମାଣର ବିଲ୍ ମୁତାବକ ଟଙ୍କା ପାଇଛନ୍ତି ନା ନାହିଁ, ସେମାନଙ୍କ ଟଙ୍କା ଅନ୍ୟ କୌଣସି ଆକାଉଣ୍ଟକୁ ଯାଇଛି କି ପ୍ରଭୃତି ପଚାରି ବୁଝିଥିଲେ। ପରେ ଗାଁ ମଝିରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଅଭିଯୋଗକାରୀଙ୍କୁ ଡକାଇ ଗୋଟି ଗୋଟି କରି ତଥ୍ୟ ସଂଗ୍ରହ କରିଥିଲେ। ସପ୍ତାହକ ପରେ ଗାଁରେ ଆସି ପୁଣିଥରେ ସମସ୍ତ ତଥ୍ୟ ଉପସ୍ଥାପନ କରିବେ ବୋଲି କମିଟି କର୍ମକର୍ତ୍ତା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ ମ ଜି ଏ ନ୍ ଆ ର୍ ଇ ଜି ଏ ସ୍ ଜିଲ୍ଲା ସଂଯୋଜକ ବିମଳ କୁମାର, ସିନାପାଲି ବ୍ଲକ ଏଇଇ ପ୍ରଦୋଷ ବେହେରା, ନୂଆପଡ଼ା ବ୍ଲକ ଆକାଉଣ୍ଟସ୍ ଅଧିକାରୀ ରାଧେଶ୍ୟାମ ଭୋଇ, ବୋଡେନ ବ୍ଲକ ଏପିଓ ରବି ନାରାୟଣ ରାଉତ, ନୂଆପଡ଼ା ବ୍ଲକ ଏପିଓ ମୀନାଲାଲ ଚନ୍ଦ୍ରକାର ପ୍ରମୁଖ ସାମିଲ ଥିଲେ। ତଦନ୍ତ ସମୟରେ ପଞ୍ଚାୟତର ଜିଆର୍‌ଏସ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ତଦନ୍ତର ଫଳାଫଳ ଠିକ୍ ଆସିବ ବୋଲି ଗାଁର ସାମାଜିକ କର୍ମୀ ଲାଲୁ ସାହୁ, ସୁରେଶ ସାହୁ ଆଶାବ୍ୟକ୍ତ କରିଛନ୍ତି।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

- କୋମନା ବ୍ଲକ୍ କର୍ମକର୍ତ୍ତାଙ୍କୁ ଉପେକ୍ଷା ଅଭିଯୋଗ



**ନୂଆପଡ଼ା/କୋମନା, ୬।୬ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁରେଶ ଆଜାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂଯୋଜକ ଘାସିରାମ ମାଝି, ଜିଲ୍ଲା ପରିଷଦ ସଭ୍ୟ ଭାରତଲାଲ ରାଉତ, ବରିଷ୍ଠ ନେତାଙ୍କ କମଳଚରଣ ତାଣ୍ଡି, ଜିଲ୍ଲା ଯୁବକଂଗ୍ରେସ ସଭାପତି କଂଗ୍ରେସ ଅମିତ ଅହିର, ରାଜ୍ୟ ଯୁବ ସମ୍ପାଦକ ପାଶା ମହାନନ୍ଦ, ସାହାରୁଖ ଖାନ, କୈଳାସ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ପୁରୁଣା ବ୍ଲକ ଛକରୁ ଏକ ଶୋଭାଯାତ୍ରା ବାହାରି ବଜାର ପ୍ରାଙ୍ଗଣରେ ପହଞ୍ଚିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ବିଫଳତାକୁ ନେଇ କଂଗ୍ରେସ ନେତାମାନେ ବିଷୋଦଗାର କରିଥିଲେ। ଅନ୍ୟପଟରେ ଏହି ବୈଠକରେ ସ୍ଥାନୀୟ ବ୍ଲକର କଂଗ୍ରେସ କର୍ମୀଙ୍କୁ ଉପେକ୍ଷା କରାଯାଇଥିବା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଶବର ଅଭିଯୋଗ ଆଣିଛନ୍ତି। ଏଭଳି ଆଗାମୀ ଦିନରେ ହେଲେ ତାରକଡା ଜବାବ ଦିଆଯିବ ବୋଲି ସେ କହିଛନ୍ତି।

# ଅବକାରୀ ବିଭାଗର କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ନୂଆପଡ଼ା, ୬।୬(ସମିସ):** ନୂଆପଡ଼ା ଅବକାରୀବ ବିଭାଗର ବିଭିନ୍ନ କାର୍ଯ୍ୟର ଶୁକ୍ରବାର ସମୀକ୍ଷା କରିଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ। ଜିଲ୍ଲାପାଳ ଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅବକାରୀ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ, କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ, ଜନବସତି ଇତ୍ୟାଦି ଅଞ୍ଚଳରେ ଦୃଢ଼ ହସ୍ତରେ ଚୋରା କୁଟିଆ ମଦ ବିକ୍ରୟ କେନ୍ଦ୍ର ସବୁ ବନ୍ଦ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଅବକାରୀ କାର୍ଯ୍ୟକଳାପ କିପରି ଆହୁରି ସୁଦୃଢ଼ ହୋଇ ଜିଲ୍ଲାରେ ଅବୈଧ ଚୋରା ମଦ, ଗଞ୍ଜେଇ, ନିଶା କାରବାର ଉପରେ କିପରି ରୋକ ଲାଗିପାରିବ ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହିରାବତି ମାଝୀ, ସୁରେଶ ଚନ୍ଦ୍ର ତାଣ୍ଡି, ସୋମନାଥ ବାଗ, ଅବକାରୀ ଉପନୀରିକ୍ଷକ ସଚଳା ପାଢ଼ୀ, ଅଲେଖ ପୁଟେଲ, ସିଦ୍ଧାନ୍ତ ପାତ୍ର, ମଙ୍ଗଳ ଛତ୍ରିଆ ଏବଂ ଅନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ୪୮ ଘଣ୍ଟା ଗଲାନି; ଉଠିଗଲା ପିଚୁ

**ଦେଓଗାଁ, ୬।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିଲେଟକାନୀରୁ ସାରସମାଲ ରାସ୍ତାରେ ପିଚୁ କାମ ହେବାର ୪୮ ଘଣ୍ଟା ନ ପୁରୁଣୁ ପିଚୁ ଉଠି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ହୋଇଥିବା କାମ ଦୀର୍ଘଦିନଧରି ପଡ଼ି ରହିଥିବା ବେଳେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗ ସମ୍ପୃକ୍ତ ଠିକାଦାରଙ୍କୁ କାମ କରିବାପାଇଁ ତାଗିଦ କରିବାପରେ କାମ ଆରମ୍ଭ ହେଲା। ହେଲେ କାମ ନିମ୍ନମାନର ହୋଇଥିବାରୁ କାମ ହେବାର ୪୮ ଘଣ୍ଟା ମଧ୍ୟରେ ପିଚୁ ଉଠି ଯାଉଥିବା ନଜରକୁ ଆସିଥିଲା। ରାସ୍ତା କାମ ଚାଲିଥିବା ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାରୁ ଠିକାଦାର ନିମ୍ନମାନର ପିଚୁ କାମ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରଥମେ ରାସ୍ତାକୁ ସଫା କରିବା ସହ ଏକ କେମିକାଲ ଆବରଣ ପକାଇବା ପରେ ପିଚୁ ପକାଇବା କଥା କିନ୍ତୁ ସମ୍ପୃକ୍ତ ଠିକାଦାର ପିଚୁ କାମରେ ସମ୍ପୂର୍ଣ୍ଣ ଭାବେ ନିୟମକୁ ଉଲ୍ଲଂଘନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପ୍ରତିବାଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପିଡବ୍ଲ୍ୟୁଡି ବିଭାଗ ଯନ୍ତ୍ରୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ଯଦି ପିଚୁ ଉଠି ଯାଉଛି ତା ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



## ରେଙ୍ଗାଲି, ଗଜବାହାଲରେ ବିକଶିତ କୃଷି ସଂକଳ୍ପ ଅଭିଯାନ

**କର୍ଲାମୁଣ୍ଡା, ୬।୬ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି ଓ ଗଜବାହାଲରେ କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିରେ ଆୟୋଜିତ ସଭାରେ ଆତ୍ମା ଅଧ୍ୟକ୍ଷ ଗୌରକିଶୋର ରଣା, ରିଞ୍ଜା ସରପଞ୍ଚ ପୂର୍ଣ୍ଣମୀ ମାଝୀ, ସମିତି ସଭ୍ୟ ଆନନ୍ଦ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ବୈଜ୍ଞାନିକ ବିନୋଦ ଜେନା ଓ ସ୍ୱରାଜ ମେହେର, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ସିଂ, ଏଏଓ କୁମାର ଚିରଞ୍ଜିବି, ଇଫକୋ କର୍ମଚାରୀ ମାନସ ଟକରିଆ, ଏଏଚଓ ରିଙ୍କୁ ପ୍ରଧାନ, ମୃତ୍ତିକା ସରକ୍ଷଣ କର୍ମଚାରୀ ବିଜୟ ମିଶ୍ର, ଯଯାତି କେଶରୀ ସିଂ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଗଜବାହାଲ ପଞ୍ଚାୟତ ସଭା ଗୃହରେ ମଧ୍ୟ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର ଅତିଥି ଭାବେ ଯୋଗ ଦେଇଥିଲେ। ଜଗଦୀଶ ପ୍ରସାଦ ରଣା ସଂଯୋଜନା କରିଥିଲେ। ଶ୍ୟାମପଦ ଭଞ୍ଜ, ଲୋକନାଥ ନାଗ, ସୁରଜ ସାହୁ, ସନ୍ତୋଷିନୀ ବରାହ, ପ୍ରତ୍ୟୁଷିନୀ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ବାପା, ମା' ଛେଉଣ୍ଡ ଜଗଦୀଶକୁ କୋଳେଇ ନେଲା ଶିଶୁ ମଙ୍ଗଳ ସମିତି

- ୮ ମାସ ତଳେ କିଡ୍‌ନୀ ରୋଗରେ ବାପା ଚାଲି ଯାଇଥିଲେ
- ନିକଟରେ ବିଦ୍ୟୁତ୍ ଆଘାତରେ ଆଖି ବୁଜିଛନ୍ତି ମା', ୭ ମାସର ଭାଇ
- ମା', ଭାଇର ଶୁଦ୍ଧିକ୍ରିୟା ପରେ ମାମୁ ଘରେ ଆଶ୍ରୟ ନେଇଥିଲେ
- ପାଠପଢ଼ା ବ୍ୟବସ୍ଥା ସହ ମାସିକ ୪ହଜାର ଟଙ୍କା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ

ଭବାନୀପାଟଣା, ୬।୬(ସମିସ): ଦେହରେ ଖଇଫୁଟା ତାତି। ପ୍ରବଳ ଜ୍ୱର ଆହାଃ ଟିକେ କରିବାକୁ ନିଜର ବୋଲି କିଏ ନାହିଁ। ଜନ୍ମ ଦେଇଥିବା ବାପା ଓ ମା' ଆରପାରିରେ। ୮ ବର୍ଷ ବୟସର ଜଗଦୀଶ ପ୍ରଥମେ ବାପାକୁ ହରାଇବା ପରେ ଏବେ ଅଳ୍ପଦିନ ପୂର୍ବରୁ ମା' ଏବଂ ୭ ମାସର ଭାଇକୁ ହରାଇବାର ବଡ ଦୁଃଖକୁ ସାମ୍ନା କରି ନିର୍ବାକ ହୋଇପଡ଼ିଛି। ପାଦ କାଢି ଚାଲି ଶିଖୁଥିବା ଗୋଡ଼ରେ ଯେମିତି ବେଡି ପଡ଼ିଯାଇଛି। କଅଁଳ ବୟସରେ ଦେଖୁଥିବା ସ୍ୱପ୍ନସବୁ ମୁହଁମୋଡ଼ି ଯେମିତି ଫେରିଯାଉଛନ୍ତି। ପିଲାଟି କାହା ଛାତି ଉପରେ ମୁଣ୍ଡ ପିଟିବ। କେତେ ଆଉ ଗୁମୁରି ଗୁମୁରି କାନ୍ଦିବ। ଶୁକ୍ରବାର କିନ୍ତୁ ଜଗଦୀଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଥିଲା। ମାଁଙ୍କ ଦଶାହ କାର୍ଯ୍ୟ ସରିବା ପରେ ଭବାନୀପାଟଣାସ୍ଥିତ ଶିଶୁ ମଙ୍ଗଳ ସମିତିର କାର୍ଯ୍ୟକର୍ତ୍ତା ନିଜ ଆଡ୍ରୁ ଯାଇ ଜଗଦୀଶକୁ ନେଇଆସିଥିଲେ। ପାଠ ପଢ଼ିବାର ବ୍ୟବସ୍ଥା ସହିତ ମାସିକ ୪ହଜାର ଟଙ୍କା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ ବୋଲି ଶିଶୁ ମଙ୍ଗଳ ସମିତି ପକ୍ଷରୁ କୁହାଯାଇଛି। ତେବେ ୮ ମାସ ତଳେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଥିଲେ ଜଗଦୀଶର ବାପା। ଧାର ଉର୍ଦ୍ଧାର କରି ସ୍ୱାମୀଙ୍କ ଚିକିତ୍ସା କରି ସର୍ବସ୍ୱାନ୍ତ ହୋଇପଡ଼ିଥିଲେ ପରିବାର। ଜଗଦୀଶ ଆଉ କଅଁଳ ଛୁଆକୁ ନେଇ ମା' ଫୁଲମତୀ ପରିବାର ପୋଷୁଥିଲେ; ହେଲେ ଭଗବାନ ପୁଣି କପଟ କଲେ। ବିଦ୍ୟୁତ ଆଘାତରେ ୧୦ ଦିନ ତଳେ ଫୁଲମତୀ ଓ ୭ ମାସର କୁନିପୁଅ ସବୀରଙ୍କ ଜୀବନ ଯାଇଛି। ଏଭଳି ହୃଦୟ ବିଦାରକ ତଥା ଛାତିଫଟା ଦୁଃଖର ଘଟଣା ପରେ ସାହି ଭାଇ ମିଶି ମା'ପୁଅଙ୍କ ଦଶାହ କାର୍ଯ୍ୟ ସାରିଦେଇଥିଲେ। ଲୋକବାକ ଯିଏ ଯୁଆଡେ



ଗଲା ପରେ ଜଗଦୀଶ ଏକା ହୋଇ ଯାଇଥିଲା। କେମିତି ବଞ୍ଚିବ, କିଏ ସାହା ହେବ, କିଏ ଆହାଃ କରିବ ବୋଲି ଭାବୁଥିଲା। କୁଆଡେ ଯିବ, ବୁଦ୍ଧିବାଟ ପାଉ ନ ଥିଲା। ବାପ, ମାଆକୁ ହରାଇ ସେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡ଼ିଥିଲା। ଆଖି ଆଗରେ ନିଜର ହସଖୁସିର ପରିବାର ଉଜୁଡ଼ି ଯିବା ପରେ ସେ ମାନସିକ ଦୁଶ୍ଚିନ୍ତାରେ ଥିଲା। କିଛିଦିନ ହେଲା ଦେହରେ ତାର ଖଇଫୁଟା ତାତି ଥିଲା। ଜ୍ୱର ଛାଡୁ ନ ଥିଲା। ଶେଷରେ ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ଅଞ୍ଚଳର ମାମୁଁ ଘରେ ଆଶ୍ରୟ ନେବାକୁ ପଡ଼ିଥିଲା। ଶୁକ୍ରବାର ତାକୁ ଉଦ୍ଧାର କରିବା ସହ ଥଇଥାନ କରିବାକୁ ଶିଶୁ ମଙ୍ଗଳ ସମିତି ଜଗଦୀଶ ପାଖରେ ପହଞ୍ଚିଥିଲା। ଏବେ ତା' ମନରେ ନୂଆ ଜୀବନ ପାଇଁ ଆଶା ସୃଷ୍ଟି ହୋଇଛି।

## କାନ୍ଥ ଭୁଶୁଡ଼ି ଦମ୍ପତି ଗୁରୁତର

**ବୌଦ୍ଧ, ୬।୬(ସମିସ):** ବୌଦ୍ଧ ଥାନା ବଘିଆପଡ଼ା ଗ୍ରାମରେ ନିର୍ମାଣାଧୀନ ସିଡ଼ି ଘରର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହି ଦମ୍ପତି ହେଲେ ବଘିଆପଡ଼ା ଗ୍ରାମର ସନତ ପ୍ରଧାନ ଓ ତାଙ୍କ ପତ୍ନୀ ମଞ୍ଜୁଲତା ପ୍ରଧାନ। ଉଭୟ ନିଜ ନିର୍ମାଣାଧୀନ ଘରର ସିଡ଼ି କାନ୍ଥରେ ପାଣି ଦେଉଥିଲେ। ଏହି ସମୟରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସ୍ୱାମୀ, ସ୍ତ୍ରୀଙ୍କ ଉପରେ ଇଟା କାନ୍ଥ ପଡ଼ିଯିବା ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ପରିବାର ଓ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମଞ୍ଜୁଲତାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସନତ ଗୁରୁତର ହୋଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ



**ବୌଦ୍ଧ, ୬।୬(ସମିସ):** ବୌଦ୍ଧ ସହର ସାନ ବୁଟୁପାଲି ଗ୍ରାମ ନିକଟରେ କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଓମ୍ ନାଏକ (୧୮)। ସେ ତାଙ୍କ ମାମୁଁ ଘର ବୌଦ୍ଧ ସହରର ସାନ ମାଳୀସାହିରେ ରହୁଥିଲେ। ତେବେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଘରେ ମାମୁଁଙ୍କ ସହ ଷ୍ଟିଲ ବାଡା କାମ କରୁଥିଲେ। ଏହି ସମୟରେ ଅଘଟଣ ଘଟିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଅଣା ଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ପୁଲିସ ଡାକ୍ତରଖାନାରେ ପହଞ୍ଚି ଥବଲା। ମୃତଦେହକୁ ଜବତ କରି ଶବାଗାରରେ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ କରାଯିବ।

## ଘରକୁ ଘର ବୁଲି ପାଠପଢ଼ା ତଦାରଖ କଲେ ବିଇଓ

ମନମୁଣ୍ଡା, ୬।୬(ସମିସ): ଗ୍ରୀଷ୍ମପ୍ରବାହରେ ଶିଶୁମାନେ କିପରି ଘରେ ସୁରକ୍ଷିତରେ ରହି ପାଠ ପଢ଼ିବେ ଓସେପା ଏହାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ଏହା କିପରି ଚାଲିଛି ସେ ନେଇ କନ୍ଧମାଳ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳୀ ଖଟଖଟିଆ କ୍ଲଷ୍ଟରର ଖଟଖଟିଆ ଉପ୍ରା ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ତଦାରଖ କରିଛନ୍ତି। ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଗୃହ କାର୍ଯ୍ୟ ପିଲାମାନେ କିପରି କରୁଛନ୍ତି ତଦାରଖ କରିବା ସହ ଅଭିଭାବକମାନଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକ ରଞ୍ଜୁ ଅମାତ, ନୃପମଣୀ ମହାଲିକ ଉପସ୍ଥିତ ଥିଲେ।

## ବନମାଳୀ ମେହେରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



ଶଗଡ଼ା, ୬।୬(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ହାଇସ୍କୁଲର ସହକାରୀ ଶିକ୍ଷକ ବନମାଳୀ ମେହେର ପ୍ରକୃତି ବନ୍ଧୁ ଭାବରେ ପୁରସ୍କୃତ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସରେ ସେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ଶହୀଦ ମାଟିକୁ ଭବ୍ୟ ସ୍ୱାଗତ



ଶଗଡ଼ା, ୬।୬(ସମିସ): କନ୍ଧମାଳ ବ୍ଲକ ଯାଦବ ସମାଜ ପକ୍ଷରୁ ଶହୀଦ ମାଟିକୁ ଭବ୍ୟ ସ୍ୱାଗତ କରାଯାଇଛି। ୧୯୬୨ ମସିହାରେ ଚୀନ ଯୁଦ୍ଧରେ ପ୍ରାଣ ହରାଇ ଥିବା ୧୨୦ ଜଣ ଯାଦବ ସମାଜର ସୈନିକଙ୍କ ଶହୀଦ ମାଟି ସାରା ଭାରତ ପରିକ୍ରମା କରଛି। ଏହି ଶହୀଦ ମାଟିକୁ କନ୍ଧମାଳ ଗିରି ଗୋବର୍ଦ୍ଧନ ପୀଠରେ ଭବ୍ୟ ସ୍ୱାଗତ କରାଯାଇଥିଲା। ବ୍ଲକ ଯାଦବ ସମାଜ ସଭାପତି ବାବୁଲାଲ ମଟାଲିଙ୍କ ନେତୃତ୍ୱରେ ଶତାଧିକ ଯାଦବ ସମାଜ କର୍ମକର୍ତ୍ତା ସ୍ୱାଗତ କରିଥିଲେ। ଏହାସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଲସାଗୋରା, ଖଟଖଟିଆ ଦେଇ ଜାମୁମାଳଓ ଗବଯୋର ଦେଇ ଏହି ଶହୀଦ ମାଟି ସୋନପୁର ଜିଲ୍ଲା ଅଭିମୁଖେ ଯାଇଥିଲା।

- ନୂଆପଡ଼ା ଜିଲ୍ଲା 'ଥରେମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା' ଘୋଷିତ

## ସ୍ୱଚ୍ଛ, ସବୁଜ ନୂଆପଡ଼ା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ନୂଆପଡ଼ା, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ନୂଆପଡ଼ା ଜିଲ୍ଲା 'ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା' ଭାବେ ଘୋଷିତ ହୋଇଛି। ନୂଆପଡ଼ା ଏବେ ସ୍ୱଚ୍ଛ ଓ ସବୁଜ ହେବ। ଏଥିପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ତଥା କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ (ଖଡ଼ିଆଳ) ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ୟୁନିସେଫ୍ ଅଧିକାରୀ ଯୋଗେନ୍ଦ୍ର ସିଂ, ସମସ୍ତ ବିଡିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ମହେନ୍ଦ୍ର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ପଲିଥିନ୍ ଏବଂ ପ୍ଲାଷ୍ଟିକ କିଭଳି ପରିବେଶ ଧ୍ୱଂସର କାରଣ ସାଜିଛି ତାହା ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ଏହି ଯୋଜନା କିଭଳି ଜିଲ୍ଲାରେ ସଫଳ ହୋଇପାରିବ ସେଥିପାଇଁ ସମନ୍ୱିତ ଯୋଜନାର ରୂପରେଖ ଉପରେ ଶ୍ରୀ ସିଂ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ପ୍ଲାଷ୍ଟିକ ଏବେ ଭସ୍ମାସୁର ଭଳି ତା ସ୍ରଷ୍ଟା ମାନବ ସାମାଜକୁ ଧ୍ୱଂସ କରିବା ପାଇଁ ବସିଛି। ଏହାର ବିନାଶ ପାଇଁ ଶୀଘ୍ର ସମୁଚିତ ପଦକ୍ଷେପ ନେବାକୁ ପଡ଼ିବ। ଜୀବନ ପାଇଁ ପ୍ରତିଜ୍ଞା, ପରିବେଶ ପାଇଁ ଜୀବନଶୈଳୀର ଶପଥ ପାଠ କରାଇଥିଲେ।

## ରବି ଧାନକ୍ରୟ କେନ୍ଦ୍ରର ଶୁଭାରମ୍ଭ



**ବୌଦ୍ଧ, ୬।୬(ସମିସ):** ବୌଦ୍ଧ ପାକ୍ସ ପକ୍ଷରୁ ମାଉଲସିଙ୍ଗା ହାଇସ୍କୁଲ ପଡ଼ିଆ ନିକଟରେ ରବି ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ପୂଜାର୍ଚ୍ଚନା କରାଯିବା ପରେ ବୌଦ୍ଧ ପାକ୍ସ ସଭାପତି ସତ୍ୟଜିତ ପଣ୍ଡା ଏହି ରବି ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ ସମୟରେ ନୋଡାଲ ଅଫିସର୍ ସତ୍ୟବ୍ରତ ମେହେର, ସମ୍ପାଦକ ସତ୍ୟଜିତ କର, ପରିଚାଳନା କମିଟି ସଦସ୍ୟ ଚିତ୍ତରଞ୍ଜନ ଦନାୟକ, ଡିଇଓ ସୁରେନ୍ଦ୍ର ମେହେର, ନିୟନ୍ତ୍ରିତ ବଜାର କମିଟି ପ୍ରତିନିଧି, ମିଲର ପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ। ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ବୌଦ୍ଧ ଏନଏସି ଅଧୀନ ରବି ଧାନ ଚାଷୀଙ୍କଠାରୁ ଧାନ କ୍ରୟ ଆରମ୍ଭ ହୋଇଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ମନମୁଣ୍ଡାଳ, ୬।୬(ସମିସ):** ବାଉଁଶୁଣି ଥାନା କଙ୍କଲା ଗ୍ରାମରେ ବଜ୍ରପାତ ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଟୁନା ମହାକୁଡଙ୍କ ପତ୍ନୀ ପିଙ୍କି ମହାକୁଡ (୩୦)। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬.୩୦ରେ ସେ ଘରୁ ଦାଣ୍ଡକୁ ଯାଇଥିଲା ବେଳେ ବଜ୍ରପା।ତ ହୋଇଥିଲା। ଏହି ସମୟରେ ଅଚେତ୍ ହୋଇ ପଡ଼ିବାରୁ ପରିବାର ଲୋକେ ତାକୁ ବୌଦ୍ଧ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାଉଁଶୁଣୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ସୋନପୁର ଗସ୍ତ

**ସୋନପୁର, ୬।୬(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶନିବାର ପ୍ରଥମ ଥର ପାଇଁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସୁଛନ୍ତି। ଅପରାହ୍ଣରେ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ସେ ସର୍ବସାଧାରଣଙ୍କୁ ସମ୍ବୋଧିତ କରିବେ। ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ସହ ବହୁ ଦାବି ପୂରଣ ହେବ ବୋଲି ସୁବର୍ଣ୍ଣପୁରବାସୀ ଆଶା କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ସୋନପୁରରେ ନିର୍ବାଚନୀ ସଭା କରି ଓଡ଼ିଶାରେ ବିଜେପି ସରକାର ଆସିଲେ ସୁବର୍ଣ୍ଣପୁରରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୁଣି ଲୋକଙ୍କ ମନରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଆଶା ସଞ୍ଚାର ହୋଇଥିଲା। ମୁଖ୍ୟମନ୍ତ୍ରୀ ନିଶ୍ଚୟ ମତ୍ସ୍ୟ ମହାବିଦ୍ୟାଳୟ ସମ୍ପର୍କରେ ଘୋଷଣା କରିବେ ବୋଲି ଲୋକେ ଆଶା କରିଛନ୍ତି। ଏଥିସହ ଗୋର୍ଦ୍ଧନେଶ୍ୱର ଏବଂ ଖଇରମାଳ ପ୍ରକଳ୍ପ ନିର୍ମାଣ, ସୋନପୁର ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ସୋନପୁର-ସମ୍ବଲପୁର ରେଳ ଲାଇନ୍ ନିର୍ମାଣ, ଜିଲ୍ଲା ଡାକ୍ତରଖାନାକୁ ମେଡିକାଲ କଲେଜ ଘୋଷଣା, ବୟନ ଶିଳ୍ପ ପ୍ରତିଷ୍ଠା, ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ, ପର୍ଯ୍ୟଟନ କ୍ଷେତ୍ର ଗୁଡିକର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନିଶ୍ଚୟ ଘୋଷଣା କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସଚେତନତା ରଥର ଶୁଭାରମ୍ଭ



**ବୌଦ୍ଧ, ୬।୬(ସମିସ):** ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରି ଜାଗ୍ରତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ନିଶା ନିବାରଣ ସଚେତନତା ରଥ 'ଆମ ସଂକଳ୍ପ, ନିଶା ନୁହେଁ ଜୀବନ' ସଚେତନତା ରଥର ଶୁଭାରମ୍ଭ ହୋଇଛି। ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ଯୁଗଳ କିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଏହି ରଥ ଜିଲ୍ଲାରେ ପରିକ୍ରମା କରି ମାଦକ ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟଠାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଅତିଥି ବୃନ୍ଦ ନିଶାମୁକ୍ତ ସମାଜ ଏବଂ ନିଶା ମୁକ୍ତ ଜିଲ୍ଲା ଗଠନ ର ସମସ୍ତେ ସଚେତନ ହୋଇ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ।

- ଭରୁଆମୁଣ୍ଡାରେ ଆମ ପୁଲିସ ସମିତି ବୈଠକ

## ପୁଲିସ-ଜନତା ସୁସମ୍ପର୍କ ରହିବା ଜରୁରି

ସିନାପାଲି/ ହାତିବନ୍ଧା, ୬।୬(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ-ଜନତା ସୁସମ୍ପର୍କ ରହିବା ଜରୁରି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତ, ନନ୍ଦଲାଲ ବାଗ, ବନ ବିଭାଗ ରେଞ୍ଜର ରାମେଶ୍ୱର ତାଣ୍ଡି, ଥାନା ଅଧିକାରୀ ରଶ୍ମିତା ପ୍ରଧାନ, ଏସ୍‌ଆଇ ଅନିତା ଯାନୀ, ଏଏସ୍‌ଆଇ ପ୍ରଭାକର ନାଏକ ମଞ୍ଚାସୀନ ଥିଲେ। ଲୋକଙ୍କ ସହ ପୁଲିସର ସୁସମ୍ପର୍କ ରହିଲେ ସମସ୍ୟା ସହ ଅନେକ କାର୍ଯ୍ୟର ଶୀଘ୍ର ସମାଧାନ ହୋଇପାରିବ ବୋଲି ଥାନାଧିକାରୀ ଲୋକଙ୍କୁ ବୁଝାଇଥିଲେ। ସେହିପରି କମ୍ ବୟସରେ ବିବାହ, ବୟସ ଅନୁଯାୟୀ ଗାଡି ଚଳାଇବା, ହେଲମେଟ ବ୍ୟବହାର କରିବା, ନିଶା ସେବନ କରି ଗାଡି ନ ଚଳାଇବା, ସରକାରୀ ନୀତି ନିୟମ ମାନି ପାଇଁ ସମସ୍ତଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଏଥିରେ ବନ ବିଭାଗ, ଥାନା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତିର ମହିଳା, ଅଙ୍ଗାନବାଡି କର୍ମୀ, ଆଶାକର୍ମୀଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ।



## ବାଲ୍‌ରକ୍ଷା ଭାରତକୁ ପ୍ରକୃତିମିତ୍ର ପୁରସ୍କାର



**ଶଗଡ଼ା, ୬।୬(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଲ୍‌ରକ୍ଷା ଭାରତକୁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସରେ ଏହି ପୁରସ୍କାର ମିଳିଛି।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, ୬।୬(ସମିସ): ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ଅଧୀନ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷାକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ପରିବେଶ ସୁରକ୍ଷା ଆଇନ, ବନ୍ୟଜନ୍ତୁ ସୁରକ୍ଷା ଆଇନ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶବ୍ଦାଞ୍ଜଳି ରାୟ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଭରତ ମେହେର ଉପସ୍ଥିତ ଥିଲେ।

## ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି କର୍ମଶାଳା

**ବୌଦ୍ଧ, ୬।୬(ସମିସ):** ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୌଦ୍ଧ ଟାଉନ ହଲ୍‌ରେ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଡ. ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଗିରିଜା ପ୍ରସାଦ ମିଶ୍ର, କନ୍ଧମାଳ ସାଂସଦଙ୍କ ପ୍ରତିନିଧି (ସ୍ୱାସ୍ଥ୍ୟ ବିଭାଗ )ଦେବାଶିଷ ପୁରୋହିତ ମଞ୍ଚାସୀନ ଥିଲେ। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଆଶା କର୍ମୀ, ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଥିଲା।



## ମିଶନ ଅହୀର ରେଜିମେଣ୍ଟ ଦାବିରେ କଳସ ଯାତ୍ରା

ବିନିକା, ୬।୬(ସମିସ): ରେଜାଙ୍ଗାଲା ଯୁଦ୍ଧର ବୀର ଗାଥା ଓ ମିଶନ ଅହୀର ରେଜିମେଣ୍ଟ ଦାବିରେ ଦେଶବ୍ୟାପୀ କଳସ ଯାତ୍ରା ଅନୁଷ୍ଠିତ ହେଉଛି। ଉକ୍ତ କଳସ ରଥ ଶୁକ୍ରବାର ସୁବର୍ଣ୍ଣପୁର ଜିଲ୍ଲା ବିନିକାକୁ ପହଞ୍ଚିଥିଲା। ବିନିକା ଶେଷ ସୀମା ଅଙ୍ଗନଦୀ ନିକଟକୁ ଏହି ରଥ ପହଞ୍ଚିବା ପରେ ବିନିକା ବ୍ଲକ ଯାଦବ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ଏକ ବିଶାଳ ବାଇକ ରାଲିରେ ରଥ ବିନିକା ଆସିଥିଲା। ସହରର ପାଳିପଡ଼ାଠାରେ ଥିବା ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ପହଞ୍ଚି ପ୍ରଥମେ ଦର୍ଶନ କରିଥିବା ବେଳେ ସହର ପରିକ୍ରମା କରି ମା' ଦୁର୍ଗା ମନ୍ଦିରକୁ ରଥ ପହଞ୍ଚିଥିଲା। ସେଠାରେ ମା'ଙ୍କ ଆଳତି କରି ଦୁର୍ଗା ମଣ୍ଡପର ବୈଠକ ଗୃହରେ ବିନିକା ବ୍ଲକ ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିନିକା ବ୍ଲକ ଯାଦବ ସମାଜ ସଭାପତି ଶୀତଳ ପ୍ରସାଦ ମହାକୁରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଘ ଯୋଗଦେଇ ସହିଦ ଯବାନ ଆତ୍ମମାନଙ୍କ ପ୍ରେରଣା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ରାଜ୍ୟ ଉପସଭାପତି ଲମ୍ବୋଦର ନିଆଲ, କଳାହାଣ୍ଡି ଜିଲ୍ଲା ସମ୍ପାଦକ ତ୍ରିଲୋଚନ ନାଗ, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ତପନ ଜୁଆଡ଼ି, ଜିଲ୍ଲା ଯୁବ ଯାଦବ ସଭାପତି ସୁରେଶ ଷାଣ୍ଢ, ଅଖିଳ ଭାରତୀୟ ଯାଦବ ସମାଜ ପ୍ରତିନିଧି ଅର୍ଜୁନ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ବିନିକା ବ୍ଲକ ସମ୍ପାଦକ ବୃନ୍ଦାବନ ଦୀପ ପରିଚାଳନା କରିଥିବା ବେଳେ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ମୁକେଶ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିନିକା ନଗରର ଦେବରାଜ ଗରିଆ, ରମେଶ ସାଲମା, ପ୍ରଶାନ୍ତ ବଗର୍ତ୍ତୀ, ଗୁପ୍ତେଶ୍ୱର ପୋଡ଼, ମହାଦେବପାଲି ପଞ୍ଚାୟତ ସଭାପତି କଲମଧର ଷାଣ୍ଢ, ସେଲେଡି ସଭାପତି ଶ୍ରୀବଲ ବଗର୍ତ୍ତୀ, ସିନ୍ଦୁରପୁର ସମ୍ପାଦକ ପୁରେନ୍ଦର ମାଝୀ, ମେଘଲା ସଭାପତି ପଦ୍ମନାଭ ପୋଡ଼, କୁହିବାହାଲ ସଭାପତି ଗୌରାଙ୍ଗ ଜାଲ ପ୍ରମୁଖଙ୍କ ସମେତ ଶତାଧିକ ଯାଦବ ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ।

### ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ

## କୋଦାଳ ଧରି ମାଟି ହାଣିଲେ, ପେଟ୍ରୋଲ ପମ୍ପ ଯାଞ୍ଚ କଲେ

ନୂଆପଡ଼ା, ୬।୬ (ସମିସ):

ଶୁକ୍ରବାର ଉପାନ୍ତ ବୋଡେନ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବୁଲି ଦେଖିବା ସହ ତାହାର ତଦାରଖ କରିଛନ୍ତି। ଏହି ସମୟରେ ମନରେଗାର ଶ୍ରମିକମାନଙ୍କୁ ଉତ୍ସାହିତ କରିବାକୁ ସେମାନଙ୍କ ସହ ଜିଲ୍ଲାପାଳ ମିଶି କୋଦଳରେ ମାଟି ହାଣିଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲାରୁ ବାର୍ଷିକ ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ଏହାକୁ ରୋକିବାକୁ ଜିଲ୍ଲାପାଳ ଜିଲ୍ଲାବ୍ୟାପି ମନରେଗାରେ ହେଉଥିବା ପ୍ରକଳ୍ପର ଅନୁଧ୍ୟାନ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ଅଚାନକ ଭାବେ ବୋଡେନ୍ ବ୍ଲକର ଲିଟିସର୍ଗି ପଞ୍ଚାୟତରେ ପହଞ୍ଚି ସେଠାରେ ଚାଲିଥିବା ଭୋଇପଡ଼ା ମନରେଗା କାମ ବୁଲି



ଦେଖିଥିଲେ। ସରକାର ନିଜ ଦ୍ୱାର ମୁହଁରେ ରୋଜଗାର ଦେଉଛନ୍ତି। ତେଣୁ ପ୍ରବାସୀ ଶ୍ରମିକ ପ୍ରଥାକୁ ଆମେ ବର୍ଜନ କରି ନିଜ ଗୋଡ଼ରେ ନିଜ ଗାଁରେ ଛିଡ଼ା ହେବା ବୋଲି ଜିଲ୍ଲାପାଳ କହିଥିଲେ। ପରେ ଫର୍ସରା ପଞ୍ଚାୟତରେ ଚାଲିଥିବା ପୁଷ୍କାବୁର୍ଲି ଟ୍ୟାଙ୍କ କାମ ବୁଲି ଦେଖିଥିଲେ। ସେଠାରେ ନିୟୋଜିତ ଥିବା ଶ୍ରମିକମାନଙ୍କ ସହ କଥା ହୋଇଥିଲେ। ନିଜ କାନ୍ଧରେ କୋଦାଳ ବୋହି ନେଇ ସେଥିରେ ଶ୍ରମିକମାନଙ୍କ ସହ ମାଟି ହାଣି ଉତ୍ସାହିତ କରିଥିଲେ। ସେଠାରୁ ଫେରିବା ବାଟରେ ଫର୍ସରାରେ ଏକ ନଳକୂଅରେ ପାଣି ବାହାରୁଛି କି ନାହିଁ ପରୀକ୍ଷା କରିବାକୁ ଯାଇ ସେଠାର ପାଣି ପିଇଥିଲେ। ବୋଡେନ ଛକରେ ଥିବା ଏକ ପେଟ୍ରୋଲ ଟ୍ୟାଙ୍କରେ ପେଟ୍ରୋଲ ଏବଂ ଡିଜେଲ ପରିମାପକ ସହ ପରୀକ୍ଷା କରିଥିଲେ। ପେଟ୍ରୋଲ କମ ଥିବା ନେଇ ମଲିକଙ୍କୁ ତାଗିଦ କରିଥିଲେ। ଆଗାମୀ ଦିନରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଯୁଦ୍ଧରେ ହାରିଲେ ଶିଶୁପାଳ

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ



ପୁରୀ, ୬।୬ (ସମିସ): ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବା ବେଳେ ମହାପ୍ରଭୁ ତାଙ୍କୁ ହରଣ କରିନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଶୁକ୍ରବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ବାହାଘର ପାଇଁ ଶ୍ରୀମନ୍ଦିରକୁ ଫୁଲରେ ସଜା ଯାଇଥିବା ବେଳେ ସିଂହଦ୍ୱାରରେ ବାଜୁଥିଲା ଶୁଭ ଶଙ୍ଖ, ମହୁରି ଓ ତେଲିଙ୍ଗି ବାଜା।

ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଭୋଗମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳା ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରକୁ ଆସିବା ସମୟରେ ମହାପ୍ରଭୁ ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ପରେ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା।

■ ଫୁଲରେ ଝଲସୁଛି ଶ୍ରୀମନ୍ଦିର
■ ସିଂହଦ୍ୱାରରେ ବାଜିଲା ମହୁରି, ତେଲିଙ୍ଗି ବାଜା

ରାଜ୍ୟ ସରକାରଙ୍କ ନବମ ନିଯୁକ୍ତି ମେଳା

# ୭ଟି ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି



ଭୁବନେଶ୍ୱର,୬।୬(ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ଆମ ରାଜ୍ୟରେ କେବଳ ଶିଳ୍ପ କ୍ଷେତ୍ରରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଏଥିପାଇଁ ଆମ ଯୁବପିଢ଼ିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭଲ କାମ କରିବାକୁ ପରାମର୍ଶ ଦେଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ।

■ ଓଏଚ୍‌ପିସି ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି

# ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍‌ରୁ ଉତ୍ପାଦିତ ହେବ ୬୦୦ ମେଗାୱାଟ ବିଜୁଳି

ଭୁବନେଶ୍ୱର,୬।୬(ସମିସ): ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରରିପେକ୍ଷୀରେ ଶୁକ୍ରବାର ମୁଖ୍ୟଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ(ଓଏଚପିସି) ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପ୍‌କୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବିଭାଗୀୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଏଚ୍‌ପିସି ଏହାର ୬୦୦ ମେଗାୱାଟ୍ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ ଭି ସିଂହଦେଓ କହିଛନ୍ତି।

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣେ ମୃତ

ବୈଶିଙ୍ଗା,୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଡେଉଁଚପଦା ଗାଁ ମୁଣ୍ଡରେ ଏକ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ମୋରଡ଼ା ଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅଧୀନ ଅଙ୍ଗାରିଆ ଗ୍ରାମର ଲୁସ୍କୁ ମାର୍ଣ୍ଡିଙ୍କ ପୁଅ ବାବୁଲା ମାର୍ଣ୍ଡି। ସବୁଦିନ ଭଳି ବାବୁଲା ଗୁରୁବାର ରାତି ପ୍ରାୟ ସାଢ଼େ ୮ ଟାରେ ସାଇକଲରେ ଘରକୁ ଫେରୁଥିବା ବେଳେ ଡେଉଁଚପଦାଠାରେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେବା ସହ ମୁଣ୍ଡକୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବେତନଟୀ ବନବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାବୁଲାଙ୍କ ଶବକୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

■ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି

# କରୋନା ସଂକ୍ରମିତଙ୍କୁ ରଥଯାତ୍ରା ମନା

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ କୋଭିଡ ସଂକ୍ରମଣ ବଢିବା ଆରମ୍ଭ କରିଛି। ଆଗକୁ ରାଜ୍ୟର ସବୁଠାରୁ ବଡ଼ ପର୍ବ ରଥଯାତ୍ରା ଆସୁଛି। ପୁରୀରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଅସମ୍ଭାଳ ଭିଡ଼ରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛି ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ସଚିବ ଅମରେନ୍ଦ୍ର ମହାନ୍ତି ପରାମର୍ଶ ଦେଇଛନ୍ତି। କୋଭିଡରେ ଆକ୍ରାନ୍ତଥିଲେ ରଥଯାତ୍ରାକୁ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଯେଉଁମାନେ ଆକ୍ରାନ୍ତ ନାହାନ୍ତି ସେମାନଙ୍କୁ ହାତଧୁଆ ବ୍ୟବହାର ଏବଂ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ ରଖିବା ସହ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆଗକୁ ରଥଯାତ୍ରା ଥିବାରୁ ଗାଇଡଲାଇନ ଆସିପାରେ। ତେବେ କେନ୍ଦ୍ର ସହ ଏନେଇ ବୈଠକ ବସିବା ପରେ ନିଷ୍ପତ୍ତି ନିଆଯିବ। ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଆସିବ। ଅପରପକ୍ଷରେ ରାଜ୍ୟରେ କୋଭିଡ ସ୍ଥିତି ଆଦୌ ସଂକଟଜନକ ନୁହେଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଆଉ ୭ନୂଆ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଏଯାବତ୍ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬, କଟକ ଜିଲ୍ଲାରୁ ୯ଜଣ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି।

ଆଉଟ୍‌ସୋର୍ସିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି


# ଖାଲି ପଡ଼ିଥିବା ପଦବୀ ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ ମୋହନ ସରକାର ୧ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ବର୍ଷପୂର୍ତ୍ତିକୁ ମହାଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା କରିଛନ୍ତି। ମାତ୍ର ରାଜ୍ୟର ବେକାରୀ ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ଗତ ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା, ତାହା ପୂରଣ କରିବାକୁ ଭୁଲିଯାଇଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଶୁକ୍ରବାର ଡଃ ଲେଙ୍କା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବି ଖାଲି ପଡ଼ିଛି। ହଜାର ହଜାର ଶିକ୍ଷିତ ଯୁବକଯୁବତୀ ଚାକିରି ପାଇଁ ଲଢ଼େଇ ଜାରି ରଖିଛନ୍ତି। ହେଲେ ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍ ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଆଜି ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଡଃ ଲେଙ୍କା ଦୁଇଟି ପ୍ରମୁଖ ଦାବି ଉପସ୍ଥାପନ କରି ଏହାର ସମାଧାନ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲିପଡ଼ିଛି। ତେଣୁ କେଉଁ ବିଭାଗରେ କେତେ ପଦବି ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଏଥିସହ କେବେ ସେହି ପଦବି ସବୁ ପୂରଣ କରାଯିବ ତାହା ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷରେ ରାଜ୍ୟରେ ପାଖାପାଖି ୬୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ରହିଛନ୍ତି। ଦିନମଜୁରିଆ ଭଳି ସ୍ୱଳ୍ପ ଦରମାରେ ସେମାନେ ପରିବାର ଭରଣପୋଷଣ କରୁଛନ୍ତି। ସେମାନଙ୍କ ଚାକିରିର କୌଣସି ସ୍ଥାୟିତ୍ୱ ନାହିଁ। ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ ସରକାର ରାଜ୍ୟର ଯୁବକଯୁବତୀଙ୍କୁ ୟୁଜ୍ ଆଣ୍ଡ ଥ୍ରୋ ଭଳି ବ୍ୟବହାର କରୁଛନ୍ତି। ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ଆଉଟ୍‌ସୋର୍ସିଂ ଏଜେନ୍ସିମାନଙ୍କ ସ୍ୱାର୍ଥ ପାଇଁ ଏହି କର୍ମଚାରୀମାନଙ୍କୁ ଅବହେଳା କରିଚାଲିଛନ୍ତି। ସମାନ ବିଭାଗରେ ସମାନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସମାନ ଦରମା ମିଳିପାରୁନାହିଁ। ତେଣୁ ସରକାର ଏହି କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରିବା ସହ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବାକୁ ଡଃ ଲେଙ୍କା ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୩୧୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦


# କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା

ଭୁବନେଶ୍ୱର,୬।୬(ସମିସ): କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ଜିଏମ୍ ଜଗଦୀଶ ଚନ୍ଦରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ପୁରୁଣା/ମଇଳା କଏନ୍ ଏବଂ ସ୍ୱଳ୍ପ ମୂଲ୍ୟର ନୋଟ୍‌ଗୁଡିକୁ ସମସ୍ତ ପ୍ରମୁଖ ସେଣ୍ଟରଗୁଡିକରେ ଏକ୍ସଚେଞ୍ଜ କରାଯାଇଥିଲା। ଇଦ୍-ଉଲ୍-ଜୁହା ଏବଂ ରଜ ପର୍ବ ପୂର୍ବରୁ ଅନୁଷ୍ଠିତ ଏହି ମେଳାକୁ ଗ୍ରାହକଙ୍କ ଆଡୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ବହୁ ସଂଖ୍ୟାରେ ଲୋକ ଏହି ସେଣ୍ଟର ଗସ୍ତ କରିଥିଲେ ।



ପୁଣି କମିଲା ସୁଧହାର

# ରେପୋ ହାରରେ ୫୦ ବେସିସ୍ ପଏଣ୍ଟ ହ୍ରାସ



■ ଲଗାତାର ତୃତୀୟ ଥର ପାଇଁ କମିଲା
■ କମିବ ଇଏମ୍‌ଆଇ, ଶସ୍ତା ହେବ ଋଣ

ନୂଆଦିଲ୍ଲୀ୬।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣ ସୁଧ ହାର ଅର୍ଥାତ୍ ରେପୋ ହାର ହାରରେ ୦.୫୦% ହ୍ରାସ କରିଛି। ଫଳରେ ରେପୋ ହାର ୫.୫୦%କୁ ହ୍ରାସ ପାଇଛି। ଏହି କାରଣରୁ, ବ୍ୟାଙ୍କଗୁଡ଼ିକ ଆର୍‌ବିଆଇଠାରୁ କମ ସୁଧ ହାରରେ ଋଣ ପାଇବେ। ଯଦି ବ୍ୟାଙ୍କଗୁଡ଼ିକ ଏହି ସୁଧ ହ୍ରାସକୁ ସେମାନଙ୍କ ଗ୍ରାହକଙ୍କୁ ହସ୍ତାନ୍ତର କରନ୍ତି, ତେବେ ଆଗାମୀ ଦିନରେ ଋଣ ଶସ୍ତା ହୋଇପାରେ। ଯଦି ଋଣ ଶସ୍ତା ହୁଏ, ତେବେ ଲୋକଙ୍କ ବର୍ତ୍ତମାନର ଇଏମ୍‌ଆଇମଧ୍ୟ ହ୍ରାସ ପାଇବ। ଚଳିତମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ସୁଧ ହାର ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ଏହି ସୂଚନା ଦେଇଛନ୍ତି।


ଏଠାରେ ସୂଚନାଯୋଗ୍ୟ ଯେ, ଫେବୃଆରୀରେ ଅନୁଷ୍ଠିତ ବୈଠକରେ ଆର୍‌ବିଆଇ ସୁଧ ହାର ୬.୫% ରୁ ୬.୨୫% କୁ ହ୍ରାସ କରିଥିଲା। ସେତେବେଳେ ପ୍ରାୟ ୫ ବର୍ଷ ପରେ ମୁଦ୍ରା ନୀତି କମିଟି ଦ୍ୱାରା ଏହି ହ୍ରାସ କରାଯାଇଥିଲା। ଏପ୍ରିଲରେ ଅନୁଷ୍ଠିତ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାରରେ ମଧ୍ୟ ୦.୨୫% ହ୍ରାସ କରାଯାଇଛି। ଏବେ ତୃତୀୟ ଥର ପାଇଁ ହାର ହ୍ରାସ କରାଯାଇଛି। ଅର୍ଥାତ୍, ମୁଦ୍ରା ନୀତି କମିଟି ତିନି ଥରରେ ୧% ସୁଧ ହାର ହ୍ରାସ କରିଛି। ରେପୋ ହାର ହ୍ରାସ ପରେ, ବ୍ୟାଙ୍କଗୁଡ଼ିକ ଗୃହ ଏବଂ ଅଟୋ ଭଳି ଋଣ ଉପରେ ମଧ୍ୟ ସୁଧ ହାର ହ୍ରାସ କରିବେ। ସୁଧ ହାର ହ୍ରାସ ହେଲେ ଗୃହ ଚାହିଦା ବୃଦ୍ଧି ପାଇବ। ଅଧିକ ଲୋକ ରିଅଲ ଇଷ୍ଟେଟରେ ନିବେଶ କରିପାରିବେ। ଏହା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍)କୁ ୪% ରୁ ୩%କୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି ଯେ ଆର୍‌ବିଆଇ ର ଏହି ପଦକ୍ଷେପ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥାକୁ ଆସିବ।

ଏଠାରେ ସୂଚନାଯୋଗ୍ୟ ଯେ, ସିଆର୍‌ଆର୍ ହେଉଛି ସେହି ଟଙ୍କା ଯାହାକୁ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ସେମାନଙ୍କର ମୋଟ ଜମାର ଏକ ଅଂଶ ରଖିବାକୁ ପଡିଥାଏ। ଏହା ସହିତ ଆର୍‌ବିଆଇ ନିୟନ୍ତ୍ରଣ କରେ ଯେ ବଜାରରେ କେତେ ଟଙ୍କା ରହିବ। ଯଦି ସିଆର୍‌ଆର୍ ହ୍ରାସ କରାଯାଏ, ତେବେ ବ୍ୟାଙ୍କଗୁଡ଼ିକନିକଟରେ ଋଣ ଦେବା ପାଇଁ ଅଧିକ ଟଙ୍କା ରହିବ। ଯେମିତି ଏଥର ୧% ରେପୋ ହ୍ରାସ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆସିବ।

# ଖୁବ୍‌ଶୀଘ୍ର ଭାରତରେ ମିଳିପାରେ ଷ୍ଟାର୍‌ଲିଙ୍କ୍‌ର ଇଣ୍ଟରନେଟ ସେବା

● ମସ୍କଙ୍କ କମ୍ପାନୀକୁ ମିଳିଲା ଜିଏମ୍‌ପିସିଏସ୍ ଲାଇସେନ୍ସ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଖୁବ୍ ଶୀଘ୍ର ଭାରତରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ ହେବାକୁ ଯାଉଛି। ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍‌କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ମିଳିଛି ଗ୍ଲୋବାଲ ମୋବାଇଲ ପର୍ସନାଲ କମ୍ୟୁନିକେସନ ବାୟ ସାଟେଲାଇଟ ବା ଜିଏମ୍‌ପିସିଏସ୍ ଲାଇସେନ୍ସ। ଏହା ପୂର୍ବରୁ ଗତ ମାସରେ ଷ୍ଟାରଲିଙ୍କ୍‌କୁ ଲେଟର ଅଫ୍ ଇଣ୍ଟେଣ୍ଟ ମିଳିସାରିଛି।



ଏମିତିରେ ଏବେ କେବଳ କମ୍ପାନିକୁ ଇନ୍‌ସ୍ପେସ୍‌ରୁ ଅନ୍ତିମ ଅନୁମୋଦନର ଆବଶ୍ୟକତା ରହିଛି। ମଞ୍ଜୁରୀ ମିଳିବା ପରେ ଭାରତରେ ସାଟେଲାଇଟ ଆଧାରିତ ଇଣ୍ଟରନେଟ ସର୍ଭିସ ଷ୍ଟାରଲିଙ୍କର ବ୍ୟବହାର କରିପାରିବେ। ସୂଚନାଥାଉକି, ପୂର୍ବରୁ ୱାନ୍‌ୱେବ୍ ଏବଂ ରିଲାଏନ୍ସକୁ ମଧ୍ୟ ଏହି ଲାଇସେନ୍ସ ମିଳିସାରିଛି। ଅର୍ଥାତ ଷ୍ଟାରଲିଙ୍କ ଏହି ଲାଇସେନ୍ସ ପାଇବାରେ ତୃତୀୟ କମ୍ପାନୀ। ଷ୍ଟାରଲିଙ୍କ୍‌ର ସେବା ବର୍ତ୍ତମାନ ୧୦୦ରୁ ଅଧିକ ଦେଶରେ ସକ୍ରିୟ ଅଛି। ଏହି କମ୍ପାନୀର ଉଦ୍ଦେଶ୍ୟ ଲେଟେନ୍ସୀ ବ୍ରଡବ୍ୟାଣ୍ଡ ଦ୍ୱାରା ଦ୍ରୁତ ଇଣ୍ଟରନେଟ ସେବା ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଭାରତରେ ଷ୍ଟାରଲିଙ୍କ ପ୍ରାରମ୍ଭିକ ଭାବରେ ପ୍ରାୟ ୮୪୦ ଟଙ୍କାରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିପାରେ। ଉଲ୍ଲେଖଯୋଗ୍ୟ, ଭାରତରେ ଏବେ ବି ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଭିତ୍ତିଭୂମିର ଅଭାବ ଯୋଗୁ ଇଣ୍ଟରନେଟ ପହଞ୍ଚିପାରିନାହିଁ। କିନ୍ତୁ ଷ୍ଟାରଲିଙ୍କ ଏବଂ ଅନ୍ୟ କମ୍ପାନୀଙ୍କ ଆସିବା ପରେ ଏଭଳି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ଇଣ୍ଟରନେଟ୍ ସେବା ମିଳିପାରିବ।

# ଟାଟା ପାୱାର୍‌ର ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ



ଭୁବନେଶ୍ୱର,୬।୬(ସମିସ): ଟାଟା ପାୱାରର ଅନୋଖା ଧାଗା ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ ୫୦୦୦ କେଜିର ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ଉଚ୍ଚ ଗୁଣାତ୍ମକ ମାନର, ରିସାଇକଲ୍ ଫ୍ୟାବ୍ରିକ୍ ଉତ୍ପାଦରେ ପରିଣତ କରିଛି। ୬ଟି କେନ୍ଦ୍ରର ମହିଳାମାନଙ୍କ ନେତୃତ୍ୱାଧୀନ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ଜରୁରୀକାଳୀନ ଆହ୍ୱାନର ମୁକାବିଲା କରୁଥିବା ବେଳେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ଉଚିତ୍ ବ୍ୟବସାୟ ଆୟ ସହିତ ସ୍ଥାନୀୟ ସମାଜକୁ ସଶକ୍ତ କରୁଛି। ଏହି କାର୍ଯ୍ୟକ୍ରମ ଡେନିମ୍ ଦାନ ସହିତ ସମନ୍ୱିତ ରହିଛି ଯାହା ପ୍ରାକ୍-ପସନ୍ଦର ପୋଷାକକୁ ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରୁଥିବା ବେଳେ ୟୁଜଡ୍ ପୋଷାକର ଜୀବନକାଳକୁ ବଢ଼ାଉଛି। ଟାଟା ଗ୍ରୁପ୍‌ର ପ୍ରୋଜେକ୍ଟ ଆଲିଙ୍ଗନ ଓ ସର୍କୁଲାର ଇକୋନିମ୍ ସମାଧାନ ପାଇଁ ଟାଟା ପାୱାର୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ହୋଇ ଶୁଭାରମ୍ଭ କରାଯାଇଥିବା ଏହି ଅଭିଯାନ ବିଶ୍ୱ ପରିବେଶ ଦିବସ ୨୦୨୫ ଭାବ ଓ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାର ବିଷୟବସ୍ତୁ ସହିତ ଯୋଡ଼ିହୋଇରହିଛି। ବର୍ଜ୍ୟ ପରିଚାଳନା ସାମାଜିକ ସଂସ୍ଥା ରିସର୍କଲ୍ ଓ ସଫାଇ ସାଥୀଙ୍କ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗ୍ରହ କରାଯାଇଥିବା ବର୍ଜ୍ୟକୁ ଆର୍‌ପିଇଟି (ରିସାଇକଲ୍‌ଡ ପଲିଥିଲିନ୍ ଟେରେଫଥାଲେଟ୍) ରେ ରୂପାନ୍ତରିତ କରାଯାଇଥିଲା। ରିସାଇକ୍‌ଲ୍‌ଡ ଫ୍ୟାବ୍ରିକ୍‌ରୁ ସ୍ଥାୟୀ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନୋଖା ଧାଗା ସହିତ ଜଡ଼ିତ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଟି-ସାର୍ଟ, ଟୋଟା ବ୍ୟାଗ୍, ଓ ବସ୍ତା ଆଦି ପ୍ରସ୍ତୁତ କରିଥିଲେ।

● ଟ୍ରମ୍ପଙ୍କ ତାଗିଦକୁ ବେଖାତିର; ଭାରତରେ କାରବାର ବଢ଼ାଉଛି ଆପଲ୍

# ଟାଟାକୁ ଆଇଫୋନ୍, ମ୍ୟାକ୍‌ବୁକ୍ ମରାମତି ଦାୟିତ୍ୱ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଆମରେିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାଗିଦକୁ ଖାତିର ନ କରି ଭାରତରେ ନିଜର ଉପସ୍ଥିତି ବଢ଼ାଇ ଚାଲିଛି ଆପଲ। ଗୁରୁବାର କମ୍ପାନୀ ଭାରତରେ ଆଇଫୋନ୍ ଏବଂ ମ୍ୟାକବୁକ୍ ମରାମତି ଦାୟିତ୍ୱ ଟାଟା ଗ୍ରୁପ୍‌କୁ ଦେଇଛି। ଫଳରେ ଦୁଇ କମ୍ପାନୀର ସହଭାଗିତାର ବିସ୍ତାର ଏବଂ ଆପଲର ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତୀୟ କମ୍ପାନୀର ଭୂମିକା ଏଥିରେ ବଢ଼ିଯାଇଛି।

ଆମେରିକାର ଏହି ଟେକ୍ ଜାଏଣ୍ଟ ଚୀନ୍ ବାହାରେ ଏହାର ଉତ୍ପାଦନ କ୍ଷେତ୍ରରେ ବିବିଧତା ଆଣିବା ଜାରି ରଖିଥିବାରୁ, ଟାଟା ଏକ ପ୍ରମୁଖ ସହଯୋଗୀ ଭାବରେ ଉଭା ହୋଇଛି। ଏହି ଜଏଣ୍ଟ ଭେଞ୍ଚର ଦକ୍ଷିଣ ଭାରତର ତିନୋଟି କାରଖାନାରୁ ଆଇଫୋନ୍ ଆସେମ୍ବେଲ କରୁଛନ୍ତି। ଏଥିରେ ଗୋଟିଏ ପ୍ଲାଣ୍ଟରେ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ତିଆରି ମଧ୍ୟ କରାଯାଉଛି। ଆଇଫୋନ୍ ଆସେମ୍ବଲ କରିବା ପରେ ଏବେ ଟାଟା ଏହାର ମରାମତି କାମ କରିବ। ଏଥିପାଇଁ ଟାଟା ୱିଷ୍ଟ୍ରନର ସ୍ଥାନୀୟ ୟୁନିଟ୍, ଆଇସିଟି ସର୍ଭିସ୍ ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ଠାରୁ ଏହି ଦାୟିତ୍ୱ ହାତକୁ ନେଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କର୍ଣ୍ଣାଟକରେ ଟାଟାର ଆଇଫୋନ୍ ଆସେମ୍ବ୍ଲି ପ୍ଲାଣ୍ଟରେ ଆପଲ ପ୍ରଡକ୍ଟର ମରାମତି କରାଯିବ। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାର ହୋଇଥିବା ବେଳେ ଏଠାରେ ଆଇଫୋନ୍ ବିକ୍ରୟ ବୃଦ୍ଧି ପାଉଛି। ୨୦୨୩ ମସିହାରେ ପ୍ରାୟ ୧୧ ମିଲିଅନ ଆଇଫୋନ ୟୁନିଟ୍ ବିକ୍ରି ହୋଇଛି। ୨୦୨୦ରେ ମାତ୍ର ୧% ବଜାର ଅଂଶ ଥିବା ବେଳେ ଗତ ବର୍ଷ ଏହା ୭% ବୃଦ୍ଧି ହୋଇଥିଲା। ତେଣୁ ଆଇଫୋନ ବିକ୍ରି ବୃଦ୍ଧି ଯୋଗୁ ଡିଭାଇସ୍ ମରାମତି ବ୍ୟବସାୟରେ ବୃଦ୍ଧି ହୋଇପାରେ ବିଚାର କରି ଆପଲ ଟାଟାକୁ ଏହି ଦାୟିତ୍ୱ ଦେଇଛି। ଏହି ସହଭାଗିତା ଟାଟା ଉପରେ ଆପଲର ବଢୁଥିବା ବିଶ୍ୱାସକୁ ସଙ୍କେତ ଦେଉଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅଫିସ୍ ସହକର୍ମୀଙ୍କୁ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୯୫୫-ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସୋଭିଏତ୍ ସଂଘକୁ ଯାତ୍ରା କଲେ।
- ୧୯୮୯- ଭାରତର ଦ୍ୱିତୀୟ କୃତ୍ରିମ ଉପଗ୍ରହ ଭାସ୍କରକୁ ସୋଭିଏତ୍ ରକେଟ୍‌ରେ ମହାକାଶକୁ ପ୍ରକ୍ଷେପଣ କରାଗଲା।
- ୧୯୯୯- ଶ୍ରୀଲଙ୍କାରେ ପ୍ରଚଳିତ ଆବର୍ଜନ ନିୟମକୁ ନିଷ୍କ୍ରିୟ କରି ଦିଆଗଲା।
- ୨୦୦୦- ଆମେରିକୀୟ ଅଦାଲତ ମାଇକ୍ରୋସଫ୍ଟ କମ୍ପାନିକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ।

## ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ। ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଉଚିତ। ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ୍ ୭ ତାରିଖକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ବିଶେଷକରି ଯେଉଁମାନେ ପୁଷ୍ଟିହୀନ ଖାଦ୍ୟ ଯୋଗୁଁ ଗମ୍ଭୀର ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପଦକ୍ଷେପ। ଏହି ଦିନ ଖାଦ୍ୟ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ଖାଦ୍ୟ ଏବଂ କୃଷି ସଂଗଠନ ସହଯୋଗରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଡିସେମ୍ବର ୨୦୧୮ ରେ ଏହି ଦିବସର ପାଳନ ପାଇଁ ଘୋଷଣା କରାଯାଇଥିଲା। ୭ ଜୁନ୍, ୨୦୧୯ ରେ ପ୍ରଥମ ଥର ପାଇଁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥିଲା, ଯାହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଛି। ଏହାପୂର୍ବରୁ ୧୬ ଅକ୍ଟୋବରକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡ଼ିତ ଅନ୍ୟ ସଂଗଠନଗୁଡ଼ିକର ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଖାଦ୍ୟ ଏବଂ କୃଷି ସଂଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଲୋକେ ବହୁତ ପ୍ରକାରର ଖାଦ୍ୟ ଖାଇଥାନ୍ତି। ତେବେ ମଣିଷ ଖାଉଥିବା ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହଁ ଏହା ଜାଣିବା ପାଇଁ ଉତ୍ପାଦନ, ମାନକ, ପ୍ରକାର, ପ୍ରସ୍ତୁତିକରଣ ଆଦିର ମାନ ଯାଞ୍ଚ ହେବା ଆବଶ୍ୟକ। କାରଣ ଆମ ଦେଶରେ ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଅନେକ ଲୋକ ଅକାଳରେ ଜୀବନ ହରାଉଛନ୍ତି। ତେବେ ଏନେଇ ଲୋକଙ୍କୁ ଜାଗ୍ରତ କରିବାର ଉଦ୍ଦେଶ୍ୟ ନେଇ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଉଛି। ପୃଥିବୀରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ, ଫଳରେ ସେମାନଙ୍କ ସ୍ୱାସ୍ଥ୍ୟଗତ ତ୍ରୁଟି ଦେଖାନଯାଉ, ଏହା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। କିନ୍ତୁ ସମ୍ପ୍ରତି ଆମ ଦେଶରେ ଅଧିକାଂଶ ଲୋକ ଅତି ନିମ୍ନମାନର ଖାଦ୍ୟ ଗ୍ରହଣ କରିବା ଫଳରେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ଓ ତାହା ସାମାଜିକ ଚିନ୍ତାର କାରଣ ମଧ୍ୟ ପାଲଟୁଛି। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରେ ଯେ, ଖାଦ୍ୟ ଉତ୍ପାଦନ ଠାରୁ ଅମଳ, ପ୍ରକ୍ରିୟାକରଣ, ସଂରକ୍ଷଣ, ବଣ୍ଟନ, ବ୍ୟବହାର ପୂର୍ବରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ନିରାପଦ ଅଟେ। ଏହି ସଚେତନତା ପାଇଁ ଖାଦ୍ୟ ସୁରକ୍ଷା ଦିବସର ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱ ବଢ଼ିଥାଏ।



## ପୁରୁଷଙ୍କ ତୁଳନାରେ ମହିଳା କରନ୍ତି ଅଧିକ କାମ

ବିବାହିତ ଯୋଡ଼ିଙ୍କ ଉପରେ ଏବେ ଏକ ସର୍ଭେ କରାଯାଇଛି। ଏଥିରୁ ଦେଖାଯାଇଛି ଯେ, ବାହାଘର ପରେ ମହିଳାଙ୍କ ଉପରେ ଘରୋଇ ଦାୟିତ୍ୱ ବହୁ ଅଧିକ ବଢ଼ିଯାଏ। ଏଭଳି ସ୍ଥିତିରେ କିନ୍ତୁ ପୁରୁଷଙ୍କ ଦିନଚର୍ଯ୍ୟାରେ କୌଣସି ପରିବର୍ତ୍ତନ ଆସି ନ ଥାଏ। ସେହିପରି ମହିଳାମାନେ ଘରୋଇ କାର୍ଯ୍ୟରେ ନିତିଦିନ ୬ ଘଣ୍ଟା ଅତିବାହିତ କରୁଥିବା ବେଳେ ପୁରୁଷମାନେ କେବଳ ୪୭ ମିନିଟ୍ ସମୟ ଦେଇଥାନ୍ତି। ଅଧିକାଂଶ ପୁରୁଷ ଏହି ୪୭ ମିନିଟ୍‌ର କାମ ଛୁଟିଦିନରେ ହିଁ କରୁଥିବାର ଦେଖାଯାଏ। ସର୍ଭେରୁ ଏକଥା ସାମ୍ନାକୁ ଆସିଛି ଯେ, ରୋଷେଇ କରିବାରେ ମହିଳାମାନେ ନିତିଦିନ ୩ ଘଣ୍ଟା ଲଗାନ୍ତି। ପୁରୁଷମାନେ ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ ୪ ମିନିଟ୍ ନିଅନ୍ତି। ତେବେ ଏହି ୪ ମିନିଟ୍ ଚା' ତିଆରି ପାଇଁ ଯଥେଷ୍ଟ ହୋଇ ନ ଥାଏ। ତେଣୁ ଏହି ତଥ୍ୟ ଘରୋଇ ଦାୟିତ୍ୱରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଅସମାନତାକୁ ଦର୍ଶାଇଛି। କେବଳ ଘର କାମ ନୁହେଁ, ବାହାଘର ପରେ ମହିଳାଙ୍କ ବୃତ୍ତିଗତ ଜୀବନ ଉପରେ ବି ଏହାର ବଡ଼ ପ୍ରଭାବ ପଡ଼ିଥାଏ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଭାରତରେ ବାହାଘର ପରେ ମହିଳାଙ୍କ ରୋଜଗାର ହାର ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଏ। ଏହାର ଅର୍ଥ ହେଉଛି ପ୍ରତି ୧୦୦ ଜଣ ମହିଳାଙ୍କ ମଧ୍ୟରେ ପ୍ରାୟ ୧୨ ଜଣ ମହିଳା ବାହାଘର ପରେ ଚାକିରି କିମ୍ବା ବ୍ୟବସାୟ ଛାଡ଼ି ଦେଇଥାନ୍ତି। ଅନ୍ୟପଟେ ପୁରୁଷମାନେ ବିବାହ କରିବା ପରେ ସେମାନଙ୍କର କ୍ୟାରିୟରରେ ଉନ୍ନତି ୧୩ ପ୍ରତିଶତ ବୃଦ୍ଧି ପାଏ ଏବଂ ଏହି ଧାରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହେ।

## ଅପ୍ରେଲରୁ ଆରମ୍ଭ ହେବ 'ଧୂମ୍-୪'ର ସୁଟିଂ



ଯଶରାଜ ବ୍ୟାନର୍‌ର 'ଧୂମ୍' ଭାରତୀୟ ସିନେମା ଇଣ୍ଡଷ୍ଟ୍ରୀର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ। ବିଗତ ୧୨ ବର୍ଷ ହେଲାଣି 'ଧୂମ୍-୪'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏବେ ଏହାର ସୁଟିଂକୁ ନେଇ ଖବର ଆସିଛି। ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆସନ୍ତା ବର୍ଷ ଏପ୍ରିଲ୍‌ରୁ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଶ୍ରୀଧର ରାଘବନ୍‌ଙ୍କ ସହ ମିଶି ଆଦିତ୍ୟ ଏବେ ଏହାର କାହାଣୀ ଫାଇନାଲ କରୁଛନ୍ତି। ଏଥିରେ ରଣବୀର କପୁର ଲିଡ୍ ରୋଲରେ ନଜର ଆସିବେ। ତେବେ ଏଥିରେ ଅନ୍ତର୍ଜାତୀୟ ସ୍ତରର ଆକ୍ସନ୍ ସିନ୍ ରଖିବାକୁ ଆଦିତ୍ୟ ପ୍ରୟାସ ଚଳାଇଥାନ୍ତି। ଅୟାନ୍ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ୱାର୍-୨' ରିଲିଜ୍ ହେବା ପରେ ଅୟାନ୍ ଏହାର ପ୍ରିପ୍ରଡକ୍ସନ୍ କାମରେ ଲାଗିଯିବେ। ୨୦୨୬ ଶେଷ ଆଡ଼କୁ ସୁଟିଂ ସରିବା ପରେ ୨୦୨୭ରେ 'ଧୂମ୍-୪' ରିଲିଜ୍ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରଣବୀର ଏବେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାପରେ ସେ 'ରାମାୟଣ-୨'ର ସୁଟିଂରେ ଯୋଗ ଦେବେ। ଅପ୍ରେଲ୍, ୨୦୨୬ରୁ ରଣବୀର 'ଧୂମ୍-୪'ର ସୁଟିଂ ଆରମ୍ଭ କରିବେ।



# ସୁମନ

### ସକାଳ ଶିଶୁ କୁଇଜ୍-୧୬୭

(୧) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ନେତୃତ୍ୱ କିଏ ନେଇଥିଲେ?
ଉତ୍ତର: ______

(୨) 'ଗୀତାଞ୍ଜଳି'ର ରଚୟିତା କିଏ?
ଉତ୍ତର: ______

(୩) ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ଭାରତୀୟ କିଏ ଥିଲେ?
ଉତ୍ତର: ______

(୪) ଓଟାବା କେଉଁ ଦେଶର ରାଜଧାନୀ?
ଉତ୍ତର: ______

(୫) ପେସ୍ ମେକର୍‌ର ସଂପର୍କ ମଣିଷ ଶରୀରର କେଉଁ ଅଂଶ ସହ ଜଡ଼ିତ?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ।
- ମନୋଜା ମିଶ୍ର, ଆନନ୍ଦପୁର, କେନ୍ଦୁଝର
- ସତ୍ୟପ୍ରକାଶ ମଲ୍ଲିକ୍, ଜଟଣି, ଖୋର୍ଦ୍ଧା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ହାତୀ ବେଶରେ ଜଗନ୍ନାଥ




ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ
ଚତୁର୍ଦ୍ଧାମୂରତୀ ବିଜେ ସ୍ନାନ ମଣ୍ଡପରେ
ବେଦଧ୍ୱନୀ ହୋଇ ଶହେ ଆଠ କଳସୀରେ
ସ୍ନାନ କଲେ ପ୍ରଭୁ ସ୍ୱର୍ଣ୍ଣ କୂଅର ଜଳରେ ।
ବିଜେ ସୁଦର୍ଶନ ପଣ୍ଡା ସେବକ ମେଳରେ
ଜଗନ୍ନାଥ ଆସିଥାନ୍ତି ଦଇତା ସାଥିରେ
ମନ୍ତ୍ରସ୍ନାନ ହୋଇଥାନ୍ତି ଅନ୍ୟ ସମୟରେ
ସ୍ନାନ କରିଥାନ୍ତି ପ୍ରଭୁ ପୂର୍ଣ୍ଣମୀ ତିଥିରେ ।
ସ୍ନାନ ସାରି ସଜ୍ଜିତ ପ୍ରଭୁ ଗଜ ବେଶରେ
ମହମହ ବାସୁଥାନ୍ତି ସଜ କୁସୁମରେ
ଧୂପ ଦୀପ ଅଗୁରୁ ଚନ୍ଦନ ନୈବେଦ୍ୟରେ
ଦର୍ଶନ ଦିଅନ୍ତି ପ୍ରଭୁ ସ୍ନାନ ମଣ୍ଡପରେ ।
ଶୁଭୁଥାଏ ମନ୍ତ୍ରଧ୍ୱନୀ କାହାଳୀ ଶବ୍ଦରେ
କମ୍ପିଯାଏ ମଣ୍ଡପ ଭଜନ କୀର୍ତ୍ତନରେ
ଭକ୍ତଙ୍କୁ ଆଣନ୍ତି ଡାକି ପୁନେଇଁ ତିଥିରେ
ଗଜବେଶ ଦେଖିବାକୁ ଆନନ୍ଦ ଚିତ୍ତରେ ।
ଗଣପତି ଭଟ୍ଟଙ୍କର ପ୍ରଗାଢ଼ ଭକ୍ତିରେ
ସନ୍ତୁଷ୍ଟ ହୋଇ ଦେଖାଦେଲେ ଗଜ ବେଶରେ
ଖରାତାପ ନ ସହି ଗୁଲୁଗୁଳି ପାଗରେ
ପାହୁଣ୍ଡ ପକେଇ ବିଜେ ସ୍ନାନ ମଣ୍ଡପରେ ।
ସ୍ନାନ ସାରି ଫେରିଗଲେ ଅଣସର ଘରେ
ପ୍ରଭୁ ସୁଦର୍ଶନ ଭାଇ ଭଉଣୀ ସାଥିରେ
ସ୍ନାନ କଲେ ପଇଁତିରିଶି ଗରା ଜଳରେ
ପୂଜା ପାଇଲେ ମଣ୍ଡପେ ଗୋଟିଏ ଧୂପରେ ।
ଜଗତ ଦେଖିଲା ତାଙ୍କୁ ସ୍ନାନବେଦୀ ପରେ
ଭକ୍ତ ହେଲେ ତୋଷ ଦେଖି ଗଜ ବେଶରେ ।■



ନଳିନୀ ଦାଶ

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮ ୯୯୬୬୪୯

## ଜ୍ଞାନ ଲାଭ ପାଇଁ ବୟସ ନାହିଁ



ଥରେ ସ୍ୱାମୀ ରାମତୀର୍ଥ ଜାପାନ ଦେଶ ଭ୍ରମଣରେ ଥାଆନ୍ତି। ଦେଶର ବିଭିନ୍ନ ସ୍ଥାନ ବୁଲୁ ବୁଲୁ ଗୋଟିଏ ଦୃଶ୍ୟ ତାଙ୍କୁ ବେଶି ପ୍ରଭାବିତ କଲା। ଜଣେ ବୃଦ୍ଧ ବ୍ୟକ୍ତି ଜଣେ ଯୁବକଙ୍କ ପାଖରେ ବସି କ'ଣ ସବୁ ଶିଖୁଥିବାର ସେ ଦେଖିଲେ। ସେ ତାଙ୍କ ପାଖକୁ ଗଲେ। ଚମ ଧୁଡୁ ଧୁଡୁ ବୃଦ୍ଧ ବ୍ୟକ୍ତିଙ୍କ ବୟସ ପାଖାପାଖି ଅଶୀ। କିନ୍ତୁ ଜଣେ ବିଦ୍ୟାର୍ଥୀଙ୍କ ଭଳି ମନଯୋଗ ସହକାରେ ଅଧ୍ୟୟନରତ। ସ୍ୱାମୀଜୀ ତାଙ୍କୁ ପ୍ରଶ୍ନ କଲେ। "ମହାଭାଗ ଆପଣ ଏ ବୟସରେ ପାଠ ପଢ଼ୁଛନ୍ତି? ବୃଦ୍ଧ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ," ବାବୁ, ପାଠ ପଢ଼ିବାରେ ବୟସ ନ ଥାଏ। ମୁଁ ପ୍ରାଣୀ ବିଜ୍ଞାନର ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ଜାଣିବାକୁ ପାଇଲି ଏହି ବିଷୟରେ ଜର୍ମାନୀ ଭାଷାରେ ବହୁ ଉପାଦେୟ ପୁସ୍ତକମାନ ରହିଛି। ମୁଁ ଯଦି ଜର୍ମାନୀ ଭାଷା ଶିଖିଯାଏ ତେବେ ତାକୁ ଆମ ଭାଷାରେ ଅନୁବାଦ କରିବି, ଯାହା କି ଆମ ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁତ ଉପଯୋଗୀ ହେବ। ଆମ ପିଲାମାନେ ନୂଆ ନୂଆ କଥା ଜାଣି ପାରିବେ। ତେଣୁ ମୁଁ ଜର୍ମାନୀ ଭାଷା ଶିଖୁଛି। ମରିବା ପୂର୍ବରୁ ଯଦି ଏତିକି କରି ପାରିଲି ଆମ ଆଗାମୀ ପିଢ଼ି ତ ଉପକୃତ ହେବେ। ସେଥିପାଇଁ ଏ ବାବୁଙ୍କ ଠାରୁ ଜର୍ମାନୀ ଭାଷା ଶିଖୁଛି।" ଜ୍ଞାନ ପିପାସୁ ବୃଦ୍ଧଙ୍କର କଥା ସ୍ୱାମୀ ରାମତୀର୍ଥଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ସେ ମନେ ମନେ ଭାବୁଥିଲେ - "ସତରେ ଯେଉଁ ଦେଶରେ ଏ ଭଳି ବ୍ୟକ୍ତି ଜନ୍ମଲାଭ କରିଛନ୍ତି ସେ ଦେଶକୁ ଉନ୍ନତି ପଥରୁ କେହି ହଟେଇ ପାରିବ ନାହିଁ।" ସେଥିପାଇଁ ଜାପାନ ଦେଶ ଆଜି ଏକ ଉନ୍ନତଶୀଳ ଦେଶ ଭାବେ ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ଅଗ୍ରଗତି କରିଛି।

ତେଣୁ ପିଲାଏ, ଜ୍ଞାନ ଆହରଣ ବୟସ କେତେବେଳେ ବି ବାଧକ ହୁଏନାହିଁ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜ୍ଞାନ ଆହରଣ ପାଇଁ ଆମ ସମସ୍ତଙ୍କ ମନରେ ଆଗ୍ରହ ରହିବା ନିହାତି ଆବଶ୍ୟକ।■



ଡକ୍ଟର ରବିନାରାୟଣ ସାହୁ

ସ୍ମୃତିନଗର, ବରଗଡ଼
ମୋ - ୯୮୬୧୦୮ ୯୩୪୮

## ପ୍ରହେଳିକା

- ରାତିହେଲେ ସିଏ ଆଲୋକ ଦିଏ
  ଆମ ଠୁଁ ଅନେକ ଦୂରରେ ରୁହେ
  ଆହାକି ସୁନ୍ଦର ରୂପଟି ତା'ର
  ଆକାଶ ଛାତିରେ ତୋଳିଛି ଘର
  ନାମଟି ତାହାର କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ

  ଉ-ଜହ୍ନ

- ନାଲି ଟହ ଟହ ରୂପଟି ତା'ର
  ମଝିରେ କେଶର ଥାଏ
  ମା'ତାରିଣୀଙ୍କ ପ୍ରିୟ ସେ ଫୁଲ
  ନାମଟି କହିବ କିଏ।

  ଉ- ମନ୍ଦାର

- ଆସନ ନୁହେଁ କିନ୍ତୁ ବସି ଖାଇଛି
  ବିଛଣା ନୁହେଁ କିନ୍ତୁ ସେଠି ଶୋଇଛି
  ପଡ଼ିଆ ନୁହେଁ କିନ୍ତୁ କେତେ ଖେଳିଛି
  ହସି ଖେଳି ଦିନ କେତେ କାଟିଛି।

  ଉ- ମା'କୋଳ

- ପରିବା ଭିତରେ ଅଟେ ସେ ସାର
  କାଟିଦେଲେ ତା'ର ବୁହଇ ଲାଳ
  ସବୁଜ ରଙ୍ଗରେ ସେ ଦିଶେ ସୁନ୍ଦର
  ସ୍ୱାଦ ତା'ର ଲାଗେ ଭାରି ମଧୁର
  ଦିଶୁଥାଏ ସିଏ ଆଙ୍ଗୁଳି ପରି
  କିଏ ସେ କହିବ ନାମ ତାହାରି

  ଉ-ଭେଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୮ ୯୨୩୦୧୧୪୩











ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦାଶ
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କୋରାପୁଟ



ସାଇଶ୍ରୀ ବେହେରା
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା



ସାନ୍‌ଭି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର



ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

## ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ଲୋକେଶ ରାହୁଲଙ୍କ ଦମ୍‌ଦାର ଶତକ

ନଟିଂହାମ୍, ୬।୬ (ଏଜେନ୍ସି):

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଏଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ଦଳ ପ୍ରଥମ ଇନିଂସରେ ପ୍ରଥମ ଦିନ ଶେଷ ଖବର ସୁଦ୍ଧା ୪ ୱିକେଟ ବିନିମୟରେ ୨୪୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୧୧୨ ଓ ନୀତୀଶ କୁମାର ରେଡ୍ଡି ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଓପନର ଯଶସ୍ୱୀ ଜୟସ୍ୱାଲ ୧୭, ନଂ-୩ରେ ବ୍ୟାଟିଂ କରିଥିବା ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୧୧, ୱିକେଟରକ୍ଷକ ଧ୍ରୁବ ଜୁରେଲ ୫୨ ଓ କରୁନ ନାୟାର ୪୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ୩ଟି ଓ ଜର୍ଜ ହିଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଏହି ମୁକାବିଲାରେ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଟେଷ୍ଟ ସିରିଜ୍‌ରେ ଖେଳିବାକୁ ମନୋନୀତ ହୋଇଥିବା ଅର୍ଦ୍ଧାଧିକ ଖେଳାଳି ଭାଗ ନେଇଛନ୍ତି। ଆଇପିଏଲ ମ୍ୟାଚ୍ ଖେଳିବା ପରେ ଭାରତୀୟମାନେ ଏହି ଅନ୍‌ଅଫିସିଆଲ ଟେଷ୍ଟରେ ମ୍ୟାଚ୍ ପ୍ରାକ୍ଟିସ କରିବାର ସୁଯୋଗ ପାଇଛନ୍ତି। ଏହା ମଧ୍ୟରେ ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ଅନ୍ୟ ଟେଷ୍ଟ ଖେଳାଳିମାନେ ଆଜି ଇଂଲଣ୍ଡରେ ପହଞ୍ଚିଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଅଧିନାୟକ ଜେମ୍ସ ରିଉ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଭାରତ-ଏ'କୁ ଆମନ୍ତ୍ରଣ କରିଥିଲେ। ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭ମ ଓଭରରେ ୨୮ ରନ୍‌ରେ ଜୟସ୍ୱାଲ ଓ ଏକାଦଶ ଓଭରରେ ୪୦ ରନ୍‌ରେ ଈଶ୍ୱରନ ଆଉଟ ହୋଇଥିଲେ। ବର୍ଷା ଯୋଗୁଁ କିଛି ସମୟ ଖେଳ ବନ୍ଦ ରହିବା ପରେ ଇନିଂସ ଓପନ କରିଥିବା ରାହୁଲ ଓ କରୁନ ନାୟାରଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ଏମାନେ ସତର୍କତାର ସହ ଖେଳି ତୃତୀୟ ୱିକେଟରେ ୧୩୯ ବଲ୍‌ର ସାମ୍ନା କରି ୮୬ ରନ୍ ଉଠାଇଥିଲେ। ଅଭିଜ୍ଞତାରୁ ଫାଇଦା ଉଠାଇ ଭଲ ଖେଳୁଥିବା ନାୟାର ୭୧ ବଲ୍‌ର ସାମ୍ନା କରି ମାତ୍ର ୪ଟି ଚୌକା ସହ ୪୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲଙ୍କୁ ଆଉ ଜଣେ ଭଲ ପାର୍ଟନର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ରୂପରେ ମିଳିଥିଲା। ଉଭୟ ଖେଳାଳି ପରିସ୍ଥିତି ସହ ଖାପ୍ ଖୁଆଇ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଟେଷ୍ଟ ଦଳରେ ସାମିଲ ହୋଇଥିବା ଦୁଇ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ଓ ଜୋଶ ଟଙ୍ଗ୍‌ଙ୍କୁ ଉଚିତ ମୁକାବିଲା କରିଥିଲେ ରାହୁଲ ଓ ଜୁରେଲ। ଏମାନେ ଚତୁର୍ଥ ୱିକେଟରେ ୧୫୯ ବଲ୍‌ରୁ ୧୨୧ ରନ୍ କରିଥିଲେ। ଜୁରେଲ ୮୭ ବଲ୍‌ରୁ ୭ ଚୌକା ସହ ୫୨ ରନ୍ କରିଥିଲେ। ରାହୁଲ ୧୦୨ ବଲ୍‌ରେ ଅର୍ଦ୍ଧଶତକ ଓ ୧୫୧ ବଲ୍‌ରେ ଶତକ ପୂରଣ କରିଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସଙ୍କୁ ସର୍ବାଧିକ ସଫଳତା ମିଳିଥିଲା। ଟା'ପାନ ବିରତି ବେଳକୁ ଭାରତ ହରାଇଥିବା ୩ ଜଣ ଯାକ ଖେଳାଳିଙ୍କୁ ୱକ୍ସ ଆଉଟ କରିଥିଲେ। ଏହି ୩ଜଣ ଯାକ ବ୍ୟାଟର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।




### ସଂକ୍ଷିପ୍ତ ସ୍କୋର

ଭାରତ-ଏ' ପ୍ରଥମ ଇନିଂସ: ୨୪୮/୪, ୬୦ ଓଭର ସୁଦ୍ଧା (ଲୋକେଶ ରାହୁଲ-ବ୍ୟାଟିଂ-୧୧୨, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୩୦)।

# ଲଣ୍ଡନରେ ପହଞ୍ଚିଲେ ଭାରତୀୟ ଟେଷ୍ଟ କ୍ରିକେଟର

ଲଣ୍ଡନ,୬।୬ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଲଣ୍ଡନରେ ଶୁକ୍ରବାର ପହଞ୍ଚିଛନ୍ତି। ଏହି ଦଳରେ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଇପିଏଲ୍ ପ୍ଲେ ଅଫ୍‌ରେ ଖେଳିଥିବା ଓ ପୂର୍ବରୁ ଯାଇ ନ ଥିବା ଖେଳାଳିମାନେ ଦଳ ସହ ଯାଇଥିଲେ। ଗୁରୁବାର ଏମାନେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲେ। ଏମାନଙ୍କ ମଧ୍ୟରେ ଉପଅଧିନାୟକ ଋଷଭ ପନ୍ତ, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା ପ୍ରମୁଖ ଦଳ ସହ ଯାଇଥିଲେ। ପୂର୍ବରୁ ଦଳରେ ସ୍ଥାନ ପାଇଥିବା କିଛି ଖେଳାଳି ଆଗୁଆ ଇଂଲଣ୍ଡରେ ପହଞ୍ଚି ଇଂଲଣ୍ଡ ଲାୟନ୍ସ ସହ ଅଭ୍ୟାସ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ଆଜି ପହଞ୍ଚିଥିବା ଖେଳାଳିମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଖେଳାଳିମାନେ ନିଜ ନିଜ ମଧ୍ୟରେ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ଟି କେଣ୍ଟ କ୍ରିକେଟ ଗ୍ରାଉଣ୍ଡରେ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ। ଏହା ମଧ୍ୟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ନାମକରଣ ପରିବର୍ତ୍ତନ କରାଯାଇଛି। ଏହାକୁ ଏବେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ନାମରେ ନାମିତ କରାଯାଇଛି। ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜ୍‌ରେ




ଖେଳୁନାହାନ୍ତି। ଏଣୁ ଭାରତୀୟ ଦଳ ଜଣେ ଅନଭିଜ୍ଞ ଅଧିନାୟକ ଓ ବିଦେଶରେ ଅସଫଳ ବ୍ୟାଟର ଶୁବମନ ଗିଲଙ୍କୁ ଭାରତୀୟ କମାଣ୍ଡ ସମ୍ଭାଳିବେ। ସେ ପ୍ରଥମଥର ଦଳର ନେତୃତ୍ୱ ନେଉଥିବାରୁ ଭାରତୀୟମାନେ ତାଙ୍କଠାରୁ ବିଶେଷ କିଛି ଆଶା ରଖିନାହାନ୍ତି।

ଟେଷ୍ଟ ସିରିଜର ଅନ୍ୟ ମ୍ୟାଚ୍ ଗୁଡ଼ିକ ଏଜ୍‌ବାଷ୍ଟନରେ ଜୁଲାଇ୨, ଲର୍ଡ୍ସରେ ଜୁଲାଇ ୧୦, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ ଓ କେନିଂଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।

## ■ ରାଜ୍ୟ ଓପନ ଚେସ୍

# ଅବିନାଶ ଚାମ୍ପିଅନ

ଭୁବନେଶ୍ୱର,୬।୬ (ଏଜେନ୍ସି): ଜଟଣୀର ଅବିନାଶ ବଳିୟାରସିଂ ଲଡୁକିଶୋରନାୟକ ସ୍ମାରକୀ ରାଜ୍ୟ ଓପନ



ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପ୍ରତିଯୋଗିତାରେ ୬ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ପାଇଥିଲେ। ବୁକୋଲଜ୍‌ରେ ଅବିନାଶ ପ୍ରଥମ, କଟକର ରବୀନ୍ଦ୍ର ଓଝା ଦ୍ୱିତୀୟ, ପୁରୀର ମହେଶ ସେଠୀ ତୃତୀୟ, କନ୍ଧମାଳର ଲରେନ୍ସ ପ୍ରଧାନ ଚତୁର୍ଥ, ଜଟଣୀର ସ୍ଥିତପ୍ରଜ୍ଞ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ରାଜ୍ୟଗୁଇନ୍ଦା ବିଭାଗର ଡିଏସ୍‌ପି ପ୍ରିୟଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲାବେଳେ ଆଇଆଇଏଫ୍‌ଏଲ୍‌ର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।



# ଫାଇନାଲରେ ଆଲ୍‌କାରାଜ

**ଫ୍ରେଞ୍ଚ ଓପନ**

ପ୍ୟାରିସ, ୬।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ପୁରୁଷ ଏକକ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ଲଢ଼େଇରେ ଦ୍ୱିତୀୟ ସିଡ୍ ସ୍ପାନିଶ ତାରକା ଆଲ୍‌କାରାଜଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟ୍ଟିଙ୍କ ସହ ହୋଇଥିଲା। ତେବେ ଏହି ମ୍ୟାଚରେ ଆଲ୍‌କାରାଜ ୪-୬, ୭-୬, ୬-୦, ୨-୦ରେ ଆଗୁଆ ରହିଥିବାବେଳେ ୮ମ ସିଡ୍ ମୁସେଟ୍ଟୀଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଫଳରେ ସେ ଚତୁର୍ଥ ସେଟ୍‌ରେ ୨-୦ରେ ପଛୁଆ ଥିବାବେଳେ ରିଟାୟାର୍ଡ ହୋଇଯାଇଥିଲେ। ଯେଉଁଥି ପାଇଁ ଆଲ୍‌କାରାଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା ଏବଂ ସେ ଫାଇନାଲରେ ପ୍ରବେଶ କରିଥିଲେ। ସେ ଟାଇଟଲ୍ ବଜାୟଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ରବିବାର ଫାଇନାଲରେ ଆଲ୍‌କାରାଜଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର କିମ୍ବା ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ଓ ଜୋକୋଭିଚ୍ ପରସ୍ପର ସାମ୍ନାସାମ୍ନି ହେବେ। ଅପରପକ୍ଷରେ ଶନିବାର ଆମେରିକାର କୋକୋ ଗଫ୍ ଓ ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ମହିଳା ବିଭାଗ ଫାଇନାଲ ଅନୁଷ୍ଠିତ ହେବ।

## ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବେ ଉଜବେକିସ୍ତାନ, ଜୋର୍ଡାନ

ଆବୁଧାବି, ୬।୬ (ଏଜେନ୍ସି): ଦୁଇ ଏସୀୟ ରାଷ୍ଟ୍ର ଉଜବେକିସ୍ତାନ ଓ ଜୋର୍ଡାନ ଇତିହାସ ରଚିଛନ୍ତି। ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଏହି ଦୁଇ ଦେଶର ଫୁଟ୍‌ବଲ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ୟୁଏଇ ବିପକ୍ଷରେ ଉଜବେକିସ୍ତାନ ଗୋଲଶୂନ୍ୟ ଡ୍ର ରଖିଥିଲା। ଏହି ଡ୍ର ଫଳରେ ଉଜବେକିସ୍ତାନ ୧୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ସ୍ୱୟଂଚାଳିତ ଭାବେ ଯୋଗ୍ୟତା ଅର୍ଜନ କରିଛି। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଜୋର୍ଡାନ ୩-୦ ଗୋଲରେ ଇରାକକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ଅପରପକ୍ଷରେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ହୋଇଛି। ସେହିଭଳି ଗ୍ରୁପ୍-ସି'ରୁ ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ୨୦୨୬ ଫିଫା ବିଶ୍ୱକପ୍ ଖେଳିବେ।

## ସମସ୍ତ ପ୍ରକାର ଫର୍ମାଟ୍‌ରୁ ଚାୱଲାଙ୍କ ଅବସର



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଲେଗ୍-ସ୍ପିନର ପିୟୂଷ ଚାୱଲା ଶୁକ୍ରବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟରେ ଅବସର ସୂଚନା ଦେଇଥିବା ୩୮ ବର୍ଷୀୟ ଚାୱଲା କହିଛନ୍ତି, 'ପଡ଼ିଆରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତାଇବା ପରେ ଏବେ ଏହି ସୁନ୍ଦର ଖେଳକୁ ଅଲ୍‌ବିଦା କରିବାର ସମୟ ଆସିଯାଇଛି। ଆଇପିଏଲ୍ ଖେଳିବା ମୋ କ୍ୟାରିୟରର ଏକ ବିଶେଷ ମୁହୂର୍ତ୍ତ ରହିଥିଲା। ଆଇପିଏଲ୍ ଖେଳିବା ସମୟରେ ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିଛି।' ଦୁଇ ଦୁଇଥର ବିଶ୍ୱକପ୍ (୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ) ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଚାୱଲା ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଛନ୍ତି। ସେ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ମୋଟ୍ ୧୯୨ ମ୍ୟାଚ୍ ଖେଳି ୧୯୨ ୱିକେଟ୍ ନେଇଛନ୍ତି। ସେହିଭଳି ୨୦୦୬ରେ ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଚାୱଲା ୨୦୧୨ରେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩ଟି ଟେଷ୍ଟ, ୨୫ ଏକଦିବସୀୟ ଓ ୭ ଟି-୨୦ ମ୍ୟାଚ୍ ଖେଳିଥିବା ଚାୱଲା ଯଥାକ୍ରମେ ୭, ୩୨ ଓ ୪ଟି ୱିକେଟ୍ ନେଇଛନ୍ତି।

# ଆଇପିଏଲ୍ ଶ୍ରେଷ୍ଠ ଟିମ୍‌ରେ କୋହଲି, ବୁମ୍‌ରା, ଆୟର

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ରେ ଅନେକ ରୋମାଞ୍ଚକ ମୁକାବିଲା, ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ରେକର୍ଡ ଦେଖିବାକୁ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି। ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ପକ୍ଷରୁ ଚଳିତ ଆଇପିଏଲ୍‌ରେ ଶ୍ରେଷ୍ଠ ଟିମ୍ ଚୟନ କରାଯାଇଛି। ଏଥିରେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଦଳ ଗୁଡିକର ୧୦ଜଣ ଏବଂ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଦଳରୁ ଜଣେ ଖେଳାଳି ରହିଛନ୍ତି। ରନର୍ସ ଅପ୍ ଟିମ୍ ପଞ୍ଜାବ କିଙ୍ଗ୍‌ସର ଶ୍ରେୟସ ଆୟରଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି।

ଦଳର ଦୁଇ ଓପନର ଭାବେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଚାମ୍ପିଅନ ବେଙ୍ଗାଲୁରୁର ବିରାଟ କୋହଲିଙ୍କୁ ଚୟନ କରାଯାଇଛି। ସୁଦର୍ଶନ ୧୫ଟି ମ୍ୟାଚ୍‌ରୁ ୧୫୬.୧୭ ଷ୍ଟ୍ରାଇକ୍‌ରେଟ୍‌ରେ ୭୫୯ ରନ୍ କରିଥିଲେ। ସେହିପରି କୋହଲି ୮ଟି ଅର୍ଦ୍ଧଶତକ ସହ ୧୫ଟି ମ୍ୟାଚ୍‌ରୁ ୧୪୪.୭୧ ହାରରେ ୬୫୭ ରନ୍ କରିଛନ୍ତି। ନଂ-୩ରେ ଜୋଶ ବଟ୍ଲର ୧୩ଟି ମ୍ୟାଚ୍‌ରୁ ୫୩୮, ନଂ-୪ରେ ସୂର୍ଯ୍ୟକୁମାର ଯାଦବ ୧୬ଟି ମ୍ୟାଚ୍‌ରୁ ୧୬୭.୯୧ ହାରରେ ୭୧୭ ରନ୍ କରିଛନ୍ତି। ଦଳର ନେତୃତ୍ୱ ନେବାକୁ ମନୋନୀତ ଶ୍ରେୟସ ଆୟର ୧୭ଟି ମ୍ୟାଚ୍‌ରୁ ୧୭୫.୦୭ ଷ୍ଟ୍ରାଇକ୍ ରେଟ୍‌ରେ ୬୦୪ ରନ୍ କରିଛନ୍ତି। ୱିକେଟ କିପର ଭାବେ ବେଙ୍ଗାଲୁରୁର ଜିତେଶ ଶର୍ମା ରହିଛନ୍ତି। ଦୁଇ ଅଲରାଉଣ୍ଡର ଭାବେ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୫ମ୍ୟାଚ୍, ୨୨୪ରନ୍, ୧୪ ୱିକେଟ), ବେଙ୍ଗାଲୁରୁର କ୍ରୁନାଲ ପାଣ୍ଡ୍ୟା (୧୫ମ୍ୟାଚ୍, ୧୭ୱିକେଟ, ୧୦୯ରନ୍) ରହିଛନ୍ତି। ଏକମାତ୍ର ସ୍ପିନର ଭାବେ ୨୪ଟି ୱିକେଟ ନେଇଥିବା ଚେନ୍ନଇ ସୁପରକିଙ୍ଗ୍‌ସର ନୁର ଅହମ୍ମଦ୍ ରହିଛନ୍ତି। ମୁମ୍ବାଇର ଯଶପ୍ରୀତ୍ ବୁମ୍‌ରା (୧୨ମ୍ୟାଚ୍, ୧୮ ୱିକେଟ), ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା (୧୫ମ୍ୟାଚ୍‌ରେ ୨୫ ୱିକେଟ) ଓ ବେଙ୍ଗାଲୁରୁର ଜୋଶ ହାଜ୍‌ଲେଉଡ୍ (୧୨ ମ୍ୟାଚ୍‌ରେ ୨୨ ୱିକେଟ)ଙ୍କୁ ପେସ୍ ବୋଲର ଭାବେ ନିଆଯାଇଛି।

# ବେକ୍‌ହାମଙ୍କୁ ମିଳିବ 'ନାଇଟ୍' ଉପାଧି

ଲଣ୍ଡନ, ୬।୬ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ମହାନ ଫୁଟ୍‌ବଲ ଖେଳାଳି ଡେଭିଡ୍ ବେକ୍‌ହାମଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିବ। ଫୁଟ୍‌ବଲରେ ଦେଶକୁ ଅତୁଳନୀୟ ଅବଦାନ ଓ ଦାନଶୀଳ କାର୍ଯ୍ୟକ୍ରମ ଲାଗି ୫୦ ବର୍ଷୀୟ ବେକ୍‌ହାମଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ବ୍ରିଟେନର ରାଜା ଚାର୍ଲସ ତୃତୀୟ ତାଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ବେକ୍‌ହାମଙ୍କ ନାମକୁ ସାମିଲ କରିଛନ୍ତି। ଆସନ୍ତା ସପ୍ତାହରେ ରାଜା ଚାର୍ଲସ ତୃତୀୟଙ୍କ ଜନ୍ମଦିବସ ଅବସରରେ ଏହି ନାଇଟ୍ ଉପାଧି



ବେକ୍‌ହାମଙ୍କୁ ମିଳିବ। ଫଳରେ ବେକ୍‌ହାମଙ୍କ ନାମ ପୂର୍ବରୁ ଏବେ 'ସାର୍' ଯୋଡ଼ିହେବ। ପୂର୍ବରୁ ଇଂଲଣ୍ଡ କ୍ରୀଡ଼ା ଜଗତରୁ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ପ୍ରଶିକ୍ଷକ ଆଲେକ୍ସ ଫର୍ଗୁସନ, ବ୍ରିଟେନ ଟେନିସ ଖେଳାଳି ଆଣ୍ଡି ମୁରେଙ୍କୁ 'ନାଇଟ୍' ଉପାଧି ମିଳିଥିଲା। ବେକ୍‌ହାମ ଇଂଲଣ୍ଡ ପାଇଁ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ୍ ଦେଇଥିଲେ।

## ■ ଅରବିନ୍ଦ ସ୍ମାରକୀ କ୍ରିକେଟ

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ

ଭୁବନେଶ୍ୱର,୬।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍‌ସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ହେବାକୁ ଥିବା ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାର ବିଜେତା ସହ ରବିବାର ରାଇଜିଂ ଷ୍ଟୁଡେଣ୍ଟ୍‌ସ ଫାଇନାଲ ଖେଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ୍‌ସ ୬ ୱିକେଟରେ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୧୦୪, ଅମିନ ଖାନ୍ ୭୪ ଓ ବିକ୍ରମ ସାମଲ ଅପରାଜିତ ୫୩ ରନ୍ କରିଥିଲେ। ଜବାବରେ ୟୁନିଅନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ରାଜୀବ ଲୋଚନ ସାହୁ ୫୧ ଓ ବିଶ୍ୱଜିତ ପ୍ରଧାନ ୩୩ ରନ୍ କରି କିଛିଟା ପ୍ରତିରୋଧ କରିଥିଲେ। ଅମିନ ଖାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବିଏଏ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର।




## ୱାଲଟର୍ ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ

ୱେଲିଂଟନ, ୬।୬ (ଏଜେନ୍ସି): ରବ୍ ୱାଲଟର୍ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଗ୍ୟାରୀ ଷ୍ଟେଡ୍‌ଙ୍କ ସ୍ଥାନରେ ସେ ତିନୋଟି ଯାକ ଫର୍ମାଟ୍‌ରେ ନ୍ୟୁଜିଲାଣ୍ଡର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଗୁରୁ ଦାୟିତ୍ୱ ତୁଲାଇଥିବା ୪୯ ବର୍ଷୀୟ ୱାଲଟର୍ ଆଗାମୀ ୩ ବର୍ଷ ଅର୍ଥାତ୍ ୨୦୨୮ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହି ସମୟରେ ଏକଦିବସୀୟ ବିଶ୍ୱକପ୍, ୨୦୨୬ ଓ ୨୦୨୮ ଟି-୨୦ ବିଶ୍ୱକପ୍ ଖେଳାଯିବ। ସେହିଭଳି ୧୦୦ ବର୍ଷ ପରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଛି। ତାଙ୍କ ପ୍ରଶିକ୍ଷଣରେ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ ଖେଳିବାର ସୁଯୋଗ ରହିଛି। ୱାଲଟର୍ ଦକ୍ଷିଣ ଆଫ୍ରିକାର ପ୍ରଶିକ୍ଷକ ଥିବାବେଳେ ଦଳ ୨୦୨୩ ବିଶ୍ୱକପ୍ ସେମିଫାଇଡ଼ାଲ, ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ଓ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା।

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଦିବ୍ୟାଂଶୁଙ୍କୁ ୫ ୱିକେଟ; କଟକ-ବି ବିଜୟୀ

କଟକ,୬।୬(ସମିସ):

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଶୁକ୍ରବାର କଟକ-ବି ୫ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନୁଗୋଳ ଦଳ ଟସ୍ ଜିତି ସମସ୍ତ ୱିକେଟ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟ ବେହେରା ୨୮ ଏବଂ ସୌମ୍ୟ ସିଂହ ୨୫ ରନ ସଂଗ୍ରହ କରିଥିଲେ। କଟକ-ବି'ର ଦିବ୍ୟାଂଶୁ ନାୟକ ୪୦ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଅଭିଷେକ ସେନାପତିଙ୍କୁ ୩ଟି ୱିକେଟ ମିଳିଥିଲା। ୨୬.୪ ଓଭରରେ



ଦିବ୍ୟାଂଶୁ ନାୟକ



ଧୀରଜ କୁମାର ମାଝୀ



ମୌସମରାଜ ନାଗ୍

କଟକ-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଭିଷେକ କାଳିଆ ସର୍ବାଧିକ ୩୭ ରନ କରିଥିଲେ। ୫ ୱିକେଟ ସଫଳତା ପାଇଥିବା ଦିବ୍ୟାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ବଲାଙ୍ଗୀର ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ସମସ୍ତ ୱିକେଟ ହରାଇ ମାତ୍ର ୯୬ରନ କରିଥିଲା। ବଲାଙ୍ଗୀରର ମୌସମରାଜ ନାଗ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ଭବ୍ୟ ପଧାରିଆଙ୍କ ୪୬ ଏବଂ ସମରପ୍ରୀତ ପଟେଲଙ୍କ ୪୨ ରନର ଅପରାଜିତ ପାଳି ବଳରେ ବଲାଙ୍ଗୀର ସହଜ ବିଜୟ ହାସଲ କରିଥିଲା। ମୌସମରାଜ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୭ ୱିକେଟରେ ଗଜପତିକୁ ପରାସ୍ତ କରିଥିଲା। ୪ ୱିକେଟ ଅକ୍ତିଆର କରିଥିବା ବିଜୟୀ ଦଳର ଆୟୁଷ ସୋନିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ଼ ୭ ୱିକେଟରେ ମୟୂରଭଞ୍ଜକୁ, କୋରାପୁଟ ୧୯ ରନରେ ଜଗତସିଂହପୁରକୁ, ମାଲକାନଗିରି ୧ ୱିକେଟରେ ଦେବଗଡ଼କୁ ହରାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ (୪ ୱିକେଟ୍) ଓ ମାଲକାନଗିରିର ସାନା ଶ୍ରେୟାସ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS